

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-248 ♦SATURDAY ♦07 MARCH 2026 ♦PAGE-12 ♦₹ 7.00

JEYPORE

♦ବର୍ଷ-୪୩ ♦ସଂଖ୍ୟା-୨୪୮ ♦ଶନିବାର ♦୦୭ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଯୁଦ୍ଧ ଜିଦ୍‌ରେ ଜଳୁଛି ମଧ୍ୟପ୍ରାଚ୍ୟ

## ଆତ୍ମସମର୍ପଣ ଶେଷ ରାସ୍ତା: ଆମେରିକା







## ଶେଷ ଗୁଳି ଥିବା ପର୍ଯ୍ୟନ୍ତ ଲଢ଼ିବୁ: ଇରାନ

■ ୱାସିଂଟନ, ୬।୩ (ଏଜେନ୍ସି): ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ ଥମିବାର ନା ଧରୁନି। ଯୁଦ୍ଧ ଜିଦ୍‌ରେ ମଧ୍ୟପ୍ରାଚ୍ୟ ଜଳୁଛି। ଇରାନ ଉପରେ ଦୁଇ ଦେଶ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଅସ୍ତ୍ରଶସ୍ତ୍ର ଭଣ୍ଡାରଠାରୁ ନେଇ ରାଷ୍ଟ୍ରପତି ଭବନକୁ ବି ଇସ୍ରାଏଲ ଛାଡୁନାହିଁ। ଇରାନ ମଧ୍ୟ ଏହି ଦୁଇ ଦେଶକୁ ଦୃଢ଼ ଜବାବ ଦେଇଚାଲିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକାର ସେନା ଘାଟୀକୁ ନିଶାଣ କରି ତୁହାକୁ ତୁହା ଆକ୍ରମଣ ଜାରି ରଖିଛି। ଏଭଳି ଆକ୍ରମଣ ଉପସାଗରୀୟ ଦେଶଗୁଡ଼ିକ ପାଇଁ ସୁରକ୍ଷା ସଙ୍କଟ ସୃଷ୍ଟି କରିଛି।

### ଖାମେନେଇଙ୍କ ପୁଅ ଗ୍ରହଣୀୟ ନୁହେଁ; ଶୀର୍ଷ ନେତା ମନୋନୟନରେ ଆମେରିକାର ଭୂମିକା ଜରୁରୀ

ବିଶ୍ୱରେ ଶକ୍ତି ସୁରକ୍ଷା ଘନଉ ଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥିର ହୋଇଯାଇଛନ୍ତି। ଇରାନ ଆକ୍ରମଣ ପାଇଁ ନିଜ ଦେଶରେ ବିରୋଧର ସମ୍ମୁଖୀନ ହେଉଥିବା ଟ୍ରମ୍ପଙ୍କୁ ଉପସାଗରୀୟ ଦେଶଗୁଡ଼ିକ ବି ଭରସା କରିପାରୁ ନାହାନ୍ତି। ଏହି ଦେଶଗୁଡ଼ିକ ଆମେରିକାର କ୍ଷମତା ଉପରେ ପ୍ରଶ୍ନ ଉଠାଇବା ସହ ଯୁଦ୍ଧ ବନ୍ଦ ପାଇଁ ଆମେରିକା ଉପରେ ଚାପ ପକାଇ ଚାଲିଛନ୍ତି। ଯଦି ଯୁଦ୍ଧ ତୁରନ୍ତ ବନ୍ଦ ନ ହୁଏ, ତେବେ ଉପସାଗରୀୟ ଦେଶଗୁଡ଼ିକ ଉପରୁ ବିଶ୍ୱବାସୀ ଆସ୍ଥା ହରାଇ ଦେବେ। ଅନ୍ୟପକ୍ଷରେ ଇରାନ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ନିଷ୍ପତ୍ତିକୁ ପୂର୍ବରୁ ସିନେଟ୍ ସମର୍ଥନ ଦେଇଥିବା ବେଳେ ୟୁଏସ୍ କଂଗ୍ରେସ ମଧ୍ୟ ଏହି ନିଷ୍ପତ୍ତିକୁ କାଏମ ରଖିଛି।

ଅନ୍ୟପକ୍ଷରେ ଇରାନର ଶୀର୍ଷ ନେତୃତ୍ୱ ପଦରେ ଖାମେନେଇଙ୍କ ପୁଅକୁ ଆମେରିକା ଅଗ୍ରାହ୍ୟ କରିଛି। ଟ୍ରମ୍ପ କହିଛନ୍ତି ଯେ ମୋ ବିନା ଇରାନ ନୂଆ ସର୍ବୋଚ୍ଚ ନେତା ବାଛିବା ଅନୁଚିତ। ଏପରି କହି ସେ ପୁଣିଥରେ ଇରାନକୁ ଧମକ ଦେଇଛନ୍ତି। ଅସ୍ତ୍ରବିରତି ପାଇଁ କହିବା ସହିତ ଆତ୍ମସମର୍ପଣ କର; ନଚେତ ମର ବୋଲି ଇରାନ ସେନା ଆଇଆରଜିସିକୁ ଟ୍ରମ୍ପ କହିବା ସହ ସ୍ଥଳ ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ମାତ୍ର ଟ୍ରମ୍ପଙ୍କ ଏହି ଧମକରେ ଇରାନ ଡରି ଯାଇନାହିଁ। ଯୁଦ୍ଧ ଆମେ ଆରମ୍ଭ କରିନୁ; ତେଣୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଇରାନ ବିଦେଶମନ୍ତ୍ରୀ ଆବାସ ଅରାଗଛି କହିଛନ୍ତି। ସେ କହିଛନ୍ତି ଆମେ ଯେତେବେଳେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲୁ, ସେତେବେଳେ ଟ୍ରମ୍ପ ରାଜି ନ ଥିଲେ। ଆମେ ବି ଅସ୍ତ୍ରବିରତି ପାଇଁ ଅନୁରୋଧ କରିନୁ। ତେଣୁ ଆଲୋଚନାର ପ୍ରଶ୍ନ ଉଠୁନାହିଁ। ଆମେରିକାକୁ ଜବାବ ଦେବାକୁ ଆମେ ପ୍ରସ୍ତୁତ ଅଛୁ। ସ୍ଥଳ ▶ପୃଷ୍ଠା-୭

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଯୁଦ୍ଧ ମଧ୍ୟରେ ଦିଲ୍ଲୀରେ ଜାରି 'ରାଇସିନା ଡାଇଲଗ୍-୨୦୨୬'ରେ ସାମିଲ ହୋଇଛନ୍ତି ଇରାନ ଉପ ବିଦେଶମନ୍ତ୍ରୀ ସୈଇଦ ଖତିବଜାଦେହ। ସେ ଭାରତରୁ ରଣ ହୁଙ୍କାର ଦେଇ ଆମେରିକା ଉପରେ ବର୍ଷିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ଶେଷ ଗୁଳି ଥିବା ପର୍ଯ୍ୟନ୍ତ ଇରାନ ଲଢ଼ିବ ବୋଲି ସେ ଦମ୍ଭ ଦେଖାଇଛନ୍ତି। ଦେଶର ସର୍ବୋଚ୍ଚ ନେତା ଚୟନରେ ହସ୍ତକ୍ଷେପ ଚାହୁଁଥିବା ଟ୍ରମ୍ପଙ୍କୁ ମଧ୍ୟ କଡ଼ା ବାର୍ତ୍ତା ଦେଇଛନ୍ତି। ନ୍ୟୁୟର୍କ ମେୟର ନିଯୁକ୍ତି କରିପାରୁ ନ ଥିବା ବ୍ୟକ୍ତି ଇରାନ କେମିତି ବାଛିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଖତିବଜାଦେହ କହିଛନ୍ତି ଯେ ଆମେରିକା-ଇସ୍ରାଏଲ ବିରୋଧରେ ଦେଶ ସାହସର ସହ ଲଢ଼ିବ। ଏହା ବ୍ୟତୀତ ଦେଶ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ଦେଶରେ ଶେଷ ସୈନିକ ଏବଂ ଗୁଳି ଥିବା ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ଶପଥ ନେଇଛୁ।

### "ନ୍ୟୁୟର୍କ ମେୟର ନିଯୁକ୍ତ କରିପାରୁ ନଥିବା ଟ୍ରମ୍ପ ଆମ ନେତା କେମିତି ବାଛିବେ"

ଟ୍ରମ୍ପଙ୍କୁ ନେଇ ଇରାନ ଉପବିଦେଶମନ୍ତ୍ରୀ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ନେତୃତ୍ୱ ପରିବର୍ତ୍ତନ କଥା ବାରମ୍ବାର କହି ଚାଲିଛନ୍ତି। ମାତ୍ର ସେ ନ୍ୟୁୟର୍କ ମେୟରଙ୍କୁ ବି ନିଯୁକ୍ତି କରିପାରୁନାହାନ୍ତି। ଏହା ଟ୍ରମ୍ପଙ୍କ ଉପନିବେଶବାଦର ଛବିକୁ ଦର୍ଶାଉଛି। ସେ ନିଜ ଦେଶର ଗଣତନ୍ତ୍ର କଥା କହୁଛନ୍ତି, କିନ୍ତୁ ଇରାନର ଗଣତାନ୍ତ୍ରିକ ସରକାର ଭୁଶୁଡ଼ାଇବାକୁ ଚାହୁଛନ୍ତି। ଏବେ ଇରାନ ସମ୍ପୂର୍ଣ୍ଣ ଯୁଦ୍ଧ ସ୍ଥିତି ଦେଇ ଗତି କରୁଛି। ଇରାନ ନାଗରିକଙ୍କ ଉପରେ ଆମେରିକା ଏବଂ ଇସ୍ରାଏଲ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଆକ୍ରମଣକାରୀଙ୍କୁ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେଉ ବୋଲି ମୁଁ ଚାହୁଁଛି। ଯଦି କୌଣସି ଦେଶ ଅନ୍ୟ ଦେଶର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରେ ଏବଂ ଏହାର ସାଧାରଣ ପ୍ରକ୍ରିୟା ପାଲଟି ଯାଏ, ତେବେ ଦେଶ ଦେଶ ମଧ୍ୟରେ କୂଟନୈତିକ ସମ୍ବନ୍ଧ ରଖିବା କଠିନ ହୋଇଯିବ।


ଆମେରିକାର ସମ୍ଭାବ୍ୟ ସ୍ଥଳସେନାର ଆକ୍ରମଣକୁ ନେଇ ଖତିବଜାଦେହ କହିଛନ୍ତି ଯେ କୌଣସି ବି ଉପନିବେଶ ଅଭିଯାନକୁ ରୋକିବା ପାଇଁ ପ୍ରସ୍ତୁତ। ନିଜ ଦେଶର ରାଜନୈତିକ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ହେଉଥିବା ଯେକୌଣସି ପ୍ରୟାସକୁ ଇରାନ ଜୋରଦାର ବିରୋଧ କରିବ। ଇରାନର କୁର୍ଦ୍ଦ ସମୁଦାୟକୁ ବିଚ୍ଛିନ୍ନତାବାଦୀଙ୍କ ସହ ଯୋଡ଼ି ଦେଖିବା ଅନୁଚିତ।

## ୟୁପିଏସ୍‌ସି ପରୀକ୍ଷା ଫଳ

# ଦେଶରେ ଅନୁଜ, ରାଜ୍ୟରେ ସାତ୍ୱିକ ଟପ୍ପର



ଅନୁଜ



ସାତ୍ୱିକ୍

■ ଭୁବନେଶ୍ୱର, ୬।୩ (ସମିସ): କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୋଟ୍ ୯୫୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସର୍ବଭାରତୀୟସ୍ତରରେ ଅନୁଜ ଅଗ୍ନିହୋତ୍ରୀ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ରାଜେଶ୍ୱରୀ ସୁଭେ, ତୃତୀୟରେ ଅକାଂଶ ଧୂଲ୍, ଚତୁର୍ଥରେ ଇଶାନ ଭଟ୍ଟନାଗର, ପଞ୍ଚମରେ ଜିନିଆ ଅରୋରା ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ଓଡ଼ିଶାର ସାତ୍ୱିକ୍ ସତ୍ୟକାମ ଦେବତା ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନ ସହିତ ରାଜ୍ୟ ଟପ୍ପର ହୋଇଛନ୍ତି। ଏହା ସହ ରାଜ୍ୟରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ମେଧା ତାଲିକାରେ ସ୍ଥାନ ପାଇଛନ୍ତି।

**ମେଧା ତାଲିକାରେ ଓଡ଼ିଶାରୁ ୧୩ ପରୀକ୍ଷାର୍ଥୀ**

ଏମସ୍ ଯୋଧପୁରରୁ ଏମ୍‌ବିବିଏସ୍ କରିଥିବା ଅନୁଜ ତାଙ୍କର ତୃତୀୟ ପ୍ରୟାସରେ ଏହି ସଫଳତା ପାଇଛନ୍ତି। ସମ୍ପ୍ରତି ସେ ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ୍ ପ୍ରୋବେସନର ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୩ ମସିହାରେ ଏମ୍‌ବିବିଏସ୍ ସାରିବା ପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେଠାରୁ ଏବେ ମଧ୍ୟରେ ତୃତୀୟ ପ୍ରୟାସରେ ଏହି ସଫଳତା ଅର୍ଜନ କରିଛନ୍ତି।

ଓଡ଼ିଶାରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ୧୦୦ ତମ ସ୍ଥାନରେ ଥିବା ସାତ୍ୱିକ୍ ସତ୍ୟକାମ ଦେବତା ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଛାତ୍ର ହୋଇଥିବାବେଳେ ଏହି ଶିକ୍ଷାନୁଷ୍ଠାନର ଅମୃତ ▶ପୃଷ୍ଠା-୭

# ବିକାଶ ପଥରେ ଆଗଉଛି ଓଡ଼ିଶା: ଶାହ

## ୩୨୭୫ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

■ ଭୁବନେଶ୍ୱର, ୬।୩ (ସମିସ): ଦିନିକିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ ପାରାଦ୍ୱୀପରେ ଇଫ୍‌କୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ ସହ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହା ବଡ଼ମ୍ବା ଓ ନୟାଗଡ଼ ଚିନିକଳର ପୁନରୁଦ୍ଧାର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଶୁଭ ଉଦ୍‌ଘାଟନ ସହ ଓଡ଼ିଶାରେ ଫରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି ଯେ ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ ଲକ୍ଷ୍ୟରେ ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି। ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଥିବା ସେ କହିଛନ୍ତି। ▶ପୃଷ୍ଠା-୭



**ପାରାଦ୍ୱୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ**

**ବଡମ୍ବା ଓ ନୟାଗଡ଼ ଚିନିକଳ ପୁନରୁଦ୍ଧାର ନିମନ୍ତେ ପ୍ରତିଶ୍ରୁତି**

**ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଉଦ୍‌ଘାଟନ**

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

# ନ୍ୟୁଜ୍ ଚ୍ୟାନେଲ ଟିଆର୍‌ପି ୪ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ- ଇରାନ ଯୁଦ୍ଧ ସମୟରେ ପ୍ରମୁଖ ନ୍ୟୁଜ ଚ୍ୟାନେଲଗୁଡ଼ିକର ଉତ୍ତେଜନାପୂର୍ଣ୍ଣ ପ୍ରସାରଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି କାରଣରୁ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟିଆରପି (ଟେଲିଭିଜନ ରେଟିଂ ପଏଣ୍ଟ) ୪ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ମନ୍ତ୍ରଣଳୟ ଲକ୍ଷ କରିଛି ଯେ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତିକୁ ନେଇ କିଛି ନ୍ୟୁଜ ଚ୍ୟାନେଲ ଅତ୍ୟଧିକ ସମ୍ବେଦନଶୀଳ ଓ କଳ୍ପନାଜଳ୍ପନାମୂଳକ ଖବର ପ୍ରସାରଣ କରୁଛନ୍ତି। ଏହା ସାଧାରଣ ଜନତା ବିଶେଷ କରି ସେହି ଅଞ୍ଚଳରେ ରହୁଥିବା କିମ୍ବା ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିପାରେ। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି, ମନ୍ତ୍ରଣାଳୟ ବିଏଆରସି (ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ)କୁ ନିର୍ଦ୍ଦେଶ ଦେଇଛି ଯେ, ନ୍ୟୁଜ ଚ୍ୟାନେଲଗୁଡିକର ଟିଆରପି ପ୍ରକାଶ କରିବାକୁ ତୁରନ୍ତ ବନ୍ଦ କରାଯାଉ। ଏହି କଟକଣା ଆସନ୍ତା ୪ ସପ୍ତାହ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ (ଯାହା ପ୍ରଥମେ ହେବ) ବଳବତ୍ତର ରହିବ।

## ନେପାଳ ନିର୍ବାଚନ: ଭାରତବିରୋଧୀ ଓଲିଙ୍କୁ ଝଟ୍‌କା

# ବାଲେନ୍ ଶାହାଙ୍କ ଆର୍‌ଏସ୍‌ପି ଆଗରେ

■ କାଠମାଣ୍ଡୁ, ୬।୩ (ଏଜେନ୍ସି): ନେପାଳ ସାଧାରଣ ନିର୍ବାଚନରେ ଫଳାଫଳ ଚକିତ କରିଦେଇଛି। ମାତ୍ର ୪ ବର୍ଷ ତଳେ ୨୦୨୨ରେ ଗଠନ ହୋଇଥିବା ଦଳ ସରକାର ଗଠନ ଦିଗରେ ଅଗ୍ରସର ହେଉଛି। ର୍‍ୟାପର ତଥା କାଠମାଣ୍ଡୁ ମେୟର ବାଲେନ ଶାହାଙ୍କ ଏହି ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ନେତୃତ୍ୱ ନେଉଛନ୍ତି। ବିଳମ୍ବିତ ରାତି ସୁଦ୍ଧା ଭୋଟ ଗଣତି ଜାରି ରହିଥିବାବେଳେ ୧୬୫ରୁ ୧୫୦ ଆସନର ଫଳାଫଳ ଆସି ସାରିଛି। ଏଥିରୁ ୧୧୧ଟି ଆସନରେ ଆରଏସପି ଆଗୁଆ ରହିଛି। ବାଲେନ ଶାହା ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସେହିପରି ଗଗନ ଥାପାଙ୍କ ପାର୍ଟି ନେପାଳ କଂଗ୍ରେସ ୧୦ ସିଟ୍‌ରେ ଆଗୁଆ ଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ବିରୋଧୀ ଆଭିମୁଖ୍ୟ ଭାବେ ପରିଚିତ କେପି ଶର୍ମା ଓଲିଙ୍କ କମ୍ୟୁନିଷ୍ଟ ପାର୍ଟି ଅଫ ନେପାଳ ମାତ୍ର ୧୧ଟି ଆସନରେ ଆଗରେ ଅଛି। କେପି ନିଜେ ବାଲେନ ଶାହାଙ୍କଠାରୁ ପରାସ୍ତ ହୋଇପାରନ୍ତି। ଝାପା-୫ ଆସନରୁ ଓଲି ୫,୨୬୧ ଭୋଟରେ ପଛରେ ଅଛନ୍ତି। ୨୦୧୭ ଏବଂ ୨୦୨୨ରେ ସେ ଏହି ଆସନରୁ ବିଜୟୀ ହୋଇଥିଲେ।

ଗତ ବର୍ଷ ହୋଇଥିବା ହିଂସ୍ରକ ବିକ୍ଷୋଭ ପ୍ରଦର୍ଶନ ପରେ ଗୁରୁବାର ନେପାଳରେ ନିର୍ବାଚନ ହୋଇଥିଲା। ଏଥିରେ ୬୦ ପ୍ରତିଶତରୁ ଅଧିକ ଲୋକ ଭୋଟ ଦେଇଥିଲେ। ଏହି ଭୋଟ ଗଣତି ଶେଷ ହେବାକୁ ତିନିରୁ ଚାରି ଦିନ ସମୟ ଲାଗିପାରେ। ୯ ତାରିଖ ସୁଦ୍ଧା ଗଣତି ଶେଷ କରିବାକୁ ପ୍ରୟାସ କରାଯାଉଛି ବୋଲି ନିର୍ବାଚନ କମିଶନ କହିଛନ୍ତି।


SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
Computer Science and Engineering (AI and ML)
Computer Science and Engineering (Cyber Security)
Computer Science and Engineering (Data Science)
Computer Science and Engineering (Internet of Things)
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in


# ମଧ୍ୟପ୍ରାଚ୍ୟ ଅସ୍ଥିରତା: ଟଙ୍କା ଦୁର୍ବଳ, ତେଲ ସଙ୍କଟ

## ବଜାରକୁ ୧.୧୦ ଲକ୍ଷ କୋଟି ଛାଡ଼ିଲା ଆର୍‌ବିଆଇ

■ ନୂଆଦିଲ୍ଲୀ,୬।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଟଙ୍କା ମୂଲ୍ୟରେ ଆହୁରି ଅଧିକ ହ୍ରାସକୁ ରୋକିବା ଲାଗି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇ ଏହି ସପ୍ତାହରେ ବଜାରକୁ ପ୍ରାୟ ୧୨ ବିଲିୟନ (ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କା) ଛାଡିଛି। ସୂଚନାନୁଯାୟୀ , ରିଜର୍ଭ ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଡଲାର ବିକ୍ରି କରି ଟଙ୍କାର ହ୍ରାସକୁ ରୋକିବାକୁ ଚେଷ୍ଟା କରିଛି। ଆଜିର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୬ ପଇସା ହ୍ରାସ ଘଟି ୯୧.୭୦ ଟଙ୍କାରେ ବନ୍ଦ ହୋଇଛି।




ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣର ୭ମ ଦିନରେ ପହଞ୍ଚିଛି। ଏହି ଆକ୍ରମଣ ପରେ ଇରାନ ୟୁଏଇ ସମେତ ଅନେକ ଉପସାଗରୀୟ ଦେଶରେ ବଡ଼ ଧରଣର କ୍ଷୟକ୍ଷତି ହୋଇଛି। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ଏହି ଉତ୍ତେଜନା ବିଶ୍ୱ ବଜାରରେ ପ୍ରତିଫଳିତ ହେଉଛି। ଯୁଦ୍ଧ ଯୋଗୁଁ ▶ପୃଷ୍ଠା-୭

**ଆମେରିକା ଦେଲା ଅନୁମତି**

## ରୁଷ୍‌ରୁ ତେଲ କିଣିବ ଭାରତ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧିର ସଙ୍କଟର ବର୍ତ୍ତମାନ ପାଇଁ ସମାଧାନ ହୋଇଛି। କାରଣ ଭାରତ ରୁଷରୁ ଅଶୋଧିତ ତୈଳ କ୍ରୟ ପାଇଁ ଆମେରିକାଠାରୁ ଏକ ସର୍ତ୍ତମୂଳକ ଛାଡ ପାଇଛି। ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନାରୀଗୁଡ଼ିକୁ ୩୦ ଦିନର ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରିଛି, ଯାହା ଏପ୍ରିଲ ୩ପର୍ଯ୍ୟନ୍ତ ବୈଧ। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଆଜି କହିଛନ୍ତି ଯେ ଏହି ଅସ୍ଥାୟୀ ପଦକ୍ଷେପ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶକ୍ତି ଏଜେଣ୍ଡାର ଏକ ଅଂଶ। ଯେହେତୁ ଭାରତ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଏବଂ ବିଶ୍ୱ




ବଜାରରେ ସ୍ଥିର ତୈଳ ଯୋଗାଣ ବଜାୟ ରଖିବା ପାଇଁ ଏହି ଛାଡ ଦିଆଯାଇଛି। ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ▶ପୃଷ୍ଠା-୭




ସକାଳ THE SAKALA
www.sakalaepaper.com

## ଶାନ୍ତି ପାଇଁ ସୁଯୋଗ ଦିଆଯାଉ: ଜାତିସଂଘ

ନ୍ୟୁୟର୍କ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧର ବିଭୀଷିକା ଓ ସଂଘର୍ଷକୁ ନେଇ ମିଳିତ ଜାତିସଂଘର ମାନବାଧିକାର ମୁଖ୍ୟ ଭୋଲକର ତୁର୍କ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ସଂଘର୍ଷରତ ଥିବା ସବୁ ଦେଶଗୁଡ଼ିକୁ ଉତ୍ତେଜନା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ତୁର୍କ କହିଛନ୍ତି ଯେ ବର୍ତ୍ତମାନର ଏହି ଅଗ୍ନି ସଦୃଶ ସଂଘର୍ଷକୁ ନିୟନ୍ତ୍ରଣ କରିବା ଏବଂ ଲିଭାଇବା ପାଇଁ ବିଶ୍ୱକୁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ସଂଘର୍ଷ କମିବା ପରିବର୍ତ୍ତେ ଆମେ କେବଳ ଉତ୍ତେଜନାମୂଳକ ଭାଷଣ, ବୋମା ବିସ୍ଫୋରଣ, ବିନାଶ, ହତ୍ୟା ଓ ଯୁଦ୍ଧ ବଢ଼ାଇବା ଘଟଣା ଦେଖୁଛୁ। ସେ ସଂଘର୍ଷରତ ସବୁ ଦେଶଗୁଡ଼ିକୁ ତୁରନ୍ତ ଯୁଦ୍ଧ ଉନ୍ମାଦନା କମାଇବା ଓ ଶାନ୍ତି ପାଇଁ ଗୋଟିଏ ସୁଯୋଗ ଦେବାକୁ ନିବେଦନ କରିଛନ୍ତି। ସେହିପରି ସେ ଅନ୍ୟ ଦେଶଗୁଡ଼ିକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ସେମାନେ ସଂଘର୍ଷରେ ଜଡ଼ିତ ପକ୍ଷମାନଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ସ୍ପଷ୍ଟ ଚେତାବନୀ ଦିଅନ୍ତୁ।

## ମଶହଦରେ ଖାମେନେଇଙ୍କୁ ସମାଧି ଦିଆଯିବ

ତେହେରାନ, ୬।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତିମ ସଂସ୍କାର ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ତାଙ୍କୁ ମଶହଦ ସହରରେ ସାମାଧି ଦିଆଯିବ। ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଫାର୍ସ' ଅନୁଯାୟୀ, ତାଙ୍କୁ ଇମାମ ରାଜାଙ୍କ ଦରଗାହ ନିକଟରେ କବର ଦିଆଯିବ। ତେବେ ସମାଧି ଦେବାର ଦିନ ଓ ତାରିଖ ଧାର୍ଯ୍ୟ ହୋଇନାହିଁ। ୧୯୩୯ରେ ଖାମେନେଇଙ୍କ ଜନ୍ମ ଏହି ସହରରେ ହୋଇଥିଲା। ଖାମେନେଇଙ୍କ ଅନ୍ତିମ ସଂସ୍କାର ପରେ ଇରାନର ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କ ନାମ ଘୋଷଣା କରାଯିବ। ଇରାନର 'ଅସେମ୍ବ୍ଲି ଅଫ୍ ଏକ୍ସପର୍ଟସ' (୮୮ ଜଣିଆ ସଦସ୍ୟ ବିଶିଷ୍ଟ କମିଟି) ଦ୍ୱାରା ଏହି ଚୟନ ପ୍ରକ୍ରିୟା ଚାଲିଛି। କିଛି ରିପୋର୍ଟ ଅନୁଯାୟୀ, ଆଇଆରଜିସି ଚାପରେ ଖାମେନେଇଙ୍କ ପୁଅ ମୋଜତାବାଙ୍କୁ ପରବର୍ତ୍ତୀ ନେତା ଭାବେ ବଛାଯାଇଥିବା ଚର୍ଚ୍ଚା ହେଉଛି। ଗତ ୨୮ ତାରିଖରେ ଆମେରିକା- ଇସ୍ରାଏଲର ମିଳିତ ଆକ୍ରମଣରେ ଖାମେନେଇଙ୍କର ମୃତ୍ୟୁ ହୋଇଥିଲା।

## ଇୟୁର ବୈଠକ ବାତିଲ କିମ୍ବା ଆଭାସୀ ହେବ: ସାଇପ୍ରସ


ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଇରାନକୁ ନେଇ ଚାଲିଥିବା ଯୁଦ୍ଧ ଓ ବର୍ତ୍ତମାନର ଅସ୍ଥିରତା ଓ ସଙ୍କଟକୁ ଦୃଷ୍ଟିରେ ରଖି ସାଇପ୍ରସ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ମାସରେ ସାଇପ୍ରସରେ ହେବାକୁ ଥିବା ୟୁରୋପୀୟ ୟୁନିୟନ (ଇୟୁ)ର ସମସ୍ତ ବୈଠକ ଏବେ ଭର୍ଚୁଆଲ ଅର୍ଥାତ ଅନଲାଇନ୍ ବା ଆଭାସୀ ଭାବେ ହେବ କିମ୍ବା ସ୍ଥଗିତ ରଖାଯିବ ବୋଲି କୁହାଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ତେଣୁ ସମସ୍ତ ଅଂଶଗ୍ରହଣକାରୀ ସୁରକ୍ଷିତ ଭାବେ ଏହି ବୈଠକରେ ଯୋଗ ଦେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଯେପରି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ବୈଠକଗୁଡ଼ିକୁ ଭର୍ଚୁଆଲ କିମ୍ବା ନୂତନ ତାରିଖରେ ଆୟୋଜନ କରିବାକୁ ଯୋଜନା କରାଯାଇଛି।

## ଇହୁଦି ସମ୍ପ୍ରଦାୟ ଉପରେ ଗୁଇନ୍ଦାଗିରି ସନ୍ଦେହରେ ବ୍ରିଟେନରେ ୪ ଇରାନୀ ଗିରଫ

ଲଣ୍ଡନ, ୬।୩(ଏଜେନ୍ସି): ଲଣ୍ଡନର ଇହୁଦି ସମ୍ପ୍ରଦାୟ ଉପରେ ଗୁଇନ୍ଦାଗିରି ଓ ସେମାନଙ୍କ ବିଭିନ୍ନ ସ୍ଥାନ ଉପରେ ନଜର ରଖିଥିବା ଅଭିଯୋଗରେ ବ୍ରିଟିଶ ପୁଲିସ ୪ ଜଣ ଇରାନୀ ମୂଳର ନାଗରିକଙ୍କୁ ଗିରଫ କରିଛି। ଏହି ୪ ଜଣଙ୍କ ମଧ୍ୟରୁ ଜଣେ ଇରାନୀ ନାଗରିକ ଏବଂ ଅନ୍ୟ ୩ଜଣ ବ୍ରିଟିଶ-ଇରାନୀ ଦ୍ୱୈତ ନାଗରିକତା ହାସଲ କରିଛନ୍ତି। ସେମାନଙ୍କ ବୟସ ୨୨ରୁ ୫୫ ବର୍ଷ ମଧ୍ୟରେ ରହିଛି। ଉତ୍ତର ଲଣ୍ଡନର ବାର୍ନେଟ ଓ ଲଣ୍ଡନଠାରୁ ୨୪ କିମି ଦୂରରେ ଥିବା ୱାଟଫୋର୍ଡ ନାମକ ସ୍ଥାନରୁ ସେମାନଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଆଉ ୬ ଜଣଙ୍କୁ ମଧ୍ୟ ପୁଲିସ ହେପାଜତକୁ ନେଇଛି ଓ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି। ପୁଲିସର କହିବା ଅନୁଯାୟୀ, ଏହା ଏକ ଦୀର୍ଘଦିନ ଧରି ଚାଲିଥିବା ତଦନ୍ତର ଅଂଶ। ସନ୍ଦେହ କରାଯାଉଛି ଯେ ଇହୁଦୀ ସ୍ଥାନ ଓ ବ୍ୟକ୍ତିବିଶେଷଙ୍କ ଉପରେ ଗୁଇନ୍ଦାଗିରି ମାମଲାଟି ଇରାନ ଉପରେ ହୋଇଥିବା ଆମେରିକା ଓ ଇସ୍ରାଏଲର ଆକ୍ରମଣ ପୂର୍ବରୁ ଆରମ୍ଭ ହୋଇଥିଲା।

## କାନାଡ଼ାରେ ପଞ୍ଜାବୀ ୟୁଟ୍ୟୁବର ନ୍ୟାନ୍ସି ଗ୍ରେୱାଲଙ୍କୁ ହତ୍ୟା

ନୂଆଦିଲ୍ଲୀ, ୬।୩(ଏଜେନ୍ସି): କାନାଡ଼ାରେ ଆଉ ଜଣେ ଭାରତୀୟ ହତ୍ୟାର ଶିକାର ହୋଇଛନ୍ତି। ୱିଣ୍ଡସର ସହରରେ ମଙ୍ଗଳବାର ରାତିରେ ପଞ୍ଜାବୀ ୟୁଟ୍ୟୁବର ନ୍ୟାନ୍ସି ଗ୍ରେୱାଲଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ନ୍ୟାନ୍ସିଙ୍କ ମା ଏହି ହତ୍ୟା ପଛରେ ଖଲିସ୍ତାନୀ ସମର୍ଥକ ହାତ ଥିବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ନ୍ୟାନ୍ସି ସାମାଜିକ ଗଣମାଧ୍ୟମରେ ନିହଙ୍ଗ ଓ ଖଲିସ୍ତାନୀ କାର୍ଯ୍ୟକଳାପକୁ ପ୍ରାୟତଃ କଡ଼ା ସମାଲୋଚନା କରୁଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ସେ ପ୍ରକୃତ ନିହଙ୍ଗମାନଙ୍କୁ ସମ୍ମାନ କରନ୍ତି, ମାତ୍ର ଆପରାଧିକ ମାନସିକତା ରଖିଥିବା ଏବଂ ଧର୍ମ ନାମରେ ଗୁଣ୍ଡାଗର୍ଦ୍ଦି କରୁଥିବା ଲୋକଙ୍କୁ ବିରୋଧ କରନ୍ତି। ସେହିପରି ଭାରତୀୟ ପତାକାକୁ ଅସମ୍ମାନ



କରୁଥିବା ଖଲିସ୍ତାନୀଙ୍କୁ ସେ ଖୋଲାଖୋଲି ଭାବେ ବିରୋଧ କରୁଥିଲେ। ନ୍ୟାନ୍ସିଙ୍କ ପ୍ରକୃତ ନାମ ଥିଲା ମୋନିପ୍ରୀତ। ସେ ହରିୟାଣାର ସିରସାରେ ଜନ୍ମ ହୋଇଥିଲେ ଓ ପରେ ପରିବାର ସହ ପଞ୍ଜାବ ଚାଲିଆସିଥିଲେ। ସେ ପିଲା ଦିନରୁ ସଙ୍ଗୀତ ପ୍ରତି ଆଗ୍ରହୀ ଥିଲେ। ୨୦୧୫ରେ ସେ ନର୍ସିଂ ପଢ଼ିବାକୁ କାନାଡ଼ା ଯାଇଥିଲେ ଓ ପରେ ସେଠାରେ ସେ କାନାଡ଼ାର ନାଗରିକତା ହାସଲ କରିଥିଲେ। ସେ ବିବାହ କରିଥିଲେ ମଧ୍ୟ ଧାର୍ମିକ ମତଭେଦ ଓ ଆର୍ଥିକ ବିବାଦ କାରଣରୁ ସ୍ୱାମୀଙ୍କ ସହ ତାଙ୍କର ଛାଡ଼ପତ୍ର ହୋଇଥିଲା। ସୋସିଆଲ ମିଡ଼ିଆ ନିହଙ୍ଗମାନଙ୍କ ସହ ତାଙ୍କର ବିବାଦ ବଢ଼ିବା କାରଣରୁ ଶତ୍ରୁତା ବଢ଼ିଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଛି ବୋଲି କୁହାଯାଉଛି।

# ଥମୁନି ସଂଘର୍ଷ; ବଢୁଛି ସଙ୍କଟ

- ସପ୍ତମ ଦିନରେ ଯୁଦ୍ଧ; ଇରାନରେ ୧୩୩୨ ଜଣଙ୍କ ମୃତ୍ୟୁ
- ଇରାନରେ ୧୪ଟି ଚିକିତ୍ସା କେନ୍ଦ୍ର ସହ ୧୩୦୦ ସ୍ଥାନରେ ଆକ୍ରମଣ
- ୩୦୦ ଇରାନୀ କ୍ଷେପଣାସ୍ତ୍ର ଲଞ୍ଚର ନଷ୍ଟ
- ଅଧା ଇରାନ୍ ଅନ୍ଧାରରେ
- ୨୦ଟି ଆମେରିକୀୟ ଘାଟିରେ ଇରାନର ପାଲଟା ଆକ୍ରମଣ



ଚିନ୍ତିତ ଟ୍ରମ୍ପଙ୍କୁ ଆଶୀର୍ବାଦ ଦେଉଛନ୍ତି ପାଦ୍ରୀ

ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଆମେରିକା- ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ୭ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ବେଶ୍ ଭୟଙ୍କର ହେବାରେ ଲାଗିଛି। ଏହାର ନକରାତ୍ମକ ପ୍ରଭାବ ସାରା ବିଶ୍ୱକୁ କବଳିତ କରିବାକୁ ଯାଉଛି। ପ୍ରଥମେ ଇରାନର ନେତୃତ୍ୱ ଓ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରି ଆରମ୍ଭ ହୋଇଥିବା ଏହି ସଂଘର୍ଷ ୨୦ଟି ଦେଶକୁ ବ୍ୟାପି ଯାଇଛି। ଇସ୍ରାଏଲ ଏବଂ ଇରାନ ଆକ୍ରମଣରେ କେବଳ ଇରାନରେ ୧୩୩୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୬୫ ଜଣ ଛାତ୍ରୀ ଏବଂ ୨୦୦ ଶିଶୁ ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ଇରାନରେ ୧୩୦୦ ଠିକଣାକୁ ନିଶାଣ କରି ଆକ୍ରମଣ ହେଲାଣି। ୧୪ ମେଡିକାଲ କେନ୍ଦ୍ର ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏଥିଯୋଗୁଁ ଇରାନର ଅନେକ ସ୍ଥାନରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ସେହିପରି ଇରାନର ୩୦୦ କ୍ଷେପଣାସ୍ତ୍ର ଲଞ୍ଚରକୁ ଇସ୍ରାଏଲ ଧ୍ୱଂସ କରିଦେଇଛି। ଅନ୍ୟପଟେ ରକ୍ତମୁଖା ଇରାନର ଆକ୍ରମଣରେ ଆମେରିକାର ସହଯୋଗୀ ରାଷ୍ଟ୍ର ଥରି ଉଠିଛନ୍ତି। ଆଜି କୁଏତ-ବାହାରିନ ଏବଂ ଇରାନ ସମେତ ୨୦ଟି ଦେଶରେ ଥିବା ଆମେରିକା ଘାଟୀରେ ଆକ୍ରମଣ କରାଯାଇଛି। ଏଥିରେ ଅନେକ କ୍ଷୟକ୍ଷତି ହୋଇଛି।

ଇସ୍ରାଏଲ ଦାବି କରିଛି ଯେ ଇରାନର ୮୦ ପ୍ରତିଶତ ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିଦେଇଛୁ। ଯୁଦ୍ଧରେ ଇସ୍ରାଏଲର ଏଫ୍-୩୫, ଇରାନର ଏସ୍‌ୟୁ-୩୫ ବିମାନ ମଧ୍ୟ ଧ୍ୱଂସ ହୋଇଛି। ଲେବାନନର ହିଜବୁଲ୍ଲା ଓ ହୁତି ବିଦ୍ରୋହୀ ଏହି ଯୁଦ୍ଧରେ ସାମିଲ ହେବା କାରଣରୁ ସ୍ଥିତି ଆହୁରି ସଙ୍ଗୀନ ହୋଇଛି। ଯୁଦ୍ଧ କେବେ ବନ୍ଦ ହେବ ସେ ନେଇ ଆମେରିକା ଓ ଇସ୍ରାଏଲ କୌଣସି ସ୍ପଷ୍ଟ ସମୟସୀମା ଦେଇନାହାନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ଏକ ଫଟୋ ଭାଇରାଲ ହେଉଛି। ଏଥିରେ ଟ୍ରମ୍ପ ମଝିରେ ବସିଥିବାବେଳେ ପାଦ୍ରୀ ତାଙ୍କୁ ଆଶୀର୍ବାଦ ଦେଉଥିବା ଦେଖାଯାଉଛି। ଯୁଦ୍ଧକୁ ନେଇ ଟ୍ରମ୍ପ ଚିନ୍ତିତ ଥିବାବେଳେ ପାଦ୍ରୀ ତାଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି।

ଆଜି ଇରାନ ପକ୍ଷରୁ ଇସ୍ରାଏଲ ଓ ଆମେରିକା ସେନା ଆଡ଼କୁ ଲକ୍ଷ୍ୟ କରି ନୂତନ ମିସାଇଲ ଆକ୍ରମଣ କରାଯାଇଛି। ଫଳରେ ଇସ୍ରାଏଲ ରାଜଧାନୀ ତେଲ ଅଭିଭ୍ ସହରରେ ସତର୍କ ସୂଚକ ସାଇରାନ ବାଜିଥିଲା। ଇରାନର ମିସାଇଲ ଆକ୍ରମଣକୁ ଇସ୍ରାଏଲ ସେନା ମଝି ଆକାଶରେ ପ୍ରତିହତ କରିଛି। ଅନ୍ୟପକ୍ଷରେ, ଇସ୍ରାଏଲ ଲେବାନନରେ ଥିବା ହିଜବୁଲ୍ଲା ଠିକଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯେଉଁଥିରେ ଅତିକମ୍‌ରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଲେବାନନରେ ୨୧୨ରୁ ଅଧିକ ଓ ଇସ୍ରାଏଲରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି। ଏଥିସହ ୬ ଜଣ ଆମେରିକୀୟ ସୈନିକ ମଧ୍ୟ ପ୍ରାଣ ହରାଇଛନ୍ତି। କୁଏତ୍‌ରେ ଥିବା ଆମେରିକା ଦୂତାବାସକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରିଦିଆଯାଇଛି। ଯୁଦ୍ଧ ଯୋଗୁଁ ବିଶ୍ୱ ବଜାର ଅସ୍ଥିର ହୋଇପଡ଼ିଛି, ତୈଳ ଦର ବୃଦ୍ଧି ପାଇଛି। ସବୁଠାର ବଡ଼ କଥା ହେଉଛି ବ୍ୟସ୍ତବହୁଳ ହର୍ମୁଜ ପ୍ରଣାଳୀ ହେଉଥିବା ଜାହାଜ ଚଳାଚଳ ମନ୍ଥର ହୋଇଛି ଫଳରେ ଯୁଦ୍ଧ ପାଇଁ ତୈଳ ଓ ଶକ୍ତି ସଙ୍କଟ ଦେଖା ଦେଇଛି। ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହେଉଥିବା ହର୍ମୁଜ ପ୍ରଣାଳୀ ବନ୍ଦ ହେବା କାରଣରୁ ଆଶୋଧିତ ତୈଳ ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି ପାଇଛି। ଏହି କାରଣରୁ ଅନେକ ଚୀନ୍ ଭଳି ଅନେକ ଦେଶ ଚିନ୍ତିତ ଅଛନ୍ତି। ତେଣୁ ଚୀନ୍ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରିବାକୁ ଆଗ୍ରହ ପ୍ରକାଶ କରିଛି। ଏହି ଭଳି ଭାବେ ଯୁଦ୍ଧ ଜାରି ରହିଲେ ଚୀନ୍‌ର ଅଶେଷ କ୍ଷତି ହେବ। କାରଣ ଏହି ଦେଶ ଇରାନରେ ୧୦ ହଜାର ବିଲିୟନ ଡଲାରରୁ ଅଧିକ ନିବେଶ କରିଛି। ରାସ୍ତା, ରେଳ ଆଦି ବିକାଶମୂଳକ କାର୍ଯ୍ୟ କରୁଛି। ତୈଳ ପାଇଁ ମଧ୍ୟ ଚୁକ୍ତି କରିନେଇଛି। ଯୁଦ୍ଧ ବନ୍ଦ ନ ହେଲେ ଚୀନ୍‌ରେ ଘୋର ଶକ୍ତି ସଙ୍କଟ ସୃଷ୍ଟି ହେବ। ଏପରି ସମୟରେ ଅନେକ ଦେଶ ମଧ୍ୟସ୍ଥତା କରିବାକୁ ଚାହୁଁଛନ୍ତି ବୋଲି ଇରାନ ରାଷ୍ଟ୍ରପତି ମାସୁଦ ପେଜସକିଆନ କହିଛନ୍ତି।







ଇରାନର ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ହେବାର ଗୋଟିଏ ଦିନ ପରେ କେନ୍ଦ୍ର ଏସୀୟ ଦେଶ ଆଜରବାଇଜାନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏହି ଦେଶ ଇରାନରୁ ନିଜର କୂଟନୀତିଜ୍ଞମାନଙ୍କୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି। ଏହି ଘଟଣା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଇରାନରେ ହୋଇଥିବା ସାମରିକ ଉତ୍ତେଜନା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜରବାଇଜାନ ନିଜର ଦୂତାବାସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ପଦକ୍ଷେପ ନେଇଛି। ଇରାନରୁ ଆସିଥିବା ଏକ ଡ୍ରୋନ୍ ମାଧ୍ୟମରେ ଆଜରବାଇଜାନର ନାଖଜିଭାନ ଅଞ୍ଚଳରେ ଗୁରୁବାର ମଧ୍ୟାହ୍ନରେ ଆକ୍ରମଣ ହେବାର ଗୋଟିଏ ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି।

ଅନ୍ୟପଟେ ଭାରତ ମହାସାଗରରେ ଇରାନର ଏକ ଜାହାଜକୁ ଆମେରିକା ଆକ୍ରମଣ କରି ବୁଡ଼ାଇ ଦେବା ପରେ ଆଉ ଏକ ଯୁଦ୍ଧ ଜାହାଜ କୋଚି ଉପକୂଳରେ ଲାଗିଛି। ଯାନ୍ତ୍ରିକ ତ୍ରୁଟି ଥିବାରୁ ଏହି ଜାହାଜ ଆଇଆରଆଇଏସ ଲାଭନକୁ ରହଣି ପାଇଁ ଭାରତ ଅନୁମତି ଦେଇଥିବା ସୂଚନା ମିଳିଛି।

### ପଶ୍ଚିମବଙ୍ଗରେ ଏସ୍‌ଆଇଆର୍‌କୁ ବିରୋଧ

## ମମତାଙ୍କ ଧାରଣା; ମନଇଚ୍ଛା ନାମ କଟାଯାଉଛି

କୋଲକାତା, ୬।୩ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧରେ ଲଢ଼େଇକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୋରଦାର କରିଛନ୍ତି। ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ମମତା ରାଜ୍ୟରେ ଚାଲିଥିବା ଏହି ପ୍ରକ୍ରିୟାରେ ଭୋଟରଙ୍କ ନାମ ହଟାଇବା ବିରୋଧରେ ଶୁକ୍ରବାର କୋଲକାତାରେ ଧାରଣା ଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ପରେ ଭୋଟର ତାଲିକାରୁ ମନଇଚ୍ଛା ନାମ କଟାଯାଉଛି ବୋଲି ମମତା ଅଭିଯୋଗ କରିଛନ୍ତି। କୋଲକାତାର ଏସ୍‌ପ୍ଲାନେଡ ମେଟ୍ରୋ ଚ୍ୟାନେଲରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ମମତା କହିଛନ୍ତି ଯେ ବିଜେପି ଏବଂ ନିର୍ବାଚନ କମିଶନ (ଇସି) ମିଶି ରାଜ୍ୟର ବଙ୍ଗାଳୀ ଭୋଟର ଯେପରି ଭୋଟ ନ ଦେଇପାରିବେ ତାହାର ଷଡ଼ଯନ୍ତ୍ର କରୁଛନ୍ତି। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରାଯିବ ବୋଲି ମମତା କହିଛନ୍ତି।



ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ସଂଶୋଧିତ ଭୋଟର ତାଲିକାରେ ଅନେକ ଭୋଟରଙ୍କୁ ଅନୁଚିତ ଭାବେ ମୃତ ଘୋଷଣା କରାଯାଇଛି। ଏଭଳି ଲୋକଙ୍କୁ ବିକ୍ଷୋଭ ସ୍ଥଳକୁ ଆଣି ଦେଖାଇବୁ। ସୂଚନା ଅନୁଯାୟୀ, ଆଜି ଦ୍ୱିପହର ୨ଟା୧୫ରେ ଏହି ଧାରଣା ଆରମ୍ଭ ହୋଇଥିଲା। ରାଜ୍ୟକୁ ନିର୍ବାଚନ କମିଶନଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଟିଏମ୍‌ସି ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ଟିଏମ୍‌ସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏହାର ଘୋଷଣା କରିଥିଲେ। ଟିଏମ୍‌ସି ଅଭିଯୋଗ କରିଛି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ଏସଆଇଆର କରାଯାଉଛି। ହଟା ଯାଇଥିବା ନାମରେ ସଂଖ୍ୟାଲଘୁ, ପ୍ରବାସୀ ଶ୍ରମିକ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ସାମିଲ ଅଛନ୍ତି। ଭୋଟର ତାଲିକାରୁ କୋଟିଏ ଲୋକଙ୍କୁ ହଟାଇବା ପାଇଁ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଏସଆଇଆରର ଚୂଡ଼ାନ୍ତ ତାଲିକାରେ ରାଜ୍ୟର ୬୩.୬୬ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଥିଲା।

### ଆସାମରେ ସୁଖୋଇ-୩୦ ଦୁର୍ଘଟଣାଗ୍ରସ୍ତ

## ବାୟୁସେନାର ଦୁଇ ପାଇଲଟ୍ ସହିଦ





ଗୌହାଟୀ, ୬।୩(ଏଜେନ୍ସି): ଆସାମର କାର୍ବି ଅଙ୍ଗଲଙ୍ଗ ଅଞ୍ଚଳରେ ଭାରତୀୟ ବାୟୁସେନାର ଏକ ଏସ୍‌ୟୁ- ୩୦ଏମ୍‌କେଆଇ ଯୁଦ୍ଧ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ଦୁଇଜଣ ପାଇଲଟ ସ୍କ୍ୱାଡ୍ରନ ଲିଡର ଅନୁଜ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୂର୍ବେଶ ଦୁରାଗକର ସହିଦ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଜୋରହାଟ୍‌ରୁ ଉଡ଼ାଣ ଭରିବା କିଛି ସମୟ ମଧ୍ୟରେ ବିମାନଟି ରାଡ଼ାରରୁ ନିଖୋଜ ହୋଇଥିଲା। ଶେଷଥର ପାଇଁ ଜୋରହାଟ୍‌ରୁ ୬୦ କିମି ଦୂରରେ ଏହାର ସଙ୍କେତ ମିଳିଥିଲା। ଏକ ନିୟମିତ ତାଲିମ ମିଶନରେ ବାହାରି ଥିବା ବେଳେ ଏହି ବିମାନଟି ରାତି ପ୍ରାୟ ୭.୪୨ ସମୟରେ ଗ୍ରାଉଣ୍ଡ କଣ୍ଟ୍ରୋଲ ସହ ସମ୍ପର୍କ ହରାଇଥିଲା। ଶୁକ୍ରବାର ସକାଳେ ବାୟୁସେନାର ଦୁଇ ପାଇଲଟଙ୍କ ମୃତ୍ୟୁ ଖବର ନିଶ୍ଚିତ କରାଯାଇଛି। ଉଭୟ ପାଇଲଟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବାୟୁସେନା ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେମାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛୁ ବୋଲି କହିଛି।

## ୧୬ ବର୍ଷରୁ କମ୍ ପିଲାଙ୍କୁ ସାମାଜିକ ଗଣମାଧ୍ୟମ ମନା: ସିଦ୍ଧରମୈୟା

ବେଙ୍ଗାଲୁରୁ, ୬।୩(ଏଜେନ୍ସି): ୧୬ ବର୍ଷରୁ କମ୍ ପିଲାମାନଙ୍କ ହିତକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ୧୬ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ନିଷିଦ୍ଧାଦେଶ ଲଗାଇବାକୁ ସରକାର ଯୋଜନା କରୁଛନ୍ତି। ଶୁକ୍ରବାର ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ ଉପସ୍ଥାପନ କରିବା ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ବଡ଼ ଘୋଷଣା କରିଛନ୍ତି। ଛୋଟ ପିଲାଙ୍କ ମଧ୍ୟରେ ବଢୁଥିବା ସ୍ମାର୍ଟଫୋନ ନିଶା, ଅତ୍ୟଧିକ ସ୍କ୍ରିନ ସମୟ ଏବଂ ଅନ୍‌ଲାଇନ୍ ସୁରକ୍ଷା ଜନିତ ବିପଦକୁ ରୋକିବା ପାଇଁ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏଥିସହ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ ଭାବେ ଛୋଟ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବାକୁ ଘୋଷଣା କରିଛି। ଆନ୍ଧ୍ରପ୍ରଦେଶ ଓ ଗୋଆ ମଧ୍ୟ ଏପରି ପଦକ୍ଷେପ ନେବା ବିଷୟରେ ପୂର୍ବରୁ ବିଚାର କରୁଥିବା ଜଣାଯାଇଛି। ବିଶ୍ୱସ୍ତରରେ ଅଷ୍ଟ୍ରେଲିଆ, ବ୍ରିଟେନ ଓ ଫିନଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ପିଲାମାନଙ୍କ ପାଇଁ ସୋସିଆଲ ମିଡ଼ିଆ ନିୟନ୍ତ୍ରଣ ଉପରେ ଚାଲିଥିବା ଚର୍ଚ୍ଚାକୁ ଦୃଷ୍ଟିରେ ରଖି ଏହିଭଳି ନିଷ୍ପତ୍ତି ନିଆଯାଇଛି। ସେହିପରି ଫ୍ରାନ୍ସ ଓ ସ୍ପେନ୍‌ର ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଫୋନ୍ ବ୍ୟବହାର ଉପରେ କଟକଣା ଲାଗୁ ହୋଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଅତ୍ୟଧିକ ସୋସିଆଲ ମିଡ଼ିଆ ବ୍ୟବହାର ଦ୍ୱାରା ପିଲାମାନଙ୍କ ମଧ୍ୟରେ ଅନିଦ୍ରା, ମାନସିକ ଚିନ୍ତା, ଏକାଗ୍ରତା ହ୍ରାସ ଓ ଶିକ୍ଷା କ୍ଷେତ୍ରରେ ଚାପ ବୃଦ୍ଧି ପାଇବା ଭଳି ସମସ୍ୟା ଦେଖାଯାଉଛି। ଏହା ବ୍ୟତୀତ ଅନଲାଇନ୍ ପ୍ରାଇଭେସି ଓ ସାଇବର ଅପରାଧର ଭୟ ମଧ୍ୟ ରହିଛି ବୋଲି କୁହାଯାଇଛି। ତେବେ ଏନେଇ କେତୋଟି ଆହ୍ୱାନ ରହିଛି। କେବଳ ନିଷେଧାଦେଶ ଜାରି କରିବା ଯଥେଷ୍ଟ ହେବ ନାହିଁ। କାରଣ ପିଲାମାନେ ଭିପିଏନ୍ କିମ୍ବା ଅନ୍ୟାନ ମାଧ୍ୟମରେ ଏହାକୁ ବ୍ୟବହାର କରିବାର ସମ୍ଭାବନା ରହିଛି।

## ଲେଫ୍ଟନାଣ୍ଟ ଜେନେରାଲ ଧିରଜ ସେଠ ସ୍ଥଳସେନା ଉପମୁଖ୍ୟ ନିଯୁକ୍ତ



ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଲେଫ୍ଟନାଣ୍ଟ ଜେନେରାଲ ଧିରଜ ସେଠଙ୍କୁ ପରବର୍ତ୍ତୀ ସ୍ଥଳ ସେନା ଉପମୁଖ୍ୟ ନିଯୁକ୍ତ କରାଯାଇଛି। ସେ ଆସନ୍ତା ୧ ତାରିଖରୁ ଦାୟିତ୍ୱ ଗ୍ରହଣ କରିବେ। ଏବେ ଲେଫ୍ଟନାଣ୍ଟ ଜେନେରାଲ ସେଠ ପୁନେ ସ୍ଥିତ ସଦର୍ଣ୍ଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ-ଚିଫ୍ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୮୬ ଡିସେମ୍ବରରେ ଆର୍ମର୍ଡ କ୍ରପ୍ସ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ନିଜ କ୍ୟାରିୟରରେ ସେ ଅନେକ କମାଣ୍ଡ ଏବଂ କର୍ମଚାରୀ ନିଯୁକ୍ତି କରିଛନ୍ତି। ୨୦୨୪ ଜୁଲାଇରେ ସଦର୍ଣ୍ଣ କମାଣ୍ଡର ନେତୃତ୍ୱ ନେବା ପୂର୍ବରୁ ସେ ମଥୁରା ସ୍ଥିତ ଏକ୍ସଏକ୍ସଆଇ ଷ୍ଟ୍ରାଇକ କ୍ରପ୍ସର ନେତୃତ୍ୱ ନେଉଥିଲେ। ସେହିପରି ବର୍ତ୍ତମାନର ଭିସିଓଏଏସ ଲେଫ୍ଟନାଣ୍ଟ ଜେନେରାଲ ପିପି ସିଂହ ନୂଆ ୱେଷ୍ଟର୍ଣ୍ଣ ଆର୍ମୀ କମାଣ୍ଡର ଭାବେ ଏପ୍ରିଲ ୧ରେ ଦାୟିତ୍ୱ ଗ୍ରହଣ କରିବେ। ଏହା ବ୍ୟତୀତ ଲେଫ୍ଟନାଣ୍ଟ ଜେନେରାଲ ସନ୍ଦୀପ ଜୈନ ନୂଆ ସଦର୍ଣ୍ଣ ଆର୍ମୀ କମାଣ୍ଡର ଭାବେ ନିଯୁକ୍ତି ପାଇଛନ୍ତି।

# ନୂଆ ଏପଷ୍ଟିନ ଫାଇଲ୍‌ରେ ଖୋଲିଲା ଟ୍ରମ୍ପଙ୍କ ଗୁମର

ୱାଶିଂଟନ, ୬।୩(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ନିକଟରେ ଏଫ୍‌ବିଆଇର କିଛି ଗୁପ୍ତ ତଥ୍ୟ ସାର୍ବଜନୀନ କରିଛି। ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଫାଇଲଗୁଡ଼ିକ ପୂର୍ବରୁ ଡୁପ୍ଲିକେଟ୍ ବା ନକଲ ଭାବେ ଚିହ୍ନିତ ହୋଇ ଭୁଲବଶତଃ ଅଟକି ରହିଥିଲା। ପ୍ରକାଶିତ ଦଲିଲ ଅନୁଯାୟୀ, ଜଣେ ଅଜ୍ଞାତ ମହିଳା ଅଭିଯୋଗ କରିଛନ୍ତି ଯେ, ୧୩ରୁ ୧୫ ବର୍ଷ ବୟସରେ ତାଙ୍କୁ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ବର୍ତ୍ତମାନର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଭେଟ କରାଇଥିଲେ। ନ୍ୟୁୟର୍କ କିମ୍ବା ନ୍ୟୁଜର୍ସିରେ ଟ୍ରମ୍ପ ତାଙ୍କୁ ଯୌନ ନିର୍ଯାତନା ଦେବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପ ତାଙ୍କୁ ମଧ୍ୟ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବାକୁ ଚେଷ୍ଟା କରିଥିଲେ ବୋଲି ମହିଳା କହିଛନ୍ତି।



ଆମେରିକା ନ୍ୟାୟ ବିଭାଗ ଏହି ଅଭିଯୋଗଗୁଡ଼ିକୁ ସମର୍ଥନ କରିନାହିଁ। ପୂର୍ବରୁ କୁହା ଯାଇଥିଲା ଯେ ଏହି ଦଲିଲଗୁଡ଼ିକରେ କିଛି ଅସତ୍ୟ ଓ ସମ୍ବେଦନଶୀଳ ଦାବି ରହିଛି। ଟ୍ରମ୍ପ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ର ମତ ଅନୁଯାୟୀ, ୨୦୦୭ ମସିହାରେ ଏପଷ୍ଟିନଙ୍କ ବ୍ୟବହାରକୁ ନେଇ ଟ୍ରମ୍ପ ତାଙ୍କୁ ନିଜର ମାର୍-ଏ-ଲାଗୋ କ୍ଲବରୁ ବାହାର କରିଦେଇଥିଲେ। ଏପଷ୍ଟିନ ଫାଇଲ ଟ୍ରାନ୍ସପରେନ୍ସି ଆକ୍ଟ ଅର୍ଥାତ ସ୍ୱଚ୍ଛତା ଆଇନ ଅନୁଯାୟୀ ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଥିଲା। ଏପର୍ଯ୍ୟନ୍ତ ୩୫ ଲକ୍ଷ ପୃଷ୍ଠାର ଦଲିଲ୍ ପ୍ରକାଶ ପାଇସାରିଛି। କିନ୍ତୁ ଏହାର ମୋଟ୍ ପରିମାଣ ପ୍ରାୟ ୬୦ ଲକ୍ଷ ପୃଷ୍ଠା ହେବ ବୋଲି ଅନୁମାନ କରାଯାଉଛି। ଏହି ଘଟଣାକୁ ନେଇ ଆମେରିକାରେ ରାଜନୀତି ସରଗରମ ହୋଇ ଉଠିଛି। କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକ ତଥ୍ୟ ଗୋପନ ରଖିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏବେ ଏହି ଘଟଣା ଆଗକୁ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

ଏପଷ୍ଟିନ ଫାଇଲ ମାମଲାରେ ଦଲିଲଗୁଡ଼ିକୁ ଆମେରିକା ନ୍ୟାୟ ବିଭାଗ କିପରି ପରିଚାଳନା କରୁଛି, ସେ ନେଇ ଆମେରିକା ସଂସଦରେ କଡ଼ା ଯାଞ୍ଚ ଚାଲିଛି। ଏହି ବିଷୟରେ ପଚରାଉଚରା ପାଇଁ ସାଂସଦମାନେ ଆଟର୍ଣ୍ଣି ଜେନେରାଲ ପାମ ବୋଣ୍ଡିଙ୍କ ବିରୋଧରେ ସମନ ଜାରି କରିବାକୁ ଭୋଟ ଦେଇଛନ୍ତି। କିନ୍ତୁ ହ୍ୱାଇଟ୍ ହାଉସର ପ୍ରେସ ସଚିବ କାରୋଲିନ ଲିଭିଟ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ବିଶ୍ୱସନୀୟ ପ୍ରମାଣ ନଥିବା ଦାବି ବୋଲି କହିଛନ୍ତି। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ୨୦୦୦ ମସିହା ମଧ୍ୟଭାଗରୁ ଏପଷ୍ଟିନଙ୍କ ସହ ତାଙ୍କର ସମ୍ପର୍କ ଶେଷ ହୋଇଯାଇଥିଲା। ଏପଷ୍ଟିନ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ବିଷୟରେ ସେ କିଛି ଜାଣି ନ ଥିଲେ ବୋଲି କହିଥିଲେ।

**ରାଜ୍ୟସଭା ନିର୍ବାଚନ**

# ୫ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରୁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୫ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏଥିସହିତ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଛି। ନାମାଙ୍କନ ଯାଞ୍ଚ ପରେ ଏହା ଜଣାପଡ଼ିଛି। ବିଜେପି ପ୍ରାର୍ଥୀ ଭାବେ ଦଳର ରାଜ୍ୟସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥୀପତ୍ର ମଧ୍ୟ କାଏମ ରହିଛି। ତେବେ ତେଲଙ୍ଗାନାର କାନ୍ତେ ସାୟାନାଙ୍କ ନାମାଙ୍କନରେ ଆବଶ୍ୟକ ସଂଖ୍ୟକ ପ୍ରସ୍ତାବକ ଓ ସମର୍ଥକ ରହି ନ ଥିବାରୁ ତାଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାପଡ଼ିଛି।

ଅନ୍ୟପଟେ ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ପରେ ୫ ଜଣ ରାଜ୍ୟସଭା ପ୍ରାର୍ଥୀଙ୍କର ସମ୍ପତ୍ତି ତାଲିକା ପ୍ରକାଶ ପାଇଛି। ସତ୍ୟପାଠରେ ଦାଖଲ କରିଥିବା ତଥ୍ୟ ଅନୁଯାୟୀ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ସବୁଠୁ ଧନୀ ପ୍ରାର୍ଥୀ ହୋଇଥିବା ବେଳେ ବିଶିଷ୍ଟ ବ୍ୟବସାୟୀ ତଥା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ନିର୍ବାଚନ କମିସନଙ୍କ ନିକଟରେ ଦାଖଲ କରିଥିବା ସମ୍ପତ୍ତି ତାଲିକା ଅନୁଯାୟୀ, ତାଙ୍କ ନିକଟରେ ପ୍ରାୟ ୫୧୨.୯୦ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପତ୍ନୀଙ୍କ ନିକଟରେ ପ୍ରାୟ ୨୦.୪୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି। ଏଥିସହିତ ତାଙ୍କର ନିଜସ୍ୱ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୩.୦୬ କୋଟି ଟଙ୍କା ହେବା ସହ ତାଙ୍କ ପତ୍ନୀଙ୍କ ନାମରେ ପ୍ରାୟ ୮.୬୮ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସଂତୃପ୍ତ ମିଶ୍ରଙ୍କ ପାଖରେ ୧୦,୦୦୦ ନଗଦ ଟଙ୍କା ରହିଥିବା ବେଳେ ତାଙ୍କ ପତ୍ନୀଙ୍କ ପାଖରେ ୨୫,୦୦୦ ଟଙ୍କା ନଗଦ ଆକାରରେ ରହିଛି। ସେହିପରି ରାଜ୍ୟସଭା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଅନୁଯାୟୀ ତାଙ୍କର ନିକଟରେ ୩୧୯.୭୨ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପତ୍ନୀ ପୁଷ୍ପା ରାୟଙ୍କ ନାମରେ ପ୍ରାୟ ୨୧.୧୬ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ତାଙ୍କର ମୋଟ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୪୫.୫୦ କୋଟି ଟଙ୍କା ହେବ ବୋଲି ସେ ଦର୍ଶାଇଛନ୍ତି।

■ ଜଣେ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ
■ ସଂତୃପ୍ତ ମିଶ୍ର ସବୁଠୁ ଧନୀ ପ୍ରାର୍ଥୀ
■ ଦିଲ୍ଲୀପଙ୍କ ସମ୍ପତ୍ତି ୩୦୦ କୋଟି

ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଅନୁଯାୟୀ ତାଙ୍କ ପାଖରେ ପ୍ରାୟ ୪୩,୯୦,୩୯୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ପତ୍ନୀ ସାମଲଙ୍କ ନାମରେ ପ୍ରାୟ ୨,୮୬,୩୨,୫୮୮ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୧,୩୦,୦୦,୦୦୦ ଟଙ୍କା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ସେହିପରି ବିଜେପିର ଅନ୍ୟତମ ପ୍ରାର୍ଥୀ ସୁଜିତ କୁମାରଙ୍କର ୩ କୋଟି ୮୫ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ବେଳେ ତାଙ୍କ ପତ୍ନୀଙ୍କ ପାଖରେ ୧ କୋଟି ୩ ଲକ୍ଷ ୯୭ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କର ଅସ୍ଥାବର ସମ୍ପତ୍ତି ଭାବେ ୪ କୋଟି ୯୧ ଲକ୍ଷ ଟଙ୍କା ଥିବା ବେଳେ ତାଙ୍କ ପତ୍ନୀଙ୍କ ନିକଟରେ ୨ କୋଟି ୭୧ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ଜଣାପଡ଼ିଛି।

ସୂଚନା ଥାଉ କି, ନାମାଙ୍କନପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ମାର୍ଚ୍ଚ ୯ ପରେ ଚଳିତ ନିର୍ବାଚନରେ ୪ ଜଣରୁ ଅଧିକ ପ୍ରାର୍ଥୀ ରହିଲେ ମାର୍ଚ୍ଚ୧୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ୍ ଗ୍ରହଣ କରାଯିବ ଏବଂ ସେହିଦିନ ଅପରାହ୍ଣ ୫ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

**ଯାଜପୁର ଶିକ୍ଷା ବିଭାଗରେ ମହାଲୁଟ୍**

# ମୃତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ନାଁରେ ୫କୋଟି ଟଳୁ

**ଯାଜପୁର,୬।୩(ସମିସ):** ଯାଜପୁର ଜିଲ୍ଲା ଶିକ୍ଷା ବିଭାଗରେ ମହାଲୁଟ୍ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲାରେ କାର୍ଯ୍ୟରତ ବହୁ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଏପରିକି ମୃତ କର୍ମଚାରୀଙ୍କୁ ଜୀବିତ ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ଧରାପଡ଼ିଛି। ବିଭାଗ ପକ୍ଷରୁ କରାଯାଇଥିବା ସ୍ପେଶାଲ ଅଡିଟ୍ ରିପୋର୍ଟରେ ଏଭଳି କଳା କାରନାମା ପଦାରେ ପଡ଼ିଛି।

ସୂଚନା ମୁତାବକ, କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୯ଜଣ ଶିକ୍ଷକ ଯେଉଁମାନେ ବହୁ ବର୍ଷ ପୂର୍ବରୁ ଅବସର ନେଇସାରିଛନ୍ତି, ସେମାନଙ୍କ ଏଚ୍ଆର୍ଏମ୍ଏସ୍ ଆଇଡିକୁ ବ୍ୟବହାର କରି ସେମାନଙ୍କ ଅବସର କାର୍ଯ୍ୟକାଳ ବଢ଼ାଇ ଦିଆଯାଇଥିଲା। ସେମାନଙ୍କ ନାମରେ ପୁନଃ ଚାକିରି ଥିବା ଦର୍ଶାଇ ଅଫିସରେ କାର୍ଯ୍ୟରତ କର୍ମଚାରୀମାନେ ୪୮୦ ଥର ମିଥ୍ୟା ବିଲ୍ ପ୍ରସ୍ତୁତ କରି ନିଜ ନିଜର ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ବାବଦ ଅର୍ଥ ପାଖପାଖି ୪ କୋଟି ୯୭ ଲକ୍ଷ ୫୫ ହଜାର ଟଙ୍କା ଟ୍ରେଜେରୀ କାର୍ଯ୍ୟାଳୟ ମାଧ୍ୟମରେ ଟଙ୍କା ଉଠାଣ କରିଛନ୍ତି। ଏହି ଜାଲିଆତି ଜଣାପଡ଼ିବା ପରେ କୋରେଇ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକଙ୍କ ସମେତ ୧୧ ଜଣଙ୍କ ନାମରେ ଭିଜିଲାନ୍ସରେ ମାମଲା ରୁଜୁ

## ସ୍ପେଶାଲ ଅଡିଟ୍‌ରେ ଧରାପଡ଼ିଲା କଳା କାରନାମା

କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ଏଥିସହିତ ସେ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଆର୍ଥିକ ଅନିୟମିତତାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏଭଳି ଜାଲିଆତି ଘଟଣାରେ ସଂପୃକ୍ତ ଥିବା ପୂର୍ବକୋଟ ୟୁଜିଏମ୍‌ଇର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି, ପତ୍ନୀ ଗୀତାରାଣୀ ମହାନ୍ତି, ସମ୍ପର୍କୀୟ ମୋନାଲିସା ପାଣି ଓ ତାଙ୍କର ସହଯୋଗୀ ଦିଲୀପ କୁମାର ମହାପାତ୍ରଙ୍କ ଆକାଉଣ୍ଟକୁ ୫କୋଟି ଟଙ୍କା ଦରମା ଅର୍ଥ ଟ୍ରାନ୍ସଫର କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି।

ପ୍ରଦୀପଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଥିବା ଦୁଇଟି ଆକାଉଣ୍ଟକୁ ଦୁଇ କୋଟି ୬୩ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ବେଳେ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି, ଯେ କି ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀ ଅଟନ୍ତି; ତାଙ୍କ ଆକଉଣ୍ଟକୁ ପାଖାପାଖି ୧ କୋଟି ୪୫ ଲକ୍ଷ ଟଙ୍କା ଦରମା ବାବଦ ଅର୍ଥ ପ୍ରଦାନ କରାଯାଇଛି। ଏପରିକି, ପ୍ରଦୀପଙ୍କ ପତ୍ନୀ ଗୀତାରାଣୀ ଓ ତାଙ୍କ ଘରେ ପୂର୍ବରୁ କାର୍ଯ୍ୟ କରୁଥିବା ଜନୈକ କର୍ମଚାରୀଙ୍କ ଆକାଉଣ୍ଟକୁ ମଧ୍ୟ ୮୫ ଲକ୍ଷ ଟଙ୍କା ପଠାଯାଇଛି।

ବିଡ଼ମ୍ବନାର ବିଷୟ, ଜିଲ୍ଲା ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଆର୍ଥିକ ଅନିୟମିତତାରେ ସାମିଲ ଥିବା ୪ ଜଣ ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ଓ ପୁଲିସ ନିକଟରେ ଅଭିଯୋଗ ଦେଇଥିଲେ ହେଁ ଅଦ୍ୟାବଧି ସେମାନଙ୍କ ବିରୋଧରେ କୌଣସି ବିଭାଗୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଏଠାରେ ପ୍ରଶ୍ନ ଉଠୁଛି, କିପରି ୨୦୧୮ ନଭେମ୍ବର୍ ମାସରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୫ବର୍ଷ ଧରି ଅବସରପ୍ରାପ୍ତ ଓ ମୃତ କର୍ମଚାରୀଙ୍କ ନାମରେ ଚାକିରିରେ ଥିବା ଦର୍ଶାଇ ସେମାନଙ୍କୁ ଦରମା ଦିଆଯାଉଥିଲେ ହେଁ କିଭଳି ଜଣାପଡ଼ି ନଥିଲା। ପେନସନ୍ ପାଉଥିବା କର୍ମଚାରୀଙ୍କ ନାମରେ କିଭଳି ଭାବେ ପୁନଶ୍ଚ ଦରମା ବିଲ୍ ପ୍ରସ୍ତୁତ କରି ବ୍ଲକ ଶିକ୍ଷା ଅଧିକାରୀ ଦେଉଥିଲେ, ତାହା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏଥିରେ ସମ୍ପୃକ୍ତି ଥିବା ସ୍ପଷ୍ଟ ଅନୁମେୟ। ଏବେ ଏହି ଘଟଣାରେ ଭିଜିଲାନ୍ସ ଡିଏସ୍‌ପି ସୁନୀଲ ଏକ୍କା ଅନ୍ୟ ସହଯୋଗ ଅଧିକାରୀଙ୍କ ସହ କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଯାଜପୁର ରୋଡ୍ ଟ୍ରେଜେରୀ ଓ ଏଚ୍ଆର୍ଏମଏସ୍ ସେକ୍ସନ୍‌କୁ ଯାଇ ତଦନ୍ତ କରିଛନ୍ତି। ଏଥିସହ ଯେଉଁ ଯେଉଁ ବ୍ୟକ୍ତିଙ୍କ ଆକଉଣ୍ଟକୁ ଟଙ୍କା ଯାଇଛି, ସେସବୁ ତଥ୍ୟ ସଂଗ୍ରହ ପାଇଁ ବିଭିନ୍ନ ବ୍ୟାଙ୍କର ସହାୟତା ନିଆଯାଉଛି। ତେବେ ଏତେ ବଡ଼ ଠକେଇ ଘଟଣାର କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଗଲେ, ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ବୈଠକ**

# ଶାହଙ୍କୁ ଭେଟିଲେ ଦିଲ୍ଲୀପ

**ଭୁବନେଶ୍ୱର,୬।୩(ସମିସ):** ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କରିଛନ୍ତି ଏକ ରୁଦ୍ଧଦ୍ୱାର ବୈଠକ। ସୂଚନାନୁସାରେ ଏହି ଅବସରରେ ରାଜ୍ୟସଭା ନିର୍ବାଚନର ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ବିଜେପି ନେତା ଦିଲ୍ଲୀପ ରାୟ ଦଳୀୟ କାର୍ଯ୍ୟାଳୟରେ ଶ୍ରୀ ଶାହାଙ୍କୁ ଭେଟିଛନ୍ତି । ୪ର୍ଥ ଆସନ ପାଇଁ ତାଙ୍କର ସ୍ୱାଧୀନ ପ୍ରାର୍ଥିତ୍ୱକୁ ଦଳ ସମର୍ଥନ ଜଣାଇଥିବାରୁ ଦିଲ୍ଲୀପ ଶ୍ରୀ ଶାହାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷରେ ଶ୍ରୀ ଶାହା ମଧ୍ୟ ରାଜ୍ୟ ବିଜେପି ନେତାମାନଙ୍କୁ ଦିଲ୍ଲୀପଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିବା କୁହାଯାଉଛି। ମାତ୍ର ବୈଠକରେ ଶ୍ରୀ ଶାହା ଦଳୀୟ ନେତାଙ୍କ ସହ କ'ଣ ଆଲୋଚନା କରିଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ । ଦଳର ଦୁଇ ବରିଷ୍ଠ ନେତା ଏ ସମ୍ପର୍କରେ ଭିନ୍ନଭିନ୍ନ ମତ ଦେଇଥିବାରୁ ଆଲୋଚନାର ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସ୍ପଷ୍ଟ ହୋଇନାହିଁ। ତେବେ ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରେ ବର୍ତ୍ତମାନ ରାଜନୈତିକ ବାତାବରଣ ଉଷ୍ମ ଥିବା ବେଳେ ଶାହଙ୍କ ଏହି ବୈଠକ ଏହାକୁ ଆହୁରି ରୋଚକ କରିଛି।

■ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇନାହିଁ: ମନମୋହନ
■ ଦଳୀୟ ପ୍ରାର୍ଥୀ ଓ ଦିଲ୍ଲୀପଙ୍କ ବିଜୟ ପାଇଁ ଶାହ ପରାମର୍ଶ ଦେଇଛନ୍ତି: ପ୍ରଦୀପ

ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ଶାହା ପ୍ରାୟ ଏକ ଘଣ୍ଟା ବିତାଇଛନ୍ତି । ଏହି ସମୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦଳୀୟ ସାଂସଦ ଓ ବିଧାୟକମାନେ ଉପସ୍ଥିତ ଥିଲେ । ବୈଠକ ପରେ ବିଜେପି ରାଜ୍ୟସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହା ଏକ ରୁଟିନ୍ ବୈଠକ। ବହୁଦିନ ପରେ ଗୃହମନ୍ତ୍ରୀ ଓଡ଼ିଶା ଆସିଥିଲେ। ସବୁ ବିଷୟରେ ଆଲୋଚନା ହୋଇଛି। ବିଭିନ୍ନ ଦିଗ, ବିଭିନ୍ନ ସମସ୍ୟା ଆଦି ସମ୍ପର୍କରେ ଚର୍ଚ୍ଚା ଆଲୋଚନା ହେଲା। ସାଂଗଠନିକ ବିଷୟ ସହିତ ସରକାର ବିଷୟରେ ମଧ୍ୟ ଆଲୋଚନା ହୋଇଛି। ନିର୍ଦ୍ଦିଷ୍ଟ କେତେକ ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହାଙ୍କୁ ଅବଗତ କରାଇଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି। ବୈଠକରେ ରାଜ୍ୟସଭା ନିର୍ବାଚନ ବା ବୋଡର୍-ନିଗମ ନିଯୁକ୍ତି ସମ୍ପର୍କରେ କିଛି ଆଲୋଚନା ହୋଇ ନାହିଁ ବୋଲି ରାଜ୍ୟ ସଭାପତି ସଫାସଫା କହିଛନ୍ତି । ମାତ୍ର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବୈଠକ ସମ୍ପର୍କରେ ଅଲଗା କଥା କହିଛନ୍ତି। ବୈଠକରେ ଗୃହମନ୍ତ୍ରୀ ଶ୍ରୀ ଶାହା ବିଧାୟକ ଓ ସାଂସଦଙ୍କ ସହ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଆଲୋଚନା କରିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆଲୋଚନା ହୋଇଛି, ତାହା ସେ ସ୍ପଷ୍ଟ କରିନାହାନ୍ତି । ତେବେ ରାଜ୍ୟସଭା ନିର୍ବାଚନରେ ବିଜେପି ଦିଲ୍ଲୀପ ରାୟଙ୍କୁ ସମର୍ଥନ ଦେଇଛି। ତେଣୁ ଦଳର ଦୁଇ ଜଣ ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ କିପରି ଜିତିବେ ସେ ନେଇ ଉଦ୍ୟମ କରିବାକୁ ଶ୍ରୀ ଶାହା ପରାମର୍ଶ ଦେଇଥିବା ଶ୍ରୀ ପୁରୋହିତ କହିଛନ୍ତି ।

# କଂଗ୍ରେସ ସହ ରାଜ୍ୟସଭା ନିର୍ବାଚନ ବୁଝାମଣା ସାମୟିକ : ସଂତୃପ୍ତ

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟସଭା ନିର୍ବାଚନ ପାଇଁ ଚତୁର୍ଥ ପ୍ରାର୍ଥୀ ଭାବେ ବିଜେଡି ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମକୁ ସାମନାକୁ ଆଣିବା ପରେ ତାଙ୍କୁ ଉଭୟ କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନ ଜଣାଇଛି। ଡାକ୍ତର ହୋତା ମିଳିତ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଏହି ସମୟ ଭିତରେ ଉଭୟ ବିଜେଡି ଓ କଂଗ୍ରେସର ରାଜନୈତିକ ସମ୍ପର୍କ ଆଗକୁ କ'ଣ ରହିବ ତାକୁ ନେଇ ବିଭିନ୍ନ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି।

ମାତ୍ର ଏହି ଘଟଣାକୁ ବିଜେଡି ରାଜ୍ୟସଭା ପ୍ରାର୍ଥୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡଃ ସଂତୃପ୍ତ ମିଶ୍ର ଏକ ସାମୟିକ ବୁଝାମଣା ବୋଲି କହିଛନ୍ତି। ଡଃ ମିଶ୍ର କହିଛନ୍ତି ଯେ ଆମର କିଛି ବଳକା ଭୋଟ ଅଛି। କଂଗ୍ରେସ ମଧ୍ୟ ଏକାକୀ ପ୍ରାର୍ଥୀ ଦେଇ କାହାକୁ ରାଜ୍ୟସଭା ପଠାଇ ପାରିବନି। ତେଣୁ ଏହି ଭୋଟ ଗୁଡିକୁ ମିଶାଇ ଓଡ଼ିଶାରୁ ଆଉ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ପଠା ଯାଇପାରିବ କି ବୋଲି ଚିନ୍ତା କରା ଯାଇଥିଲା। ଏ ବିଷୟରେ ଆଲୋଚନା କଲା ପରେ ଆମ ଦଳର ସଭାପତି ନବୀନ ପଟ୍ଟନାୟକ ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କଲେ। କଂଗ୍ରେସ ମଧ୍ୟ ତାଙ୍କୁ ସମର୍ଥନ କରିବାକୁ ଘୋଷଣା କରିଛି ବୋଲି ଡଃ ମିଶ୍ର କହିଛନ୍ତି।

# ଜଙ୍ଗଲରୁ ଅଜଣା ଯୁବତୀଙ୍କ ଶବ ଉଦ୍ଧାର

**ରାଉରକେଲା, ୬।୩(ସମିସ):** ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ସ'ମିଲ ଛକ ନିକଟ ଜଙ୍ଗଲରୁ ଜଣେ ଅଜଣା ଯୁବତୀଙ୍କ ଶବ ଉଦ୍ଧାର ହୋଇଛି। ମୃତ ଯୁବତୀଙ୍କ ବୟସ ପାଖାପାଖି ୨୦ରୁ ୨୪ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ସକାଳେ ଯୁବତୀଙ୍କ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କେହି ଯୁବତୀ ଜଣଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ବେଳେ ପୁଲିସ ସାଇଣ୍ଟିଫିକ ଟିମ୍ ସହ ପ୍ରାଥମିକ ତଦନ୍ତ କରିବା ପରେ ସେଭଳି କିଛି ହୋଇନଥିବା କହିଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ଏପ୍ରିଲ ପହିଲାରୁ ଏସ୍ଆଇଆର୍

■ **ଭୁବନେଶ୍ୱର, ୬।୩ (ସମିସ):** ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ୨୦୨୬ କାର୍ଯ୍ୟକ୍ରମ ଏପ୍ରିଲ ପହିଲାରୁ ଆରମ୍ଭ ହେବ। ଏହି ସମୟରେ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ କରାଯାଇ ଭୋଟରମାନଙ୍କ ନାମ ବୈଧୀକରଣ କରାଯିବ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର (ବେସ୍‌ଲାଇନ) ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ ଓ ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଏପିକ୍ ବିବରଣୀ ମିଳାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ୍ କହିଛନ୍ତି।

**୨୦୦୨ ଭୋଟର ତାଲିକା ସହ ହେବ ମ୍ୟାପିଂ**


**୯୫ ପ୍ରତିଶତ ମ୍ୟାପିଂ ଲକ୍ଷ୍ୟ ରଖିଛନ୍ତି ସିଇଓ**

ଏହି ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ (ଇସିଆଇନେଟ୍) ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇନେଟ୍ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ। ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଞ୍ଚ କରି ସମ୍ବନ୍ଧିତ ବିବରଣୀ ବୁଥସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି। ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଯାଇପାରିବ। ଯଦି୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତାଙ୍କର ନାମ ନ ଥିବ ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଯାଇପାରିବ। ଯଦି ସେମାନଙ୍କର ମଧ୍ୟ ୨୦୦୨ ତାଲିକାରେ ନାମ ନ ଥିବ ତେବେ ଏସ୍ଆଇଆର୍ ଆରମ୍ଭ ହେବା ପରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ଗୋପାଳନ୍ ସ୍ପଷ୍ଟ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ। ବିଏଲ୍‌ଓମାନଙ୍କ ପାଖରେ ୨୦୦୨ ମସିହାର ଭୋଟର ତାଲିକା ହାର୍ଡ କପି ରହିଛି। କେଉଁ ନିର୍ବାଚନ ମଣ୍ଡଳୀରେ ନାଁ ଥିଲା, କେଉଁ ବୁଥ୍ ଓ ସିରିଏଲ୍ ନଂ କହିଦେଲେ ବିଏଲ୍‌ଓମାନେ ଆପ୍‌ରେ ମ୍ୟାପିଂ କରିଦେବେ। ରାଜ୍ୟରେ ପ୍ରାୟ ୯୫ ପ୍ରତିଶତ ଲୋକଙ୍କର ମ୍ୟାପିଂ ଟାର୍ଗେଟ୍ ରହିଛି। ୯୦ ପ୍ରତିଶତ ମ୍ୟାପିଂ ଲକ୍ଷ୍ୟ ହାସଲ ହୋଇସାରିଥିବା ବେଳେ ଆଉ ୫-୮ ପ୍ରତିଶତ ହାସଲ କରିଦେଲେ ଅନେକ ସୁବିଧ ହୋଇଯିବ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି। ତେବେ ଆଜିର ସ୍ଥିତିରେ ଓଡ଼ିଶାରେ ୯୦ ପ୍ରତିଶତ ଲୋକଙ୍କର କୌଣସି ସମସ୍ୟା ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି।

# ସମଲେଇ ମନ୍ଦିର ପରିସରରେ ମଦ-ମାଂସର ଆସର

**ସମ୍ବଲପୁର, ୬।୩ (ସମିସ):** ମନ୍ଦିର ଭିତରେ ମଦ-ମାଂସର ଆସର; ତାହା ପୁଣି ସମ୍ବଲପୁରସ୍ଥିତ ପଶ୍ଚିମ ଓଡ଼ିଶାର ଆଧିଷ୍ଠାତ୍ରୀ ଦେବୀ ମନ୍ଦିର ମା' ସମଲେଇଙ୍କ ପୀଠରେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଶ୍ରଦ୍ଧାଳୁଙ୍କ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଅପରପକ୍ଷେ, ମନ୍ଦିର ପୂଜକ ଓ ସୁରକ୍ଷା ବିଭାଗରେ ଥିବା କର୍ମଚାରୀ ଦୋଷ ଲଦାଲଦି ହୋଇଛନ୍ତି।



■ ଦୀପ ଘର ପଛରେ ଗଦାଗଦା ବୋତଲ
■ ପୂଜକ ଓ ସୁରକ୍ଷା ବିଭାଗ ଦୋଷ ଲଦାଲଦି

ସୂଚନାନୁସାରେ, ଗତକାଲି ମନ୍ଦିର ପରିସରରେ ଥିବା ଦୀପଘର ପଛ ପଟେ ଶହ ଶହ ମଦ ବୋତଲ ସହ ମାଂସ ତିଆରି ମସଲା, ଚୁଲି ବିରିୟାନୀ ପାର୍ସଲ ପ୍ୟାକେଟ୍ ଆଦି ପଡ଼ି ରହିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ମନ୍ଦିର ପରିସରରେ କିପରି ଭୋଜିର ଆସର ହେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ବର୍ଷତମାମ ମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଛନ୍ତି। ମନ୍ଦିରର ଶହଶହ ସୁରକ୍ଷା କର୍ମୀ ରହିଥିବା ବେଳେ ସିସିଟିଭି ମଧ୍ୟ ଲାଗିଛି। ଏପରି ସ୍ଥିତିରେ ଏଭଳି କାଣ୍ଡ କିଏ ଘଟାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଥିଲା। ସୁରକ୍ଷା କର୍ମୀଙ୍କ ଦାୟିତ୍ୱରେ ଥିବା ମ୍ୟାନେଜର୍ ପୂଜକଙ୍କୁ ଇଙ୍ଗିତ କରିଥିଲେ। ଫଳରେ ପୂଜକମାନେ ତାତିଥିଲେ। ମନ୍ଦିର ଭିତରେ ଏତେମାତ୍ରାରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିକୁ କଡ଼ାକଡ଼ି ପାଇଁ ସିସିଟିଭି ମଧ୍ୟ ଲାଗିଛି। ତେଣୁ ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ କିପରି ମଦ ମାଂସ ଆସର ଚାଲିଲା ବୋଲି ପୂଜାରୀମାନେ ପାଲଟା ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ଖବର ପାଇ ସମ୍ବଲପୁର ମହାନଗର ନିଗମର ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିଥିଲେ। ଦୀପଘର ପଛରେ ଅନ୍ଧାର ଥିବାରୁ ତୁରନ୍ତ ଲାଇଟ୍ ଓ ସିସିଟିଭି ଲଗାଇବା ପାଇଁ ଏସଏମସି କହିଥିଲା। ଏହାସହ ସୁରକ୍ଷା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେପଟେ, ସୁରକ୍ଷା ସଂସ୍ଥା ନିଜର ଭୁଲ୍ ମାନିଥିବା ବେଳେ ଆଗକୁ ଏମିତି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛି।

# ଅପରାଧ ଦଣ୍ଡହାରରେ ଝାରସୁଗୁଡ଼ା ଆଗରେ

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟରେ ଅପରାଧ ବଢୁଛି ଏହା ସହ ଅପରାଧୀଙ୍କ ସଂଖ୍ୟା ବି ବଢୁଛି। ମାତ୍ର ଯେଉଁ ହାରରେ ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହେବା କଥା, ତାହା ହୋଇ ପାରୁନାହିଁ। ଗତ ବିଧାନସଭା ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟ ରାଜ୍ୟରେ ଅପରାଧ ଦଣ୍ଡହାର କ୍ଷେତ୍ରରେ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସ୍ଥିତିକୁ ଦେଖିଲେ ନିରାଶ ହେବାକୁ ପଡ଼ିଛି । ତେବେ ଝାରସୁଗୁଡ଼ା ପରି ଉପାନ୍ତ ଜିଲ୍ଲାରେ ଅପରାଧ ଦଣ୍ଡହାର ୮୯.୫% ହେବା ଅନେକଙ୍କୁ ଆଶ୍ୱସ୍ତ କରିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତ ସମୟରେ ନୂତନ ଦଣ୍ଡ ଆଇନରେ ଓଡ଼ିଶାର ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କୌଣସି ଜିଲ୍ଲାର ନାମ ଉଲ୍ଲେଖ ନ କରିଥିଲେ ହେଁ ଝାରସୁଗୁଡ଼ାର ସଫଳତା ହାର ୮୯.୫%ରେ ଦଣ୍ଡହାର ପହଞ୍ଚିବାକୁ ପ୍ରଶଂସା କରିଛନ୍ତି । ତେବେ ଯେଉଁ ସଫଳତା ଝାରସୁଗୁଡ଼ା ଜିଲ୍ଲା ପୁଲିସ ହାସଲ କରିଛି, ସେପରି ସଫଳତା ଅନ୍ୟ ଜିଲ୍ଲା କାହିଁକି ପାଇନାହିଁ; ତାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଏପରିକି ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ଦଣ୍ଡହାର କ୍ଷେତ୍ରରେ ୧୦ ସ୍ଥାନ ମଧ୍ୟରେ ସ୍ଥାନ ନ ପାଇବା କମିଶନରେଟ ପୁଲିସ ପାଇଁ ଆହ୍ୱାନ ହୋଇଛି।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଗତବର୍ଷ ଝାରସୁଗୁଡାରେ ବିଚାର ହୋଇଥିବା ୨୦୩୬ ମାମଲା ମଧ୍ୟରୁ ୧୮୨୩ ମାମଲାରେ ଦଣ୍ଡବିଧାନ ଶେଷ ହୋଇଛି। ଅନୁରୂପ ଭାବରେ ଅନୁଗୁଳ (୬୮%), ସିଆଇଡି-ସିବି (୬୬.୭%),

▶▶ ରାଜଧାନୀରେ ୩୯.୯%, କଟକରେ ୪୦.୩%
▶▶ ଦୁଇ ଅଙ୍କ ଛୁଇଁ ପାରିନାହିଁ ବାଲେଶ୍ୱର, ଯାଜପୁର, ନୟାଗଡ଼
▶▶ ସବୁଠାରୁ ତଳେ କେନ୍ଦ୍ରାପଡ଼ା, ସଫଳତା ହାର ୩.୧ ପ୍ରତିଶତ

ବ୍ରହ୍ମପୁର (୬୫.୬%), ଗଞ୍ଜାମ (୫୭.୨%) ଏବଂ ସମ୍ବଲପୁର (୫୪%) ସଫଳତା ପାଇଛନ୍ତି । ଭୁବନେଶ୍ୱର ପୁଲିସ ଜିଲ୍ଲା (୧୨ ତମ ସ୍ଥାନ)ରେ ଦଣ୍ଡବିଧାନ ହାର ୩୯.୯% ରହିଛି ଓ କଟକ ସହର ପୁଲିସର ସଫଳତା ହାର ରହିଛି ୪୦.୩%। କୌତୂହଳର ବିଷୟ ହେଉଛି, କେନ୍ଦ୍ରାପଡ଼ା ଜିଲ୍ଲାର ସଫଳତା ହାର ୩.୧% ରହିଛି। ଅନ୍ୟପକ୍ଷରେ ଜଗତସିଂହପୁର ଜିଲ୍ଲାରେ ଦଣ୍ଡହାର ୪.୩%, ବାଲେଶ୍ୱରରେ ୬.୨%, ନୟାଗଡ଼ାରେ ୮.୬% ଓ ଯାଜପୁରରେ ୮% ଥିବା ସୂଚନା ମିଳିଛି ।

ଡିଜିପି ୱାଇ ବି ଖୁରାନିଆ ତଦନ୍ତର କଠୋର ତଦାରଖ, ନୂତନ ଅପରାଧ ଆଇନ ଅନୁଯାୟୀ ଫୋରେନସିକ୍ ଏବଂ ବୈଜ୍ଞାନିକ ପ୍ରମାଣ ଉପରେ ଅଧିକ ନିର୍ଭରଶୀଳତା, ଉନ୍ନତ ଭିତ୍ତିଭୂମି ଏବଂ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା ଭଳି ସଂସ୍କାରକୁ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଥିବା ଉଲ୍ଲେଖ କରି ଝାରସୁଗୁଡ଼ା ଜିଲ୍ଲା ପୁଲିସକୁ ପ୍ରଶଂସା କରିଛନ୍ତି। ତେବେ ପଶ୍ଚିମ ଓଡ଼ିଶାରେ ଝାରସୁଗୁଡା ପରି, ସମ୍ବଲପୁର ଏବଂ ବଲାଙ୍ଗିର ଜିଲ୍ଲାଗୁଡ଼ିକ ମଧ୍ୟ ଉଲ୍ଲେଖନୀୟ ଦଣ୍ଡବିଧାନ ହାର ହାସଲ କରିଥିବା ସମୟରେ ଉପକୂଳ ଜିଲ୍ଲାଗୁଡ଼ିକ ଏ କ୍ଷେତ୍ରରେ ଅସଫଳ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଝାରସୁଗୁଡ଼ା ଏସପି ଜିଆର ରାଘବେନ୍ଦ୍ରଙ୍କ ନେତୃତ୍ୱରେ ପୁଲିସ ୧୪ କୋଟି ଟଙ୍କାର ଏକ ପ୍ରମୁଖ ଆନ୍ତଃରାଜ୍ୟ ସାଇବର ଠକେଇ ସିଣ୍ଡିକେଟ୍ ଧରିବା ସହ ଏହାର ମୁଖିଆକୁ ଗିରଫ କରିଛି। ଏହା ସହ ଜେଲରେ ଅତର୍କିତ ଚଢାଉ ସମେତ ଡ୍ରଗ୍ସ ରାକେଟ (ବ୍ରାଉନ୍ ସୁଗାର) ଏବଂ ବେଆଇନ କାର୍ଯ୍ୟକଳାପ ଧରିବା ଝାରସୁଗୁଡ଼ା ପୁଲିସକୁ ସଫଳତା ଦେଇଛି। ଅନୁରୂପ ଭାବରେ ମାତ୍ର ୯୯ ଦିନରେ ଏକ ଜଘନ୍ୟ ପୋକ୍‌ସୋ ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ପ୍ରଦାନ କରିବାରେ ଝାରସୁଗୁଡ଼ା ପୁଲିସ ଉଲ୍ଲେଖନୀୟ ସଫଳତା ପାଇଛି । ଏହା ସହ ଆଉ ଏକ ମାମଲାରେ ମାତ୍ର ୧୬ ଦିନରେ ଚାର୍ଜସିଟ୍ ଦାଖଲ ସହ ୫୫ ଦିନ ମଧ୍ୟରେ ଅଭିଯୁକ୍ତକୁ ୨୫ ବର୍ଷ ଜେଲ ଦଣ୍ଡ ଦେବାରେ ଝାରସୁଗୁଡ଼ା ପୁଲିସର ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଯେଉଁଥିପାଇଁ ଏସ୍‌ପି ଜି.ଆର୍.ରାଘବେନ୍ଦ୍ରଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ୨୦୨୫ ରେ ସମ୍ମାନିତ କରାଯାଇଛି।

# ପୁଣି ରାଜପଥ ନେଲା ୨ ମୁଣ୍ଡ

**ପିପିଲି,୬ ।୩(ସମିସ):** ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ ପୁଣି ମୁଣ୍ଡ ନେଇଛି। ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାରେ ଏକ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ପିପିଲି ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତକଦ୍ୱୟଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ, ସନ୍ତୋଷ କୁମାର ସାହୁ। ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳର ମଧ୍ୟଶାସନ ଗ୍ରାମରେ ହୋଇଥିବା ବେଳେ ସେ ପୁରୁଣା ଭୁବନେଶ୍ୱର କେଉଟସାହି ଛକରେ ଥିବା ଏକ ତେଜରାତି ଦୋକାନରେ କାମ କରୁଥିଲେ। ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ସେହିପରି, ଆହତ ଯୁବକଜଣଙ୍କ ହେଲେ, ପୁରୁଣା ଭୁବନେଶ୍ୱର ଡାକବଙ୍ଗଳା ଛକ ଅଞ୍ଚଳର ସାଗର ମୁଳି(୧୭)। ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ୩ଜଣ ଯାକ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ୍‌ରେ ପୁରୀ ଆଡ଼କୁ ଯାଉଥିବା ବେଳେ ଦାଣ୍ଡମୁକୁନ୍ଦପୁର ବାଇପାସ୍ ନିକଟରେ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ରାତି ପ୍ରାୟ ୨ଟାରେ କିଛି ବ୍ୟକ୍ତି ସଂକୀର୍ତ୍ତନ ସାରି ଘରକୁ ଫେରୁଥିବା ବେଳେ ଦାଣ୍ଡମୁକୁନ୍ଦପୁର ବାଇପାସ୍‌ଠାରେ ୩ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ପିପିଲି ପୁଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ।

**ପଶ୍ଚିମା ଘୂର୍ଣ୍ଣିବଳୟ ସକ୍ରିୟ**

# ଆଜିଠୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟରେ ଶନିବାରଠାରୁ ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ଆଶଙ୍କା କରିଛି ପାଣିପାଗ ବିଭାଗ। ବର୍ତ୍ତମାନ ଏକ ପଶ୍ଚିମା ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପ ବାୟୁର ପ୍ରବାହ ବୃଦ୍ଧି ନେଇ ପାଗ ଅନୁକୂଳ ରହୁଛି। ଏହ ବାୟୁ ରାଜ୍ୟର ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ବୃଦ୍ଧି ପାଇଛି। ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପବନର ବେଗ ମଧ୍ୟ ୩୦-୪୦କିମି ପର୍ଯ୍ୟନ୍ତ ପହଞ୍ଚିବା ସହ କିଛି କିଛି ସ୍ଥାନରେ କୁଆପଥର ପଡ଼ିବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ରବିବାର ଏହାର ପ୍ରଭାବ ସବୁଠୁ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଶନିବାର ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ବର୍ଷା ଓ ବିଜୁଳି ଘଡ଼ଘଡ଼ି ବଢ଼ିବା ସହ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୪୦-୫୦ କିମି ପହଞ୍ଚିବା ଆଶଙ୍କା କରାଯାଉଛି। ଏହି ସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ଜଗନ୍ନାଥ ସାଗର ଉନ୍ନତୀକରଣ କାର୍ଯ୍ୟକୁ ନେଇ ପୌର ବୈଠକରେ ହଟ୍ଟଗୋଳ




ଜୟପୁର, ୬।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌର ପରିଷଦର ସାଧାରଣ ବୈଠକ ଶୁକ୍ରବାର ପୌର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାରମ୍ଭରୁ ଜଗନ୍ନାଥ ସାଗରର ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବିଜେଡି ଭିଜିଲାନ୍ସର ଦ୍ୱାରସ୍ଥକୁ ନେଇ ପ୍ରବଳ ହଟଗୋଳ ହୋଇଥିଲା। ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଏବଂ ବିଧାୟକ ତାରା ପ୍ରସାଦ ବାହିନୀପତି ଭିଜିଲାନ୍ସ ତଦନ୍ତ ସହିତ ସିବିଆଇ ତଦନ୍ତ କରିବାକୁ ମଧ ଆହ୍ୱାନ କରିଥିଲେ। କିଛି ବିଜେଡି ସମର୍ଥିତ କାଉନସିଲର ଭିଜିଲାନ୍ସ ଦାବି ବିଜେଡି ନେତାଙ୍କୁ ନେଇ ଦାବି କରିଥିବା ବୈଠକରେ ଆଲୋଚନା ବେଳେ ବିଜେଡି କାଉନସିଲର ଦେବରାଜ ଚୌଧୁରୀ, ଏନ.ଲକ୍ଷ୍ମୀନାରାୟଣ, ପାର୍ଥ ସାରଥି ମଲ୍ଲିକ ଏବଂ ପଦ୍ମା ରେଡ୍ଡି ଆପତ୍ତି ଉଠାଇବା ସହିତ ସମସ୍ତ କାଉନସିଲର ଏବଂ ଉପସ୍ଥିତ ଲୋକ ପ୍ରତିନିଧି ମାନେ ଦାବି କରିବାର ଆବଶ୍ୟକ ରହିଛି ବୋଲି କହିଥିଲେ। ଯଦି ଦୁର୍ନୀତି ହୋଇନାହିଁ, ତେବେ ତଦନ୍ତ କରିବାକୁ ଭୟଭୀତ କାହିଁକି ବୋଲି ପ୍ରଶ୍ନ କରିଥିଲେ। ତେଣୁ ସରକାର କୌଣସି ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଯିବା ନେଇ ସମସ୍ତେ ମିଳିତ ଭାବେ ଲିଖିତ ଦାବି କରୁନ୍ତୁ ବୋଲି କହିଥିଲେ। କିଛି ସମୟ ପାଇଁ ବୈଠକ କକ୍ଷରେ ହଟଗୋଳ ସହିତ କଥା କଟାକଟି ହୋଇଥିଲା। ଏହାପରେ ଗତ ନଭେମ୍ବର ମାସରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ଏବଂ ଗତ ଫେବୃୟାରୀ ମାସରେ ସ୍ୱତନ୍ତ୍ର କାଉନସିଲ ବୈଠକରେ ଅଧିକାଂଶ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହିପରି ଗତ ୨୦୨୫ ମସିହା ଅକ୍ଟୋବର ମାସ ଠାରୁ ଜାନୁୟାରୀ ମାସ ଶେଷ ପର୍ଯ୍ୟନ୍ତ ପୌରସଂସ୍ଥା ପକ୍ଷରୁ ହୋଇଥିବା ଖର୍ଚ୍ଚକୁ ବୈଠକରେ ମଞ୍ଜୁର କରାଯାଇଥିଲା। ସେହିପରି ଆସନ୍ତା ଆର୍ଥିକ ବର୍ଷ ପାଇଁ ପୌରସଂସ୍ଥା ପକ୍ଷରୁ ଜୀବାଣୁ ନାଶକ ବ୍ଲିଚିଂ ପାଉଡର, ଫିନାଇଲ ଏବଂ ମଶାମରା ତେଲ କ୍ରୟ ନିମନ୍ତେ ଟେଣ୍ଡର ପ୍ରକ୍ରିୟା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସହରରେ ଖାଲି ପଡିଥିବା ଗୋଟିଏ ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର ଏବଂ ୧୦ଟି ଜଳ ସାଥି ପଦବୀ ପୂରଣ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆବେଦନ କରିବେ। ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଳୟ ପରିଚାଳନା ନିମନ୍ତେ ଆବଶ୍ୟକ କାଗଜପତ୍ର ଏବଂ ପ୍ରିଣ୍ଟି ସାମଗ୍ରି ଆହ୍ୱାନ କରିବାକୁ ମଞ୍ଜୁର କରାଯାଇଛି। ପୌରସଂସ୍ଥାରେ ରହିଥିବା ୫ଟି ମଳମୂତ୍ର ନିଷ୍କାସନ ଗାଡିକୁ ଠିକା ସଂସ୍ଥା ଦ୍ୱାରା ପରିଚାଳନା ନେଇ ଟେଣ୍ଡର ମାଧ୍ୟମ ପ୍ରଦାନ କରାଯିବ। ଘୋଡାଶାଳ (ପୁରାତନ ଅଗ୍ନିସମ ବିଭାଗର )ପଡିଆର ସୁରକ୍ଷା ପାଇଁ ପାଚେରୀ ଏବଂ ମୁଖ୍ୟ ଫାଟକ ନିର୍ମାଣ ଏବଂ ଉକ୍ତ ପଡିଆରେ ରହିଥିବା ବ୍ୟାୟମଶାଳା ଗୃହକ ବୃଦ୍ଧି ଏବଂ ଉନ୍ନତୀକରଣ ପାଇଁ ପାଇଁ ପରିଷଦ ମଞ୍ଜୁର କରାଯାଇଛି। ସହରରେ ସଂଯୋଗ ହୋଇଥିବା ସିସି କ୍ୟାମେରା ଏବଂ ଟାଉନ ଥାନାରେ ରହିଥିବା କଣ୍ଟ୍ରୋଲ କକ୍ଷର ରକ୍ଷଣାବେକ୍ଷଣ ଏବଂ କିଛି ସମ୍ବେଦନ ଶୀଳ ଅଞ୍ଚଳରେ ସିସି କ୍ୟାମେରା ସଂଯୋଗ ନେଇ ପୁଲିସ ବିଭାଗ ପକ୍ଷରୁ ପୌରସଂସ୍ଥାକୁ ଅନୁରୋଧ କରାଯାଇଥିଲା। ଏହାକୁ ବୈଠକରେ ମଞ୍ଜୁର କରାଯାଇଛି। ସେହିପରି ସହର ନିର୍ମାଣ ହେବାକୁ ଥିବା ୪ଟି ବହୁମୁଖୀ ଭବନ ମଧ୍ୟରୁ ୩ଟି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବା ବେଳେ ଜମି ଯୋଗାଣ ହୋଇନଥିବା ଯୋଗୁଁ ୪ର୍ଥ ଭବନ ନିର୍ମାଣ ହୋଇନଥିବା ଯୋଗୁଁ ଆଜି ବୈଠକରେ ନୂଆସାହି ତ୍ରିମୂର୍ତ୍ତି କଲ୍ୟାଣ ମଣ୍ଡପ ପରିସରରେ ୪ର୍ଥ ବହୁମୁଖୀ ଭବନ ନିର୍ମାଣ ପାଇଁ ମଞ୍ଜୁର କରିବାକୁ ନିଷ୍ପତି ହୋଇଛି। ସେହିପରି ଟ୍ରାଫିକ, ଅସମାଜିକ କାର୍ଯ ନିୟନ୍ତ୍ରଣ, ପାଇଁ ନୂତନ କଣ୍ଟ୍ରୋଲ ରୁମ ନିର୍ମାଣ କରାଯାଇ। ପୁଲିସ ସେଠାରେ ଉପସ୍ଥିତ ରହିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସଜାଗ ରହିବେ। ସହରର ତାରିଣି ଛକ, ଗ୍ଲୋକାଲ ଛକ, ବୃନ୍ଦାବନ ନଗର ସ୍ଥିତ ଖାଲିସ୍ଥାନ ଏବଂ ଅନ୍ୟାନ୍ୟ କିଛି ଛକର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରାଯିବ। ସେହିପରି ବାପୁଜୀନଗର ଛକ ଠାରେ ସରକାରୀ ଜମିରେ ଏକ ସୁନ୍ଦର ଓ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ସେହିପରି ଦ୍ୱିତୀୟ ଦୈନିକ ବଜାରରେ ୧୦ ମେଟ୍ରିକଟନ ବିଶିଷ୍ଟ ସୌରଶକ୍ତିରେ ପରିଚାଳିତ ଶୀତଳ ଭଣ୍ଡାର ନିର୍ମାଣ ପ୍ରଭୃତି ପ୍ରସ୍ତାବ ଗୁଡିକ ଗୃହିତ ହୋଇଯାଇଛି। ଗାନ୍ଧିଛକ ଠାରେ ଟ୍ରିଫିକ ସିଗନାଲ ନିର୍ମାଣ, ମୁଖ୍ୟ ଟ୍ରାଫିକ ଛକ ଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ପଥଚାରୀଙ୍କ ପାଇଁ ଚଲାପଥ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, କାଉସିଲର ଯଶପାଲ ସିଂ, ପ୍ରଣବ କିଶୋର ନାୟକ, ସିମାଞ୍ଚଳ ବିଶୋୟୀ, ରବିନ୍ଦ୍ର ସାହୁ, ଗୋପୀନାଥ ମହାନ୍ତି, ଉଷାରାଣି ଦଣ୍ଡସେନା. ଅର୍ପିତା ଷଡଙ୍ଗୀ, ଶଶିରେଖା ପରଜା, ଅଜିତ ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର

ବୈପାରିଗୁଡ଼ା, ୬।୩(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡଗୁଡା ଛକରେ ବାଇକ୍ ଧକ୍କାରେ ଜଣେ ଆହତ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ଘଟଣା ଅନୁଯାୟୀ, ବୈପାରିଗୁଡାର ପାଲିଗୁଡା ଗ୍ରାମର ଯୁବକ ଜଗନ୍ନାଥ ସିଲପାଡିଆ (୨୫) ଜାତୀୟ ରାଜପଥ ଗୌଡଗୁଡା ଛକ ନିକଟ ରାସ୍ତା କଡ଼ରେ ଚାଲିଚାଲି ଯାଉଥିବା ବେଳେ ଗୋଟିଏ ବାଇକ୍ ଧକ୍କା ଦେଇଥିଲା। ବାଇକ୍‌ରେ ଭେଜାପାବଲି ଗ୍ରାମର ତିନି ଜଣ ଯୁବକ ଅର୍ଜୁନ କରଲିଆ (୨୨) ଏବଂ ମହେନ୍ଦ୍ର ମାଝୀ (୨୧) ଓ ତାଙ୍କ ବନ୍ଧୁ ମିଶି ଭେଜାଗୁଡା ଗ୍ରାମରେ ଚାଲିଥିବା ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ବାହାରିଥିଲେ। ତେବେ ଗୌଡଗୁଡା ଛକ ନିକଟରେ ପାଲିଗୁଡା ଗ୍ରାମର ଜଗନ୍ନାଥ ଚାଲିଚାଲି ଯାଉଥିବା ବେଳେ ତିନି ଜଣ ବାଇକ୍ ଆରୋହୀ ପଛପଟୁ ଜଗନ୍ନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ଜଗନ୍ନାଥ ସମେତ ସମସ୍ତେ ଛିଟିକି ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲେ। ଜଗନ୍ନାଥଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ବାମ ହାତର ଆଙ୍ଗୁଠି ଛିଡ଼ି ଯାଇଥିଲା। ବାଇକ୍ ଆରୋହୀ ଅର୍ଜନର ମଧ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମହେନ୍ଦ୍ର ମାଝୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକେ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପାଲିଗୁଡାର ଜଗନ୍ନାଥ ସିଲପାଡିଆ ଏବଂ ଭେଜାପାବଲି ଗ୍ରାମର ଅର୍ଜୁନ କରଲିଆକୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି।

# କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ଜୟପୁର, ୬।୩(ସମିସ) :ଜୟପୁର ବ୍ଲକ ପୁଜାରିପୁଟ ଗ୍ରାମ ପଞ୍ଚାୟତର ସଦର ଗ୍ରାମ ଠାରେ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସୀତାମଣି କଲ୍ୟାଣ ମଣ୍ଡପକ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଯୁବ କଂଗ୍ରେସ ନେତା ତୁଳାରାମ ହରିଜନ, ସନୁ ନାଟିକା, ମନୋଜ ନାୟକ ସହିତ ଅନେକ ସ୍ଥାନୀୟ ବାସିନ୍ଦା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି ପୂଜାରିପୁଟର ଗ୍ରାମର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ।।

# ଜଳବନ୍ଦୀ ଅଞ୍ଚଳରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ତେନ୍ତୁଳିଖୁଣ୍ଟି ୬।୩(ସମିସ):



ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଜଳବନ୍ଦୀ ଅଞ୍ଚଳ ଗୁରୁମାଇଗୁଡ଼ା ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉଭୟ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ବିଧାୟକ ଶ୍ରୀ ମାଝୀ ମିଳିତ ଭାବରେ ଜଳବନ୍ଦୀ ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିବା ସହ ସମସ୍ୟା ସମାଧାନ ପାଇଁ ପତିଶୃତି ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥା ତ୍ୱରାନ୍ୱିତ କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରିବା, ସଡ଼କ ଓ ଟେଲି ଯୋଗାଯୋଗ ବ୍ୟବସ୍ଥା ପାଇଁ ଶିବିରରେ ଜଳବନ୍ଦୀ ଅଞ୍ଚଳବାସୀ ନିବେଦନ କରିଥିଲେ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଯେଉଁ ଅର୍ଥରାଶି ସରକାର ଯୋଗାଇ ଦେଉଛନ୍ତି, ତାହା ବିଧାୟକ ପ୍ରକାଶ କରିବା ସହ ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ଏହା ସହାୟକ ହେଉଥିବା ପ୍ରକାଶ କରିଥିଲେ। ଶିବିରରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଗୋଷ୍ଠି ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ , ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଶୁଭେନ୍ଦୁ ମୋହନ ବାଗ ଓ ଅମରେଶ ମହାନ୍ତି , ଗ୍ରାମ୍ୟ ଉନୟନ ବିଭାଗ ଯନ୍ତ୍ରୀ, ସ୍ଥାନୀୟ ସରପଞ୍ଚ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କର୍ମଚାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଜଳବନ୍ଦୀ ଅଞ୍ଚଳର ଗୁରୁମାଇ ଗୁଡା, ବାଗ୍ରା, ଝଲାଗୁଡା ଏବଂ ତଳଙ୍ଗ ଗ୍ରାମର ଲୋକେ ଉପସ୍ଥିତ ରହି ସମସ୍ୟା ଜଣାଇଥିଲେ।

# ଶିକ୍ଷୟିତ୍ରୀଙ୍କ ଘରୁ ସୁନା ଓ ରୁପା ଗହଣା ଚୋରି

ବୈପାରିଗୁଡ଼ା,୬।୩(ସମିସ): ବୈପାରିଗୁଡା ବୀରଖମ୍ବ ସାହିରେ ରହୁଥିବା ଶିକ୍ଷୟିତ୍ରୀ କନକ ଭୁମିଆଙ୍କ ଘରତାଲା ଭାଙ୍ଗି ଆଲମିରାରୁ ସୁନା ଓ ରୂପା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତକାଲି ଶିକ୍ଷୟିତ୍ରୀ କନକ ଭୁମିଆ ସାଢ଼େ ୪ଟା ବେଳେ ବିଦ୍ୟାଳୟରୁ ଘରକୁ ଫେରିଥିଲେ। ରାତି ସାଢ଼େ ୭ଟା ବେଳେ ନିଜ ସମ୍ପର୍କୀୟ ବନ୍ଧୁଙ୍କ ବାହାଘର ଉତ୍ସବରେ ଯୋଗଦେବାକୁ ମୁଣ୍ଡାଗୁଡ଼ା ଯାଇଥିଲେ। ରାତି ସାଢ଼େ ୯ଟା ବେଳେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଅବସ୍ଥାରେ ତଳେ ପଡ଼ିଥିବା ବେଳେ ଆଲମିରା ଲକର୍ ମଧ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଆଲମିରା ଲକର୍‌ରେ ରଖିଥିବା ତିନି ଭରି ସୁନା ଓ ୭ ତୋଲା ରୁପା ନଥିବା ଏବଂ ଜିନିଷପତ୍ର ସବୁ ଏଣେତେଣେ ପଡ଼ିଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲେ। ତୁରନ୍ତ ବୈପାରିଗୁଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ବୈପାରିଗୁଡା ପୁଲିସ ଶିକ୍ଷୟିତ୍ରୀଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆଜି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି




ଜୟପୁର,୬।୩(ସମିସ): ଆଦିବାସୀ ଜାଗରଣ ସଂଘ ପକ୍ଷରୁ ବୋରିଗୁମ୍ମା ସହରର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଜୟପୁର ଉପ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟ ଠାରେ ଏକ ଦାବିପତ୍ର ଆଜି ପ୍ରଦାନ କରାଯାଇଛି। ଦେଶ ସ୍ୱାଧୀନ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହାରେ ସହିଦ ଲକ୍ଷ୍ମଣ ନାୟକ ଜନ୍ମ ଗ୍ରହଣ କରିଥିଲେ। ଦେଶ ସ୍ୱାଧୀନ ପାଇଁ ଫାଶି ଖୁଣ୍ଟରେ ଝୁଲିଥିଲେ। ସେହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ବୋରିଗୁମ୍ମା ଟ୍ରାଫିକ ଛକ ନିକଟରେ ସ୍ଥାପନ କରିବା ପାଇଁ ସରକାର ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ପନିପରିବା ବିକ୍ରି କରିବା ନିମନ୍ତେ ପରିବା ବଜାର ମଣ୍ଡି ନିର୍ମାଣ କରିବା ପାଇଁ ମଧ ଦାବି କରାଯାଇଛି। ଏଥିନିମନ୍ତେ ଜଣେ ଆଦିବାସୀ ବ୍ୟକ୍ତି ମଣ୍ଡି ନିର୍ମାଣ ପାଇଁ ଜମି ପ୍ରଦାନ କରିଛନ୍ତି। ଏଠାରେ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇ ଚାଷୀଙ୍କ ଅମଳ ପନିପରିବା କୌଣସି ଅସାଧୁ ବ୍ୟବସାୟଙ୍କ ଦ୍ୱାରା ଦର ନିର୍ଦ୍ଧାରିତ ହେବା ବଦଳରେ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ଦର ନିର୍ଦ୍ଧାରିତ କରାଗଲେ ଚାଷୀ ମାନେ ମଧ ଉପକୃତ ହେବା ସହିତ ବ୍ୟବସାୟୀ ମାନେ ମଧ ସଠିକ ଦରରେ ଏହା କ୍ରୟ କରିପାରି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିରେ ସଂଘର ପରାମର୍ଶଦାତା ହରିଶ୍ଚନ୍ଦ୍ର ମୁଦୁଲି, ସଭାପତି ସତ୍ୟନାରାୟଣ ନାୟକ, ଉପସଭାପତି କମୁଲୁ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ଗୀତା ପଞ୍ଚ ମହାଯଜ୍ଞ



ଚନ୍ଦ୍ରପୁର,୬।୩(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମ ଠାରେ ବିଶ୍ୱ ଶାନ୍ତି ପାଇଁ ଆଜି କଳସ ଯାତ୍ରା କରାଯାଇଥିଲା। ଅର୍ଣ୍ଣ ଯଜ୍ଞ, ଜ୍ଞାନ ଯଜ୍ଞ, ନାମଯଜ୍ଞ, ଗୀତା ଯଜ୍ଞ, ଜପ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ବିବାହ, ବ୍ରତ ହୁଅନ୍ତି। ଏଠାରେ ପ୍ରବଚନ, ଭଜନ ସମାରୋହ ଆୟୋଜନ କରାଯାଉଛି। ଏହି ଯଜ୍ଞ ୪ଦିନ ଧରି ଚାଲିବ ବୋଲି ଗୀତା ବାବା ସୂଚାଇ ଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍ୟୋକ୍ତା ଗୀତାଗୁରୁ କରୁଣାକର ପାତ୍ର ସ୍ୱାମୀଙ୍କ ତତ୍ତ୍ୱାବଧାନରେ କରାଯାଉଛି। ଶ୍ରୀ ମିନାଝୋଲା ଜନକଲ୍ୟାଣ ଆଶ୍ରମର ବାବା ସ୍ୱାମୀ ଜନକା ନନ୍ଦ ଗିରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଏକ ସାମ୍ବାଦିକ ସମ୍ମିଳନୀ କରି ଚନ୍ଦ୍ରପୁର ବ୍ଲକର ସର୍ବାଙ୍ଗୀନ ଉନ୍ନତି ହିନ୍ଦୁ ଧର୍ମର ସୁରକ୍ଷା, ମଠ ମନ୍ଦିର ସୁରକ୍ଷା, ଗୋ ଚାଲାଣ ବନ୍ଦ ସହ ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ରାୟଗଡ଼ା ତୁରୁଜିଆମ୍ ବିଭାଗ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ଗୀତା ଗୁରୁ କରୁଣାକର ପାତ୍ର ସ୍ୱାମୀ ଓ ସ୍ୱାମୀ ଜନକନନ୍ଦ ଗିରି ସୂଚାଇଥିଲେ। ଏହି କାର୍ଯ୍ୟକ୍ରମରେ ବିବାହ କାର୍ଯ୍ୟ କରାଯାଇଥିଲା। ପୁରୋହିତ ଦଇତାରୀ ବ୍ରହ୍ମା, ଶ୍ରୀ ମିଶ୍ର ଯଜ୍ଞ କାର୍ଯ୍ୟ କରିଥିଲେ। ଚନ୍ଦ୍ରପୁର, ମୁନିଗୁଡା, ଗୁଡ଼ାରୀ ଗୁଣୁପୁର, ବିଷମ କଟକ ଅଞ୍ଚଳରୁ ସହ ସହ ଭକ୍ତ ଯୋଗ ଦେଇଥିଲେ। ଏହି ଗୀତା ଯଜ୍ଞକୁ ପ୍ରଚାର ପ୍ରସାର କରିବା ପାଇଁ ଚନ୍ଦ୍ରପୁର ବ୍ଲକ ସାମ୍ବାଦିକ ସଂଘର ସମସ୍ତ ସଭ୍ୟଙ୍କୁ ନିମନ୍ତ୍ରଣ କରି ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହାକୁ ଗୀତା ଗୁରୁ ସ୍ୱାମୀ କରୁଣାକର ପାତ୍ର ପରିଚାଳନା କରିଥିବା ବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ।।

# ବିବେକାନନ୍ଦ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁନ୍ଦୁରା, ୬।୩ (ସମିସ): କୁନ୍ଦୁରା ସ୍ଥିତ ବିବେକାନନ୍ଦ ଇଂରାଜୀ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନର ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡାକ୍ତର ନୀଳାଦ୍ରି ନାଥ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦସାମନ୍ତରାୟ, ପଞ୍ଚାୟତସମିତିଅଧ୍ୟକ୍ଷାବନିତାକାନ୍ଦଲିଆ, ଜିଲ୍ଲାପରିଷଦ ସଭ୍ୟା କନକଲତା ପେଣ୍ଠିଆ, ସରପଞ୍ଚ ଲବ ପରଜା ଯୋଗ ଦେଇଥିଲେ।



ଏହି ଅନୁଷ୍ଠାନର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନ୍ଦୁରା ଭଳି ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ ୨୦୧୯ ମସିହାରେ ବିବେକାନନ୍ଦ ଇଂରାଜୀ ମିଡିୟମ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଯାହାକୁ ନେଇ ବିଧାୟକ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ସଂସ୍କୃତ ଭାଷାର ସୁଦୃଢ ବ୍ୟାକରଣ ସଂରଚନା ଭାରତୀୟ ମାନଙ୍କ ନିମନ୍ତେ ଇଂରାଜୀ ଭାଷା ବ୍ୟବହାରରେ ନିର୍ଭୁଲ ଏବଂ ସହଜ ହେଉଥିବା ବିଷୟରେ କହିଥିଲେ। ବାର୍ଷିକ ଉତ୍ସବ ନିମନ୍ତେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ତେଜସ୍ୱିନୀ ଦେବତା, ପୁନମ ତପନ, ସତ୍ୟସାଇ ପ୍ରଧାନ, ଜଳଦୀପ ସଗରିଆ, ବର୍ଷା ତ୍ରିପାଠୀ, ସୁଜ୍ଞାନୀ ନାୟକ, ଅର୍ପିତା ସାବତ, ଦୀପ୍ତି ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଜୟପୁର, ୬।୩(ସମିସ) : ଜୟପୁର ସଦରଥାନା ଗାଗନାପୁର ଏବଂ ଡୁମୁରିପୁଟ ଗ୍ରାମ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଗତ ଶୁକ୍ରବାର ରାତିରେ ଜୟପୁର ସହରର ବେଲରୋଡ ବାସିନ୍ଦା ରିଙ୍କୁ ମାଝି (୩୧) ଗୁରୁତର ଭାବେ ଆହତ ହୋଇ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧିନ ଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ଗତ ଶୁକ୍ରବାର ରାତିରେ କୌଣସି ଅଜଣାଗାଡି ଧକ୍କାରେ ତାଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଯୋଗୁଁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥିନେଇ ସଦରଥାନାରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ସାମୂହିକ ଯୋଗ ଓ ଫିଟ୍‌ନେସ ପ୍ରଶିକ୍ଷଣ



କୋରାପୁଟ, ୬।୩(ସମିସ) ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ତିନି ଦିନିଆ କାର୍ଯ୍ୟକ୍ରମ ରଖାଯାଇଛି। ପ୍ରଥମ ଦିବସରେ ଶକ୍ତି ସ୍ୱରୂପିଣୀ ଅବସରରେ ସାମୂହିକ ଯୋଗ ଓ ଫିଟନେସ୍ ତଥା ଶାରୀରିକ କାର୍ଯ୍ୟକଳାପକୁ ନେଇ ମହିଳା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗ ପ୍ରଶିକ୍ଷକ ଏବଂ କୋରାପୁଟ ଖେଲୋ ଇଣ୍ଡିଆ ସେଣ୍ଟରର କୋଚ ମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ।

# ସାଇବର, ଅର୍ଥନୈତିକ ଅପରାଧ ପୁଲିସ ଥାନା ଉଦ୍‌ଘାଟିତ




ନବରଙ୍ଗପୁର,୬।୩(ସମିସ): ନବରଙ୍ଗପୁର ସାଇବର ଏବଂ ଅର୍ଥନୈତିକ ଅପରାଧ ପୁଲିସ ଥାନା ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ କର କମଳରେ ଭିଡିଓ କନଫରେନ୍ସ ମାଧ୍ୟମରେ ଭୁବନେଶ୍ୱରରୁ ଏହି ଥାନାର ଉଦ୍‌ଘାଟନ କରାଯାଇଛି। ନବରଙ୍ଗପୁର ଡିଏସ ୩ ସିନେମା ହଲ୍ ନିକଟସ୍ଥ ଏହି ନୂତନ ସାଇବର ଏବଂ ଅର୍ଥନୈତିକ ଅପରାଧ ପୁଲିସ ଥାନାର ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପୁଲିସ ଡିଆଇଜି ଡଃ କନବର୍ ବିଶାଲ ସିଂ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦୀପ ସମ୍ପତ, ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତରା ,ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ପ୍ରମୁଖଙ୍କ ସମେତ ନବରଙ୍ଗପୁର ବହୁ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ୱାସ୍ଥ୍ୟ ବିକାଶ ସମିତିର ବୈଠକ

# ମେ' ସୁଦ୍ଧା ନୂଆ କୋଠାକୁ ହସ୍‌ପିଟାଲ ସ୍ଥାନାନ୍ତର

କୋରାପୁଟ,୬।୩(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ସ୍ୱାସ୍ଥ୍ୟ ବିକାଶ ସମିତିର ପ୍ରଥମ କାର୍ଯ୍ୟ ନିର୍ବାହୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଆଭାଷୀ ଜରିଆରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ସମିତିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ମେଡିକାଲ କଲେଜରେ ୩୪୭ ଗୋଟି ବିଭିନ୍ନ ପଦବୀ ଖାଲି ରହିଥିବା ବେଳେ ଏହି ପଦବୀ ଗୁଡ଼ିକ ପୂରଣ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଆସନ୍ତା ମେ ୩୧ ସୁଦ୍ଧା ୬୫୦ ଶଯ୍ୟା ବିଶିଷ୍ଟ ନୂତନ ହସପିଟାଲ କୋଠା କାର୍ଯ୍ୟକ୍ଷମ କରାଯିବ ବୋଲି ଜଣାପଡିଛି। ରେଫେରାଲ ସଂଖ୍ୟା ହ୍ରାସ କରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ୱାର୍ଡରେ ଭାଷା କାଉନସିଲରଙ୍କୁ ନିଯୁକ୍ତ ଦେବା ସହ ସିକେଲସେଲ ୟୁନିଟ ଆରମ୍ଭ କରିବାକୁ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ପ୍ରସ୍ତାବ ଦେଇ ଆଉ ଗୋଟିଏ ବ୍ଲଡ ସେପାରେସନ ୟୁନିଟ୍ ସ୍ଥାପନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ସୁପର ସ୍ପେଶିଆଲିଟ୍ ଡାକ୍ତର ମାସରେ ଥରେ ଆସି ରୋଗୀ ସେବା ପ୍ରଦାନ କରୁଥିବା ବେଳେ ଏହାକୁ ମାସରେ ୪ ଦିନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟ ପକ୍ଷରେ ବର୍ଷା ଦିନ ପୂର୍ବରୁ ନୂତନ କୋଠାରେ ହସ୍‌ପିଟାଲ ସ୍ଥାନାନ୍ତର କରିବାକୁ ପଦକ୍ଷେପ ନିଆଯାଉଥିବା ହସ୍‌ପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ କହିଛନ୍ତି। କଲେଜ ଡିନ ପ୍ରଫେସର ଡାକ୍ତର ହରେକୃଷ୍ଣ ଦଳେଇ, ଅତିରିକ୍ତ ଏସପି ମନୋବ୍ରତା ଶତପଥି, ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମେଡିକାଲ କଲେଜ ଭେଷଜ, ସର୍ଜରୀ ଓ ଜୈବ ରାସାୟନ ବିଭାଗର ମୁଖ୍ୟ ଏବଂ ହସପିଟାଲ ମ୍ୟାନେଜର ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ହସ୍‌ପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ବୈଠକ ପରିଚାଳନା କରିଥିଲେ।





## ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ପରୀକ୍ଷା ଦିନ ବିଦ୍ୟାଳୟରେ ପହଞ୍ଚିଲାନି ପ୍ରଶ୍ନପତ୍ର




ବିଷମ କଟକ, ୬।୩(ସମିସ): ଆଜି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲରେ ପ୍ରଶ୍ନପତ୍ର ନ ପହଞ୍ଚିବାରୁ ଏଭଳି ପରିସ୍ଥିତି ଉପୁଜିଛି। ରାଜ୍ୟ ସରକାର ୬ ମାର୍ଚ୍ଚରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଦେବା ନିମନ୍ତେ ସୂଚୀ ପ୍ରସ୍ତୁତ କରିଛନ୍ତି। ପରୀକ୍ଷା ଦିବସର ପୂର୍ବରୁ ସମସ୍ତ ବିଦ୍ୟାଳୟରେ ପ୍ରଶ୍ନପ୍ରତ ପହଞ୍ଚାଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଆଜି ପରୀକ୍ଷାର ପ୍ରଥମ ଦିନ ବିଷମ କଟକ ବ୍ଲକର ୧୮୬ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ନିମନ୍ତେ ଶିକ୍ଷକମାନେ ସମସ୍ତ ପ୍ରସ୍ତୁତି ସାରିଦେଇଥିଲେ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୭୦୨୪ ଜଣ ଛାତ୍ରଛାତ୍ରୀ ମୌଖିକ ପରୀକ୍ଷା ଦେବା ନିମନ୍ତେ ବିଦ୍ୟାଳୟକୁ ପହଞ୍ଚି ଥିଲେ। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମୌଖିକ ପ୍ରଶ୍ନପତ୍ର କୌଣସି ବିଦ୍ୟାଳୟକୁ ପ୍ରଦାନ କରାଯାଇନାହିଁ। ପ୍ରଶ୍ନପତ୍ର ନ ପହଞ୍ଚିବାରୁ କୌଣସି ବିଦ୍ୟାଳୟରେ ଆଜି ମୌଖିକ ପରୀକ୍ଷା ହୋଇପାରିନାହିଁ। ଫଳରେ ଛାତ୍ରଛାତ୍ରୀ ପରୀକ୍ଷା ନ ଦେଇ ନିରାଶ ହୋଇ ଘରକୁ ଫେରିଛନ୍ତି। ପ୍ରଶ୍ନପତ୍ର ଅଭାବରୁ ପରୀକ୍ଷା ବନ୍ଦ ହେବା ଚଳିତ ବର୍ଷ ଏହା ବିରଳ ଘଟଣା। ଏଥି ପୂର୍ବରୁ କୌଣସି ବର୍ଷ ଏପରି ଅବ୍ୟବସ୍ଥା ବ୍ଲକ୍‌ରେ ଦେଖିବାକୁ ମିଳିନଥିଲା ବୋଲି ଶିକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି। ବର୍ତ୍ତମାନ ବିଷମ କଟକ

### ନିରାଶ ହୋଇ ଘରକୁ ଫେରିଲେ ଛାତ୍ରଛାତ୍ରୀ

ବ୍ଲକ୍‌ରେ ମୁରବୀ ବିହିନ ଶିକ୍ଷା ବ୍ୟବସ୍ଥାର ଏ ହେଉଛି ନିଛକ ଉଦାହରଣ ବୋଲି ଶିକ୍ଷକ ମାନେ କହୁଛନ୍ତି। ବ୍ଲକରେ ଦୀର୍ଘ ଏକ ବର୍ଷ ହେବ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଛି। ରାୟଗଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବିଷମ କଟକ ବ୍ଲକ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟୀତ୍ୱ ତୁଲାଉଛନ୍ତି। ଜିଲ୍ଲାର କାର୍ଯ୍ୟଭାର ତୁଲାଉଥିବା ବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟୀତ୍ୱ ତୁଲାଇବା କଷ୍ଟକର ବ୍ୟାପାର । ତେଣୁ ବିଷମ କଟକ ବ୍ଲକ୍‌ରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତି ହେଲେ ଏପରି ଅବ୍ୟବସ୍ଥା ହେବନାହିଁ ବୋଲି ଶିକ୍ଷକ ମାନେ ମତ ରଖିଛନ୍ତି। ପ୍ରଶ୍ନପତ୍ର ନ ପହଞ୍ଚିବା ସମ୍ବନ୍ଧରେ ଆମ୍ଭେ ଅତିରିକ୍ତ ଜିଲ୍ଲା ଶାକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନିଙ୍କ ସହ ଯୋଗାଯୋଗ କରିଥିବା ବେଳେ ପ୍ରଶ୍ନପତ୍ର ବିତରଣ ଦାୟୀତ୍ୱରେ ରହିଥିବା ଏଜେନ୍‌ସି ସମସ୍ତ ପ୍ରଶ୍ନପତ୍ର ବିଦ୍ୟାଳୟରେ ଯୋଗାଇ ଦେଇଥିବା ବେଳେ ମୌଖିକ ପ୍ରଶ୍ନପତ୍ର ପହଞ୍ଚାଇବା ଭୁଲି ଯାଇଥିଲେ। ସୂଚନା ପାଇବା ପରେ ଏଜେନ୍ସି ପ୍ରଶ୍ନପତ୍ର ବିତରଣ କରୁଛନ୍ତି। ଆସାନ୍ତକାଲି ଠାରୁ ସମସ୍ତ ବିଦ୍ୟାଳୟରେ ପରୀକ୍ଷା ସ୍ୱାଭାବିକ ହେବ ବୋଲି ଶ୍ରୀ ମୁନି ପ୍ରକାଶ କରିଛନ୍ତି।

● ମନରେଗା କାର୍ଯ୍ୟରେ ଏନଏମଏମଏସ ପାଲଟିଛି ପ୍ରହସନ

# ସନ୍ଦେହରେ କର୍ମଚାରୀଙ୍କ ଭୂମିକା, ବାଟବଣା ହେଉଛି ଯୋଜନା



ମାଲକାନଗିରି, ୬।୩(ସମିସ): ମାଲକାନଗିରି ଜିଲ୍ଲାରେ ରୋଜଗାର ସମସ୍ୟା ପାଇଁ ଲୋକେ ଦାଦନ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରି ଅନେକ ସମସ୍ୟାର ସାମ୍ନା କରୁଥିବାର ଅନେକ ନଜିର ରହିଛି। ଏପରି ସ୍ଥିତିରେ ମନରେଗା ଯୋଜନା ଲୋକଙ୍କୁ ରୋଜଗାର ଯୋଗାଇବାର ଏକ ମୁଖ୍ୟ ମାଧ୍ୟମ ପାଲଟିବା କଥା। କିନ୍ତୁ ଜିଲ୍ଲାରେ ଏହି ଯୋଜନା ବାଟ ବଣା ହେଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ବର୍ତ୍ତମାନ ପୁଣି ଏପରି କିଛି ଚିତ୍ର ସାମ୍ନାକୁ ଆସିଥିବା ବେଳେ ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗରୁକୋଣ୍ଡା ପଞ୍ଚାୟତର ସାଲିମାରିକୋଣ୍ଡା ଗ୍ରାମରେ ହୋଇଥିବା ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ସାଲିମାରିକୋଣ୍ଡା ଗ୍ରାମଠାରୁ ଗୁମୁକାଗୁଡା ଗ୍ରାମକୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ ପାଇଁ ବ୍ୟୟବରାଦ ହୋଇଥିଲା। ଯୋଜନାର କୋଡ଼ ନମ୍ବର ୨୪୩୧୦୧୦୦୧୦/୧୦୫୭୫୫୦୭ ଅନୁଯାୟୀ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ରାସ୍ତା କାମ ହୋଇଛି। ତେବେ ଏହି ରାସ୍ତା କାମରେ ଶ୍ରମିକଙ୍କ ବଦଳରେ କିଛି ଠିକାଦାରଙ୍କ ସହଯୋଗରେ ମେସିନ ଦ୍‌ୱାରା କାମ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହା ସହ ଏହି ରାସ୍ତା କାମଟି ଗତ କିଛି ମାସ ପୂର୍ବେ ହୋଇଥିବା ମଧ୍ୟ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ କୌଣସି ଶ୍ରମିକ କାର୍ଯ୍ୟ ନକରି ପୁରୁଣା କାମକୁ ଏବେ ହୋଇଥିବା ଦର୍ଶାଇ କିଛି ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଇଠ ହେଉଥିବା ଦେଖିବାକୁ ମିଳିଛି। ଏହି ଅସାଧୁ ଉପାୟରେ ଅର୍ଥ ହେରଫେର କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଜଣାପଡ଼ିଛି। ଜିଲ୍ଲାରେ ଏଭଳି ମନରେଗା ଯୋଜନା କାଯରେ କେବେ ମେସିନ ବ୍ୟବାହାର ହେଉଛି ତ କେବେ କାମ ନ ହେଇ ବିଲ୍ ଉଠାଯାଉଛି। ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୈଠ ହେଉଛି। ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ମେସିନ ବ୍ୟବହାର କରି କାର୍ଯ୍ୟ ସାରି ମନରେଗା ପୋର୍ଟାଲ୍‌ରେ କାର୍ଯ୍ୟ ଚାଲିଥିବା ଦର୍ଶାଇବା ଘଟଣା ଯୋଜନାର ସୁଫଳ ରୂପାୟନ ଉପରେ ବଡ ପ୍ରଶ୍ନ ସୃଷ୍ଟି କରିଛି। ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ ସାପେକ୍ଷ। ଏନେଇ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ସନ୍ତୋଷ କିର୍ଷାନୀଙ୍କ ସହ ଯୋଗା ଯୋଗ କରିବାରୁ ସେ ଏନେଇ ଜାଣି ନଥିବା ବେଳେ ତୁରନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରି ଏହାର ତଦନ୍ତ କରାଇବେ ବୋଲି କହିଛନ୍ତି।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାପଡାହାଣ୍ଡି, ୬।୩ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ଅଧିନସ୍ଥ ବାରିଗୁଡା ଗ୍ରାମର କନ୍ଧଗୁଡାରେ ଚାଲିଥିବା ଏକ ବାଲ୍ୟ ବିବାହକୁ ରୋକିଛି ପ୍ରଶାସନ। ଉଭୟ ପୁଅ ଏବଂ ଝିଅର ଅଭିଭାବକଙ୍କୁ ଡକାଇ ସଚେତନ କରାଇଥିଲେ। ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ନ କରିବା ଲାଗି ତାଗିଦ କରିବା ସହ ଏକ ପତ୍ରରେ ସ୍ୱାକ୍ଷର କରାଇଥିଲେ । ସୂଚନା ପ୍ରକାରେ ବାରିଗୁଡା କନ୍ଧଗୁଡାର ଯୁବକ ସହ ଭାଟିକୋଟ ନୂଆଗୁଡାର ନାବାଳିକା ସହ ଶୁକ୍ରବାର ସନ୍ଧ୍ୟାରେ ବିବାହ ହେବାର ଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ପିଇଓ ନରସିଂହ ଭତରା, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ସୁପରଭାଇଜର ପରବିନ ବେଗମ , ୱାର୍ଡ ସଭ୍ୟ ଲକ୍ଷ୍ମଣ ସାନ୍ତା ପ୍ରମୁଖ କନ୍ଧଗୁଡାରେ ପହଞ୍ଚିଥିଲେ। ଝିଅ ନାବାଳିକା ଥିବାରୁ ବିବାହ କରାଇଲେ ଆଇନରେ ଦଣ୍ଡିତ ହେବା ସହ ଜେଲ ଦଣ୍ଡ ହେବ ବୋଲି କହିଥିଲେ। ଉଭୟ ଅଭିଭାବକଙ୍କର ସ୍ୱାକ୍ଷର ପତ୍ର ନେଇଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୬।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧକ୍ଷତା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ 'ସଶକ୍ତ ମହିଳା, ସଶକ୍ତ ରାଷ୍ଟ'କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି। ଏହି ଉପଲକ୍ଷେ ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ, ୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ବୃଦ୍ଧାଶ୍ରମକୁ ସ୍ଥାନାନ୍ତର ହେଲେ 'ମାଉସୀ'



ନନ୍ଦପୁର, ୬।୩ (ସମିସ): ଦୀର୍ଘ ୧୫ବର୍ଷରୁ ଅଧିକ ହେବ ନନ୍ଦପୁର ସଦର ମହକୁମାରେ ଘରେ ଘରେ ପରିଚିତ ତଥା ଆବାଳ ବୃଦ୍ଧା ବନିତା ସମସ୍ତଙ୍କ "ମାଉସୀ' ଆଉ ଦେଖା ଦେବେନି ଦାଣ୍ଡ ଦୁଆର ମୁହଁରେ। ଘର ଘର ବୁଲି ଖାଇବା ମୁଠେ ମାଗି କାହା ଦାଣ୍ଡ ପିଣ୍ଡା ତ ରାସ୍ତା କଡ଼ରେ ଆଶ୍ରୟ ନେଉଥିଲେ ସେ। ନିଜେ ଯେତିକି ଅସହାୟ ତା ଠାରୁ ଅଧିକ ଦୟାଳୁ ଥିଲେ ମାଉସୀ । ମାନସିକ ବିକାର ଗ୍ରସ୍ତ ଏହି ମହିଳା ଜଣଙ୍କ ୧୫ବର୍ଷ ତଳେ ନନ୍ଦପୁରକୁ ଆସିଥିଲେ। ସାଙ୍ଗରେ ଥିଲା ଗୋଟିଏ ଲୁଗା ବ୍ୟାଗ। ଖବର ଅନୁସାରେ କଟକ ଜିଲ୍ଲାରୁ ସେ ଆସିଥିଲେ ସ୍ୱାମୀ, ସନ୍ତାନଙ୍କୁ ହରାଇବା ପରେ ମାନସିକ ବିକାର ଗ୍ରସ୍ତ। ସେଦିନ ଠାରୁ ନନ୍ଦପୁରରେ ରହି ଆସୁଥିଲେ । ନନ୍ଦପୁର ଛାଡ଼ି ଆଉ କେଉଠି ଯାଇ ନଥିଲେ । ନନ୍ଦପୁର ଆସିବା ଠାରୁ ସମସ୍ତେ ତାଙ୍କୁ ମାଉସୀ ମାଉସୀ କହି ଡାକନ୍ତି । ଯିଏ ଯାହା ଦେଲା ତାହାକୁ ଖାଇ ଜୀବନ ଅତିବାହିତ କରୁଥିଲେ । ଗାଈ ଗୋରୁକୁ ଦେଖିଲେ ନିଜେ ଖାଉଥିବା ଖାଦ୍ୟ ଗୋ ମାତାକୁ ଖୁଆଇ ଦେଉଥିଲେ । ବର୍ଷା, ଶୀତ, ଖରା ସବୁ ତାଙ୍କ ପାଇ ଥିଲା ସମାନ ଋତୁ । ଶୁକ୍ରବାର ନନ୍ଦପୁର ପୁଲିସ ପକ୍ଷରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମ ପଠାଇଥିବା ଜଣାପଡିଛି। ଜଣେ ଅସହାୟ ମାନସିକ ବିକାର ଗ୍ରସ୍ତ ମହିଳା ବୁଲୁ ଥିବା ଖବର ପାଇ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡିଆ ଏକ ଟିମ୍ ନେଇ ମାଉସୀଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମରେ ଥଇଥାନ କରିଥିବା ଜଣାପଡିଛି।

# ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଶୋଚନୀୟ

ମାଥିଲି, ୬।୩ (ସମିସ) ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଘୋର ଦୟନୀୟ ଅବସ୍ଥାରେ ଗତି କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କେଉଁଠି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଜଣ ତ କେଉଁଠି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ମାତ୍ର ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି। ଶିକ୍ଷା ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କଲେ ଛାତ୍ରୀ ଛାତ୍ର ମାନଙ୍କ ଭବିଷ୍ୟତ ସହ କିପରି ଖେଳା ଯାଉଛି ତାହା ଅନୁମାନ କରାଯାଇ ପାରିବ। ଜଣେ ଡିପ୍ଲୋମା କିମ୍ବା ସିଟି ଯୋଗ୍ୟତାଧାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଦାନ କରିପାରିବେ। କିନ୍ତୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଗ୍ରୀ ଓ ବିଜ୍ଞାନ, ଗଣିତ ପାଇଁ ସ୍ୱତନ୍ତ୍ର ବିଷୟ ଭିତ୍ତିକ ଶିକ୍ଷକ ନିହାତି ଆବଶ୍ୟକ। ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ପ୍ରାଥମିକ ଶ୍ରେଣୀରେ ସ୍ନାତକ ଡିଗ୍ରୀଧାରୀ କଳା ବିଜ୍ଞାନ ଶିକ୍ଷକଙ୍କୁ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି କରାଯାଇଛି। ଯେଉଁଠି ବିଷୟ ଭିତ୍ତିକ ଶିକ୍ଷକ ନାହାନ୍ତି ସେଠାରେ କିପରି ବିଜ୍ଞାନ ଓ କଳା ବିଷୟରେ ଅନଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ଦାନ କରୁଥିବେ ତାହା ଅନୁମେୟ। ସେହିପରି ବହୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ନଥିବାରୁ କ୍ୟାଡ଼ର ଭୁକ୍ତ ହୋଇନଥିବା ଶିକ୍ଷକ ମାନଙ୍କ ଠାରୁ ଆରମ୍ଭ କରି ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ଆସୁଛନ୍ତି। ବହୁ ସ୍ଥାନରେ ବରିଷ୍ଠ ତଥା ପଦୋନ୍ନତି ପାଇ ଉପର ପଦରେ ଅବସ୍ଥାପିତ ରହି ମଧ୍ୟ ସେମାନଙ୍କୁ ଦାୟିତ୍ୱରେ ରଖାଯାଉ ନାହିଁ। ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଉଛି। ଜିଲ୍ଲାର ସାତଟି ବ୍ଲକରେ ଅତିକମରେ ୭ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୨୧ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିବା କଥା। କିନ୍ତୁ ପରିତାପର ବିଷୟ ୫ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୯ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିଛନ୍ତି। ଯେଉଁମାନେ କି ପୁଣି ଅତିରିକ୍ତ ଭାବେ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ଦାୟିତ୍ୱରେ ରହିଛନ୍ତି। ଏସବୁକୁ ଦେଖିଲେ ଶିକ୍ଷା ବ୍ୟବସ୍ଥା ତଳିତଳାନ୍ତ ହେଉଥିଲେ ହେଁ କେହି କହିବାକୁ ନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ପୂର୍ତ୍ତ ବିଭାଗ ନୂଆ ନିୟମକୁ ଠିକାଦାର ମହାସଂଘର ବିରୋଧ

## ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




କୋରାପୁଟ, ୬।୩(ସମିସ): ଗତ ଜାନୁଆରୀ ୩ ତାରିଖରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ନୂଆ ନିୟମକୁ କୋରାପୁଟ ଜିଲ୍ଲା ଠିକାଦାର ମହାସଂଘ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜୟପୁର ଜେଇଏଲସି କମ୍ପ୍ଲେକ୍ସ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇ ପୂର୍ତ୍ତ ବିଭାଗର ନୂଆ ନିୟମକୁ ବିରୋଧ କରାଯାଇଛି। ସରକାରଙ୍କ ଏଭଳି ନିୟମ ଯୋଗୁଁ ଠିକାଦାର ମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ନିୟମ ଦ୍ୱାରା ଠିକାଦାର ମାନେ କାମ ପାଇବେ ନାହିଁ। ଯଦିବା କାମ ମିଳେ ତାହେଲେ କମ୍ ବିଡିଂରେ କାମ ନେବାକୁ ପଡିବ। ଯାହା ଫଳରେ କ୍ଷତି ଭରଣା କରିବାକୁ ଠିକାଦାର ନିମ୍ନ ମାନର କାମ କରିବାକୁ ବାଧ୍ୟ ହେବ। ତେଣୁ ଏହି ନିୟମକୁ ତୁରନ୍ତ ରଦ୍ଦ କରିବାକୁ ମହାସଂଘ ଦାବି କରିଛି। ମହାସଂଘର ସଭାପତି ପଦ୍ମନ ହରିଜନ, ସମ୍ପାଦକ ହେମନ୍ତ ପାଣିଗ୍ରାହୀ, ଭଗବାନ ଖରା, ଦେବେନ୍ଦ୍ର ପଟ୍ଟନାୟକଙ୍କ ସମେତ ୪୦ରୁ ଅଧିକ ଠିକାଦାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

## ପ୍ରତି ବ୍ଲକରୁ ୩ ଗାଁକୁ ଆଦର୍ଶ ଗ୍ରାମ କରିବାକୁ ବିଧାୟକଙ୍କ ଘୋଷଣା



ମାଲକାନଗିରି, ୬।୩(ସମିସ):

ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ମାଲକାନଗିରି, କାଳିମେଳା ଓ ପଡ଼ିଆ ଆଦି ତିନୋଟି ବ୍ଲକର ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁକୁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁ ଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତ୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ସମସ୍ୟାର ମୂଲ୍ୟାଙ୍କନ କରାଯାଉ। ଏହି ଅବଶକ୍ୟତା ଓ ସମସ୍ୟାର ସମାଧାନ ପାଇଁ କଣ ସବୁ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ୱଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି।

# ବିଷାକ୍ତ ଖାଦ୍ୟ ଖାଇ ପରିବାରର ୪ ଗୁରୁତର



ପଦ୍ମପୁର, ୬।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ଖିଲାପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ୪ଜଣ ସଦସ୍ୟ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଖିଲାପଦର ଗ୍ରାମର ରଜନୀ ଗମାଙ୍ଗ (୨୭), ମୁକେଶ ଗମାଙ୍ଗ (୨୯), କସ୍ତୁରୀ ଗମାଙ୍ଗ (୨୬), ତ୍ରିନାଥ ଗମାଙ୍ଗ (୬୦) । ସମସ୍ତେ ଗତକାଲି ରାତ୍ରୀ ଭୋଜନର ଭାତ ତରକାରୀ ଖାଇ ଶୋଇବା ପରେ ପରେ ସକାଳୁ ଭୋରରୁ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିବାରୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଖାଦ୍ୟ ବିଷାକ୍ତ ହେଲା ପରିବାର ଲୋକେ ଜାଣିପାରିନାହାନ୍ତି। ପଦ୍ମପୁର ଡାକ୍ତର ଚିନ୍ମୟୀ ସାମଲ୍ ସମସ୍ତଙ୍କୁ ଚିକିତ୍ସା କରିଥିବା ବେଳେ ସମସ୍ତେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।

# ବିପୁଳ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ




ମାଲକାନଗିରି, ୬।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ଦମନ କ୍ଷେତ୍ରରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ମାଓ ଦମନ ପାଇଁ ତଲାସୀ ଅଭିଯାନ ସମୟରେ ଯବାନ ମାନେ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡର ସୁକୁମା ଜିଲ୍ଲାରେ ମାଓ ଦମନ ପାଇଁ ୨୧୭ ବାଟାଲିୟନ ଏବଂ କିସ୍ତାରାମ ପୋଲିସ ପକ୍ଷରୁ ଏକ ମିଳିତ ଅପରେସନ୍ କରାଯାଇଥିଲା। ଏହି ଅପରେସନ୍ ସମୟରେ, ବୀରମ୍ ପାହାଡ଼ ଅଞ୍ଚଳରେ ଯବାନ ମାନେ ତଲାସି କରିବା ବେଳେ ମାଟି ତଳୁ ବିପୁଳ ମାଓ ସାମଗ୍ରୀ, ଅସ୍ତ୍ର ଶସ୍ତ୍ର ଆଦି ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ, ବ୍ୟାରେଲ୍, ୬ଟି ଡେଟୋନେଟର୍, ବ୍ୟାଟେରୀ, ୨୦ଟି ଜୀବନ୍ତ ଗୁଳି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

# ଏଚ୍‌ପିଭି ଟୀକାକରଣ ଶୁଭାରମ୍ଭ

ପାପଡାହାଣ୍ଡି, ୬।୩ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଡା. ମୋନସ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଏଚପିଭି ଟିକକରଣ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ପାପଡାହାଣ୍ଡି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଟୀକାକରଣର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଏହି ଟୀକା କିଭଳି ସମସ୍ତ ୧୪ରୁ ୧୫ ବର୍ଷର ବାଳିକାମାନଙ୍କୁ ଦିଆଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଉନ୍ନୟନ ଅଧିକାରୀ କପିଳଦେବ ସାହୁ ଜଣାଇଥିଲେ ଯେ ସରକାର ୪୦୦୦ ଟଙ୍କାର ଟୀକା ବିନାମୂଲ୍ୟରେ ପ୍ରଦାନ କରୁଛନ୍ତି ଯାହାର ସୁଯୋଗ ସମସ୍ତେ ନେବା ଉଚିତ। ଡ. ମନସ୍ମିତା ମହାନ୍ତି ଟୀକାକରଣ କିପରି ଭୂତାଣୁ ଜନୀତ ଜରାୟୁ ଗ୍ରୀବା କର୍କଟ ରୋଗକୁ ପ୍ରତିରୋଧ କରିପାରି ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତି ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୧୨ ଜଣ କିଶୋରୀଙ୍କୁ ଟୀକା ପ୍ରଦାନ କରାଯାଇଥିଲା।

## ମଣ୍ଡିରୁ ଉଠୁନି ଧାନ

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ପ୍ରତିବାଦ



କୋରୁକୋଣ୍ଡା, ୬।୩(ସମିସ): ମଣ୍ଡିରୁ ଉଠୁନି ଧାନ, ଚାଷୀ ଅସନ୍ତୋଷ। ପୂର୍ବରୁ ରାଜା ରାସ୍ତାରେ ଧାନବସ୍ତା ରଖି ଚାଷୀ ମାନେ ପ୍ରତିବାଦ କରିଥିଲେ। ଆଜି ବ୍ଲକ ଆଗରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ ଚାଷୀ। ଆଜି ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ। ମଣ୍ଡିରେ ଦୀର୍ଘ ଦିନ ହେବ ଧାନ ପଡି ରହିଥିବା ବେଳେ ଉଠୁନି ଧାନ। ଶେଷରେ ବାଧହୋଇ ଆଜି ପ୍ରାୟ ୫୦୦ରୁ ଅଧିକ ଗାଡିରେ ମଣ୍ଡିରୁ ଧାନ ବସ୍ତା ଧରି ଚାଷୀ ମାନେ ନିଜର ଅସନ୍ତୋଷ ଓ ପ୍ରତିବାଦର ନାରା ଦେବା ସହିତ ପ୍ରାୟ ଶତାଧିକ ଚାଷୀ ଚାଲି ଚାଲି ଚାଲି ବ୍ଲକ କାର୍ଯ୍ୟାଳୟ ପରିସରକୁ ଯାଇ କାର୍ଯ୍ୟାଳୟ ଗେଟ୍ ଆଗରେ ଧାନ ଗାଡି ରଖି ଧାରଣାରେ ବସିଥିଲେ। ଚାଷୀଙ୍କ କହିବା ଅନୁଯାୟୀ ବିଗତ ଦିନରେ ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗତ ମାସ ୨୬ ତାରିଖରେ ଚାଷୀ ଧାନ ବସ୍ତା ରଖି ରାସ୍ତା ରୋକ କରିଥିଲେ। ସେହି ସମୟରେ ଖବର ପାଇ କିଛି ଘଣ୍ଟା ମଧ୍ୟରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ମାଲକାନଗିରି ଏସିଏସଓ ବିଶ୍ୱଜିତ ଦାସ, ମାଲକାନଗିରି ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଏବଂ କୋରୁକୋଣ୍ଡା ଏମଆଇ ହରିଷ ରାମ ମଲ୍ଲିକ, କୋରୁକୋଣ୍ଡା ଏମଡି ଅଭିମନ୍ୟୁ ହଲବା ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ପୂର୍ବରୁ ଚକ୍ଷୁସ୍ନାନ ହୋଇ ପଡି ରହିଥିବା ୩୦୦୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ୨୦୦୦ କ୍ୱିଣ୍ଟାଲ ଧାନ କାଲଳି ମଧ୍ୟରେ ଉଠାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଧାନ ଶେଷ ନ ହେବା ଯାଏଁ ମଣ୍ଡିରେ ଧାନ କ୍ରୟ ଜାରି ରହିବ ବୋଲି ଏକ ଲିଖିତ ଚୁକ୍ତି ଦେଇଥିଲେ। କିନ୍ତୁ ଅଧିକାରୀଙ୍କ ଚୁକ୍ତି ପାଣିର ଗର ଭଳି ମିଲର ମାନେ ମାତ୍ର କିଛି ଧାନ ଉଠାଇ ରହିଗଲେ। ଏଣୁ ଆଜି ଚାଷୀ ମାନେ ଏଭଳି ପ୍ରତିବାଦ କରିବାକୁ ବାଧ୍ୟ ହେଲେ ବୋଲି ମାଣ୍ଡୀ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ରଙ୍କ ସମେତ ସତ୍ୟ ପାଣିଗ୍ରାହୀ, ଚକ୍ରଧର ରୁଦ୍ରାକ୍ଷ, ପଦ୍ମନାଭ କେଲପ, ବସନ୍ତ ପଣ୍ଡା, ରାଜୁ ସାବତ, ପ୍ରକାଶ ସାହୁ, ରତ୍ନାକର ମହାରଣା, ଗଙ୍ଗା ଗୌଡ, ପଦ୍ମ ଦୋର, ଉତ୍ତମ ଡ଼ୁରୁକା, ଅଜିତ ମାଲିକ, ବାବୁତୋଷ ମାଲିକ, ଲକ୍ଷ୍ମଣ ମାଲାକାରଙ୍କ ସମେତ ଅନେକ ଚାଷୀ। ଏହାକୁ ନେଇ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରି ବାରୁ ସେ କହିଥିଲେ ଆଜି ମାଲକାନଗିରି ଏସିଏସଓ, କୋରୁକୋଣ୍ଡା ଏମଆଇଙ୍କ ଉପସ୍ଥିତିରେ ଚାଷୀ ମାନଙ୍କୁ ବୁଝା ସୁଝା କରିବା ସହିତ ବିଭିନ୍ନ ମିଲ୍ ମାଲିକଙ୍କ ମାଧ୍ୟମରେ ପ୍ରାୟତ ୬୦୦ କ୍ୱିଣ୍ଟାଲ ଧାନ ଉଠାଯିବ ଏବଂ କାଲି ଠାରୁ ୧ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଉଠାଯିବା। ଆଗାମୀ ଦିନରେ କିପରି ଭାବେ ସମସ୍ତ ଚାଷୀଙ୍କ ଧାନ ଶୀଘ୍ର ଉଠାଯିବ, ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ମିଲରମାନଙ୍କ ମଧ୍ୟ ଆଲୋଚନା କରିବି ବୋଲି ଶ୍ରୀ ସାହୁ କହିଥିଲେ।

ସକାଳ
THE SAKALA

ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି।
-ହିଲାରି କ୍ଲିଣ୍ଟନ୍

# ବୈଶ୍ୱିକ ଇନ୍ଧନ ସଙ୍କଟ

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଘଟିବାକୁ ଯାଉଛି। ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଯୁଦ୍ଧର ପ୍ରଭାବ ସାରା ବିଶ୍ୱକୁ ବ୍ୟାପିବାରେ ଲାଗିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଇନ୍ଧନ ସଙ୍କଟ ଭାରତ, ଚୀନ୍, ୟୁରୋପ ଏପରିକି ଆମେରିକାକୁ ମଧ୍ୟ ପ୍ରତ୍ୟକ୍ଷ ପ୍ରଭାବିତ କରିଛି। ସ୍ଥିତିରେ ଯଥାଶୀଘ୍ର ସୁଧାର ନ ଆସିଲେ ଏହା ସାରା ବିଶ୍ୱକୁ କବଳିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଆଣବିକ ଅସ୍ତ୍ର ନିରସ୍ତ୍ରୀକରଣ ଆଳରେ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ନିଜକୁ ନାୟକ ଭୂମିକାରେ ଉପସ୍ଥାପିତ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହିଁ ଏବେ ବୈଶ୍ୱିକ ଇନ୍ଧନ ସଙ୍କଟ ପାଇଁ ଖଳନାୟକ ହୋଇସାରିଛନ୍ତି।

ଇରାନ୍ ଅକ୍ତିଆରରେ ଥିବା ସାମୁଦ୍ରିକ ବାଣିଜ୍ୟ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ବିଶ୍ୱ ଇନ୍ଧନ(ପେଟ୍ରୋଲିୟମ ଓ ଏଲ୍‌ଏନ୍‌ଜି) ବାଣିଜ୍ୟର ଏକ-ପଞ୍ଚମାଂଶ କାରବାର ହେଉଥିବା ବେଳେ ଏବେ ସେହି ପଥକୁ ଇରାନ୍ ସମ୍ପୂର୍ଣ୍ଣ ଅବରୋଧ କରିଦେଇଛି। ଏହାଫଳରେ ଶହଶହ ତୈଳବୋଝେଇ ଜାହାଜ ଅଟକି ରହିଛନ୍ତି। ଏଥିରେ ଭାରତ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି। ଭାରତ ଇନ୍ଧନ ଚାହିଦାର ୮୮ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ଏହାର ୪୦ ପ୍ରତିଶତ ଏବଂ ଏଲ୍‌ଏନ୍‌ଜି ଆମଦାନୀର ୮୦ ପ୍ରତିଶତ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ଆସୁଛି। କିନ୍ତୁ ଏହି ରାସ୍ତା ଏବେ ବନ୍ଦ ହୋଇଯାଇଥିବାରୁ 'କେପ୍ ଅଫ୍ ଗୁଡ୍ ହୋପ୍' ଉପରେ ନିର୍ଭର କରିବାକୁ ପଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ଅତିମାତ୍ରାରେ ବୃଦ୍ଧି କରିବ। ଅଶୋଧିତ ତୈଳରେ ଯଦି ବ୍ୟାରେଲ୍ ପିଛା ୧୦ ଡଲାର ମଧ୍ୟ ବଢ଼େ ତେବେ ଭାରତରେ ତାହା ୨୦ ବିଲିୟନ ଡଲାର ମହଙ୍ଗା ହେବ। ଏହାଦ୍ୱାରା ଭାରତର ଚାଲୁ ଖାତା ନିଅଣ୍ଟ ପରିମାଣ ୦.୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ ଏବଂ ଜିଡିପି ଅଭିବୃଦ୍ଧିରେ ହ୍ରାସ ଘଟିବ। ପୁଣି ତାହା ପାଇକାରୀ ମୁଦ୍ରାସ୍ଫୀତିକୁ ୩୦ ରୁ ୩୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି କରିବ ଏବଂ ଭାରତୀୟ ଖାଉଟିଙ୍କ ସଞ୍ଚୟ ଜମାକୁ ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିବ।

ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର। ଏକପକ୍ଷରେ ଆମେରିକା ସହିତ ବାଣିଜ୍ୟ ବୁଝାମଣା ଯୋଗୁଁ ଭାରତ ରୁଷ୍‌ରୁ ଅଶୋଧିତ ପେଟ୍ରୋଲିୟମ୍ କିଣିବା ବନ୍ଦ କରିଦେଇଛି। ଅପରପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସେଠାରୁ ମଧ୍ୟ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଯୋଗାଣ-ଚାହିଦା ସଙ୍କଟ ଯୋଗୁଁ ବିଶ୍ୱ ତୈଳ ବଜାରରେ ଦର ଊର୍ଦ୍ଧ୍ୱମୁଖୀ ହେଉଛି। ଆମେରିକା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଉପରମୁହାଁ ତୈଳ ଦରର ପ୍ରଭାବ ଆମେରିକାର ଆଭ୍ୟନ୍ତରୀଣ ଖାଉଟି ବଜାର ଉପରେ ପଡ଼ି ମୁଦ୍ରାସ୍ଫୀତି ଉତ୍କଟ କରିବାର ଆଶଙ୍କା ସୃଷ୍ଟି ହେଲାଣି। ଆମେରିକା ଅର୍ଥନୀତିକୁ ଖୁବ୍ ଶୀଘ୍ର ପ୍ରଭାବିତ କରିବାକୁ ଯାଉଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଟ୍ରମ୍ପଙ୍କ ବିରୋଧରେ ଆରୋପର ସ୍ୱର ଦାନା ବାନ୍ଧିଲାଣି। ଆଗକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏହି ଜନଅସନ୍ତୋଷ ପ୍ରତିଫଳିତ ହେବା ନିଶ୍ଚିତ। ତେଣୁ ବ୍ୟତିବ୍ୟସ୍ତ ଟ୍ରମ୍ପ ରୁଷ୍‌ରୁ ତୈଳ ଆମଦାନୀ ପାଇଁ ଭାରତ ଉପରେ ଜାରି କରିଥିବା କଟକଣାକୁ ମାସେ କୋହଳ କରିଛନ୍ତି। ଅର୍ଥାତ୍ ଆଗାମୀ ମାସେ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଦୟା ଓ ଅନୁଗ୍ରହରୁ ଭାରତ ରୁଷ୍‌ରୁ ଇନ୍ଧନ କିଣିପାରିବ। ଏହାଦ୍ୱାରା ବିଶ୍ୱ ବଜାରରେ ଇନ୍ଧନର ଚାହିଦା-ଯୋଗାଣ ଅସମାନତା ଉପରେ ଭାରତର ଚାପକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ଟ୍ରମ୍ପ ଉଦ୍ୟମ କରୁଛନ୍ତି।

ଆମେରିକାର ମନମୁଖି କାରବାରରେ ଇନ୍ଧନ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ। ଭାରତ ପାଇଁ ଆହୁରି ଏକ ଚିନ୍ତା ହେଉଛି ସାରସଙ୍କଟ, ଯାହା ଆମେ ଗତକାଲି ଏହି ସ୍ତମ୍ଭରେ ସବିଶେଷ ଆଲୋଚନା କରିଥିଲୁ। ଏହାବାଦ୍ ଭାରତର ବହିର୍ବାଣିଜ୍ୟ ମଧ୍ୟ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ଆମେରିକାର ଉଚ୍ଚ ଶୁଳ୍କ ଧାର୍ଯ୍ୟ ପରେ ଉପସାଗରୀୟ ବଜାରରେ ପଦାର୍ପଣ ପାଇଁ ଗତବର୍ଷଠାରୁ ଭାରତ ଉଦ୍ୟମ କରି ଆସୁଛି ଏବଂ କେତେକାଂଶରେ ସଫଳ ମଧ୍ୟ ହୋଇଛି। ଗତବର୍ଷ ଭାରତ-ଉପସାଗରୀୟ ସହଯୋଗ ପରିଷଦ ସହିତ ବାଣିଜ୍ୟ କାରବାର ୧୭୮ ବିଲିୟନ୍ ଡଲାର ହୋଇଛି। ମୁଖ୍ୟତଃ ଭାରତୀୟ ବୟନ, ରସାୟନ, ଇଞ୍ଜିନିୟରିଂ ସାମଗ୍ରୀର ଚାହିଦା ଉପସାଗରୀୟ ବଜାରରେ ବଢୁଥିବା ବେଳେ ଯୁଦ୍ଧସ୍ଥିତି ଯୋଗୁଁ ପଣ୍ୟବାହୀ ଜାହାଜ ପରିଚାଳନା ସଂସ୍ଥାମାନେ ପରିବହନ ଖର୍ଚ୍ଚକୁ ପ୍ରାୟ ଦୁଇଗୁଣା ବଢ଼ାଇ ଦେଇଛନ୍ତି। ଏହାର ପ୍ରତ୍ୟକ୍ଷ ପ୍ରଭାବ ସେଠାରେ ଭାରତୀୟ ସମାଗ୍ରୀ ଉପରେ ପଡ଼ିଛି ଏବଂ ଆଗାମୀ ଦିନରେ ଭାରତ ବଜାରରେ ପଡ଼ିବାକୁ ଯାଉଛି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚୀନ୍ କଥା ସଂକ୍ଷେପରେ ଆଲୋଚନା କରାଯାଉ। ଇରାନ୍ ସହିତ ଚୀନ୍ ୪୦୦ ବିଲିୟନ ଡଲାରର ଏକ ୨୫ବର୍ଷିଆ ଚୁକ୍ତି ୨୦୨୧ରେ ସ୍ୱାକ୍ଷର କରିଛି ଏବଂ ୨୦୨୬ ସୁଦ୍ଧା ସେଠାରେ ୪.୭ ବିଲିୟନ୍ ଡଲାର ନିବେଶ କରିସାରିଛି। ଏହି ଚୁକ୍ତି ବଳରେ ଇରାନ୍‌ର ମୋଟ ତୈଳ ରପ୍ତାନିର ୮୦% ରିହାତି ଦରରେ ଚୀନ୍ ପାଇବାକୁ ଆଶା ରଖିଛି। ଏହାଛଡ଼ା ସାଉଦି ଆରବରେ ୧୫ ବିଲିୟନ ଡଲାର ନିବେଶ କରିଛି। ଏହି ଯୁଦ୍ଧରେ ଯଦି ଇରାନ୍ କିମ୍ବା ସାଉଦୀ ଆରବର ତୈଳ ଉତ୍ତୋଳନ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୁଏ ତେବେ ଚୀନ୍ ବିପୁଳ କ୍ଷତିସହିବ ଏବଂ ତୈଳ ଯୋଗାଣ-ଚାହିଦା ପ୍ରଭାବିତ ହେବ। ଭାରତ ଓ ଚୀନ୍ ଜରିଆରେ ସମଗ୍ର ଦକ୍ଷିଣ ଏସିଆର ଅର୍ଥନୀତି କ୍ଷତିଗ୍ରସ୍ତ ହେବା ଏକପ୍ରକାର ନିଶ୍ଚିତ। ଉପରୋକ୍ତ ତୈଳ ଉପଭୋକ୍ତା ଦେଶ ସମେତ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକର ଆର୍ଥିକ ସ୍ଥିତି ମଧ୍ୟ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ତେଣୁ ଏହି ଯୁଦ୍ଧରେ ଇରାନ୍ ଯେତିକି କ୍ଷତିସହିବ ସମପରିମାଣର ପରୋକ୍ଷ କ୍ଷତି ଆମେରିକା ମଧ୍ୟ ସହିବ ଏବଂ ସାରା ବିଶ୍ୱ ପ୍ରଭାବିତ ହେବ।

# ଇଭିଏମରେ ଟିପଚିହ୍ନର ଆବଶ୍ୟକତା

ଡ ପଦ୍ମଲୋଚନ ରାଉତ

ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ଓ ପାରଦର୍ଶୀ ରଖିବା ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ ଦ୍ୱାରା ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାର କରାଯାଉଛି। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ଦ୍ରୁତ, ସରଳ ଓ ସହଜ ହୋଇଛି। ତଥାପି କେତେକ ସମୟରେ ଭୋଟ ଜାଲିଆତି, ମିଥ୍ୟା ଭୋଟଦାନ ଓ ପରିଚୟ ଜଟିଳତା ସମସ୍ୟା ଦେଖାଦେଉଛି। ଏହି ପରିସ୍ଥିତିରେ ଇଭିଏମ୍ ସହିତ ଅଙ୍ଗୁଳି ଛାପ(ଫିଙ୍ଗରପ୍ରିଣ୍ଟ) ପ୍ରଣାଳୀ ଯୋଡ଼ାଯିବା ଏକ ସମୟୋଚିତ ପଦକ୍ଷେପ ହୋଇପାରେ। ଫିଙ୍ଗରପ୍ରିଣ୍ଟ ପ୍ରଣାଳୀ ଦ୍ୱାରା ଭୋଟଦାତାଙ୍କର ପରିଚୟ ସଠିକ ଭାବରେ ନିଶ୍ଚିତ କରାଯାଇପାରିବ ଏବଂ ମିଥ୍ୟା ଭୋଟଦାନର ଆଶଙ୍କା କମିଯିବ। ଯେତେବେଳେ ଲୋକେ ନିଶ୍ଚିତ ହେବେ ଯେ କେହି ତାଙ୍କର ନାମରେ ଭୋଟ ଦେଇ ପାରିବେ ନାହିଁ, ସେତେବେଳେ ସେମାନେ ଭୋଟଦାନ ପ୍ରତି ଅଧିକ ଆଗ୍ରହୀ ହେବେ। ଏହା ଲୋକତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବ। ତଥାପି ଏହି ପ୍ରଣାଳୀ ଆରମ୍ଭ କରିବା ପାଇଁ ପ୍ରଚୁର ପ୍ରାଯୁକ୍ତିକ ସୁବିଧା, ତଥ୍ୟ ସୁରକ୍ଷା ଓ ଗୋପନୀୟତାର ସୁରକ୍ଷା ଆବଶ୍ୟକ। ଗ୍ରାମାଞ୍ଚଳରେ ଯଥେଷ୍ଟ ବ୍ୟବସ୍ଥା ଓ ପ୍ରଶିକ୍ଷଣ ଦେବା ମଧ୍ୟ ଜରୁରୀ। ଯଥୋଚିତ ପରିକଳ୍ପନା ଓ ପ୍ରୟୋଗ ମାଧ୍ୟମରେ ଏହା ଭାରତୀୟ ଗଣତନ୍ତ୍ରକୁ ଆହୁରି ଶକ୍ତିଶାଳୀ କରିପାରିବ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଉତ୍ସ ହେଉଛନ୍ତି ଜନସାଧାରଣ। ଲୋକମାନେ ନିଜର ପ୍ରତିନିଧିଙ୍କୁ ଚୟନ କରି ସରକାର ଗଠନ କରନ୍ତି। ନିର୍ବାଚନ ମାଧ୍ୟମରେ ନାଗରିକମାନେ ଶାସକମାନଙ୍କୁ ଦାୟୀ କରିପାରନ୍ତି। ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା, ଜାଲିଆତି କିମ୍ବା ପକ୍ଷପାତ ଥାଏ, ତେବେ ଗଣତନ୍ତ୍ର ଦୁର୍ବଳ ହୋଇପଡ଼େ। ଆମ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ନିର୍ବାଚନକୁ ବିଶେଷ ଗୁରୁତ୍ୱ ଦେଇଛି। ନିର୍ବାଚନ ଆୟୋଗକୁ ସ୍ୱାଧୀନ ସଂସ୍ଥା ଭାବେ ଗଠନ କରାଯାଇଛି, ଯାହା ନିର୍ବାଚନକୁ ସୁଚାରୁ ଓ ନିରପେକ୍ଷ ଭାବେ ପରିଚାଳନା କରେ। ତଥାପି ଆଜିକାଲି କେତେକ ରାଜନୈତିକ ଦଳ ଓ ସାଧାରଣଲୋକଙ୍କ ମଧ୍ୟରେ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଥିବା ଦେଖାଯାଉଛି। ଏହା ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ।

ପ୍ରଥମତଃ, ଭୋଟ ଜାଲିଆତି ସମ୍ବନ୍ଧୀୟ ଅଭିଯୋଗ ନିର୍ବାଚନ ପ୍ରକ୍ରିୟାକୁ ସନ୍ଦେହର ଛାୟାକୁ ଆଣୁଛି। କେତେକ ସ୍ଥାନରେ ମିଥ୍ୟା ଭୋଟଦାନ, ଭୋଟର ତାଲିକାରେ ଅନିୟମିତତା ଇତ୍ୟାଦି ଅଭିଯୋଗ ଶୁଣିବାକୁ ମିଳୁଛି। ଏସବୁ ଅଭିଯୋଗଗୁଡ଼ିକୁ ଅନ୍ଧ ଭାବେ ଭିତ୍ତିହୀନ କୁହାଯାଇପାରିବ ନାହିଁ। ଏହାର ସତ୍ୟତା ପରୀକ୍ଷା କରାଯିବା ଉଚିତ୍। ତଥାପି ଏହା ଲୋକମାନଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରୁଛି। ଦ୍ୱିତୀୟତଃ, କେତେକ ସମୟରେ ରାତିରେ ଇଭିଏମ୍ ସ୍ଥାନାନ୍ତରଣ କିମ୍ବା ଚୋରି ସମ୍ବନ୍ଧୀୟ ଖବର ଚର୍ଚ୍ଚାରେ ଆସିଥାଏ। ଯଦି ଏପରି ଘଟଣା ଘଟେ, ତେବେ ନିର୍ବାଚନର ପାରଦର୍ଶିତା ଉପରେ ସନ୍ଦେହ ଜନ୍ମ ନିଏ। ଯଦିଓ ନିର୍ବାଚନ ଆୟୋଗ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାର କଥା କହେ, ତଥାପି ସାଧାରଣ ଲୋକଙ୍କ ମନରେ ସନ୍ଦେହ ଦୂର କରିବା ଆବଶ୍ୟକ। ତୃତୀୟତଃ, କେତେକ ଆଲୋଚକ କହନ୍ତି ଯେ ଦେଶର 'ଜନାଦେଶ' ଏବେ 'ଯନ୍ତ୍ରାଦେଶ'ରେ ପରିଣତ ହେଉଛି। ଅର୍ଥାତ୍ ମେସିନ୍(ଯନ୍ତ୍ର)ର ଫଳାଫଳ ଉପରେ ଅଧିକ ନିର୍ଭରଶୀଳତା ଲୋକମତକୁ ଅନ୍ଧକାରରେ ରଖୁଛି। ଏହି ଧାରଣା ସେତେବେଳେ ବଳବନ୍ତ ହୁଏ, ଯେତେବେଳେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସାଧୁତା, ସଚେତନତା ଓ ପାରଦର୍ଶିତା ନ ଥାଏ। ତେଣୁ ଏହି ପରିସ୍ଥିତିରେ ଆବଶ୍ୟକ ହେଉଛି ନିର୍ବାଚନ ଆୟୋଗ ଅଧିକ ପାରଦର୍ଶିତା, ପ୍ରଯୁକ୍ତିଗତ ସୁରକ୍ଷା ଓ ସାଧାରଣ ଲୋକଙ୍କ ସହ ସଂଯୋଗ ବୃଦ୍ଧି କରନ୍ତୁ। ଲୋକଙ୍କ ଆସ୍ଥା ହେଉଛି ଗଣତନ୍ତ୍ରର ଭିତ୍ତି। ଯେପର୍ଯ୍ୟନ୍ତ ଲୋକମାନେ ନିର୍ବାଚନ ପ୍ରକ୍ରିୟା ଉପରେ ପୂର୍ଣ୍ଣ ଆସ୍ଥା ରଖିଥିବେ, ସେପର୍ଯ୍ୟନ୍ତ ଗଣତନ୍ତ୍ର ମଜବୁତ ରହିବ।

ସେହିପରି ଇଭିଏମ୍‌ର ଉଦ୍ଦେଶ୍ୟ ହେଉଛି ନିର୍ବାଚନକୁ ସହଜ, ଦ୍ରୁତ ଓ ପାରଦର୍ଶୀ କରିବା। କିନ୍ତୁ ବିଗତ କିଛି ସାଧାରଣ ନିର୍ବାଚନରେ ଇଭିଏମ୍ ସମ୍ପର୍କରେ ବିଭିନ୍ନ ଅଭିଯୋଗ ଉଠୁଛି। ଅଭିଯୋଗ ହେଉଛି ଯେ କେତେକ ସ୍ଥାନରେ ମେସିନ୍‌ର ତ୍ରୁଟି, ଭୋଟ ରେକର୍ଡ ହେବାର ଅସମନ୍ୱୟ କିମ୍ବା ଗଣନା ସମୟରେ ସନ୍ଦେହଜନକ ପରିସ୍ଥିତି ଦେଖା ଯାଇଛି। ଏହାସହିତ କେହି କେହି ଏହାମଧ୍ୟ କହିଥାନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ପାରଦର୍ଶିତା ଓ ସ୍ୱଚ୍ଛତାର ଅଭାବ ଥିଲେ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହେ। ତଥାପି ଏହି ସମସ୍ତ ଅଭିଯୋଗ ସନ୍ଦର୍ଭରେ ନିର୍ବାଚନ ଆୟୋଗ ସଦା ଏହା ଦାବି କରିଆସିଛି ଯେ ପ୍ରଣାଳୀ ସୁରକ୍ଷିତ ଏବଂ ଅନଧିକୃତ ହସ୍ତକ୍ଷେପ ସମ୍ଭବ ନୁହେଁ। ଆୟୋଗ ଭିଭିପାଟ୍ ବ୍ୟବସ୍ଥା ମାଧ୍ୟମରେ ମେସିନ୍‌ର ପରିଣାମକୁ ଯାଞ୍ଚ କରିବାର ବ୍ୟବସ୍ଥା ମଧ୍ୟ କରିଛି, ଯାହା ଭୋଟରଙ୍କୁ ତାଙ୍କର ଭୋଟ ସଠିକ ଭାବେ ରେକର୍ଡ ହେବାର ନିଶ୍ଚିତତା ଦେଇଥାଏ ସତ, କିନ୍ତୁ ଏହାର ସତ୍ୟତା ସନ୍ଦେହଘେରରେ।

ଗଣତନ୍ତ୍ରରେ ଅଭିଯୋଗ ଓ ଆଲୋଚନା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ 'ସତ୍ୟ ହାରିଯାଉଛି, ଜାଲିଆତି ବିଜୟ ଘୋଷିତ ହେଉଛି' ଭଳି ଧାରଣା ସୃଷ୍ଟି ହେବା ଗଣତନ୍ତ୍ର ପାଇଁ ଶୁଭସଙ୍କେତ ନୁହେଁ। ଏହିପରି ସନ୍ଦେହ ଦୂର କରିବା ପାଇଁ ଆବଶ୍ୟକ ହେଉଛି ଅଧିକ ପାରଦର୍ଶିତା, ସ୍ୱାଧୀନ ନିରପେକ୍ଷ ଯାଞ୍ଚ ବ୍ୟବସ୍ଥା ଓ ସମସ୍ତ ରାଜନୈତିକ ଦଳଙ୍କ ସହଭାଗିତା। ସରକାରୀ ଦଳର ଅନଧିକୃତ ହସ୍ତକ୍ଷେପ ଗଣତନ୍ତ୍ରକୁ ବିପଥଗାମୀ କରୁଥିବା ଅଭିଯୋଗ ହେଉଛି। ତେଣୁ ଇଭିଏମ୍‌ର ସଠିକ ବ୍ୟବହାର ଓ ତଦାରଖ ହେଲେ ଗଣତନ୍ତ୍ର ମଜବୁତ ହେବ। ଯଦି କୌଣସି ତ୍ରୁଟି ଥାଏ ତାହାକୁ ସୁଧାରିବା ଓ ଲୋକମାନଙ୍କ ଆସ୍ଥା ପୁନଃସ୍ଥାପନ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ଭାରତର ନିର୍ବାଚନ ଆୟୋଗ ସାଧାରଣତଃ ପ୍ରତ୍ୟେକ ନିର୍ବାଚନ ପରେ ଫଳାଫଳ, ମତଗଣନା ତଥ୍ୟ, ଭୋଟ ପ୍ରତିଶତ, ପ୍ରାର୍ଥୀଙ୍କ ମତ ଇତ୍ୟାଦି ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରନ୍ତି। ତଥାପି କେତେକ ସମୟରେ ସୁରକ୍ଷା ଓ ସାଇବର ସୁରକ୍ଷା ସମସ୍ୟା ଓ ପ୍ରଚଳିତ ଆଇନ ପ୍ରକ୍ରିୟାର ଗୋପନୀୟତା କାରଣରୁ ସମସ୍ତ ପ୍ରାୟୋଗିକ ତଥ୍ୟ ସାର୍ବଜନିନ କରାଯାଇ ପାରୁନାହିଁ। ତେଣୁ ଆୟୋଗ ଏସବୁ ଅଭିଯୋଗ ପ୍ରତି ଆଖି ବୁଜି ଦେଉଛନ୍ତି ଏବଂ ଶାସକ ଦଳର ହାତବାରିସି ସାଜୁଥିବା ଅଭିଯୋଗ ହେଉଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କିତ ଅନେକ ମାମଲାରେ ଶୁଣାଣି କରିଛନ୍ତି। ଅଦାଲତ ମଧ୍ୟ ଅନେକ ସମୟରେ ନିର୍ବାଚନ ଆୟୋଗଙ୍କୁ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆୟୋଗ ବିଭିନ୍ନ ଆଳ ଦେଖାଇ ଉପଯୁକ୍ତ ତଥ୍ୟ ଦାଖଲ କରୁନାହାନ୍ତି। ଏହାଫଳରେ ଦେଶବାସୀ ଅନ୍ଧାରରେ ରଖୁଛନ୍ତି। ଗଣତନ୍ତ୍ରରେ ସନ୍ଦେହ ହେବା ସ୍ୱାଭାବିକ। କିନ୍ତୁ କୌଣସି ପ୍ରମାଣ ବିନା ରହସ୍ୟ କିମ୍ବା ଷଡ଼ଯନ୍ତ୍ର ଧାରଣା ସୃଷ୍ଟି ହେଲେ ଲୋକମାନଙ୍କ ଆସ୍ଥା କମି ପାରେ।

ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନର ସ୍ୱାଧୀନ ଓ ନିରପେକ୍ଷ ଯାଞ୍ଚ, ନ୍ୟାୟିକ ନିରୀକ୍ଷଣ, ପ୍ରଯୁକ୍ତିଗତ ସମୀକ୍ଷା, ଇଭିଏମର ନିରପେକ୍ଷ ପରିଚାଳନା ଏବଂ ନିର୍ବାଚନ ସମ୍ପର୍କିତ ସମସ୍ତ ତଥ୍ୟର ସତ୍ୟତା ଅବଲମ୍ବନର ଆବଶ୍ୟକତା ରହିଛି। ନିର୍ବାଚନ ସମ୍ପର୍କିତ ତଥ୍ୟ ସୁରକ୍ଷା କରିବା ଦାୟିତ୍ୱ ନିର୍ବାଚନ ଆୟୋଗର। ନିର୍ବାଚନ ପ୍ରଣାଳୀ ଉପରେ ପ୍ରଶ୍ନ ଉଠିବା ଗଣତନ୍ତ୍ରର ଅଂଶ। କିନ୍ତୁ ସନ୍ଦେହ ଦୂର କରିବା ପାଇଁ ପ୍ରମାଣ, ଆଇନଗତ ପଦକ୍ଷେପ ଓ ପାରଦର୍ଶିତା ଆବଶ୍ୟକ। ଲୋକମାନଙ୍କ ଆସ୍ଥା ହେଉଛି ଗଣତନ୍ତ୍ରର ମୂଳ ଶକ୍ତି। ଏହାକୁ ସୁଦୃଢ଼ ରଖିବା ପାଇଁ ସମସ୍ତ ପକ୍ଷଙ୍କ ଦାୟିତ୍ୱ।

ଆଜିର ଡିଜିଟାଲ୍ ଯୁଗରେ ସାଧାରଣ ନାଗରିକଙ୍କୁ ଅନେକ ସରକାରୀ ସୁବିଧା ପାଇବା ପାଇଁ ବାୟୋମେଟ୍ରିକ୍ ଟିପ ଚିହ୍ନ ଦେବାକୁ ପଡୁଛି। ଯଦି ଜଣେ ସାଧାରଣ ଲୋକକୁ ୫ କେଜି ଚାଉଳ କିମ୍ବା ଗହମ ପାଇବାକୁ ଫିଙ୍ଗର୍ ପ୍ରିଣ୍ଟ ଦେବାକୁ ପଡୁଛି, ତେବେ ଦେଶର ସରକାର ଚୟନ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା କାହିଁକି ଲାଗୁ କରାଯାଉ ନାହିଁ? ଏହାର କିଛି ସମସ୍ୟା ମଧ୍ୟ ଅଛି। ଭୋଟ ଗୋପନୀୟତା ଗଣତନ୍ତ୍ରର ମୂଳ ଆଧାର। ଯଦି ବାୟୋମେଟ୍ରିକ୍ ତଥ୍ୟକୁ ଭୋଟ ସହିତ ସିଧାସଳଖ ଯୋଡ଼ା ଯାଏ, ତେବେ ଗୋପନୀୟତା ସମ୍ପର୍କିତ ପ୍ରଶ୍ନ ଉଠିପାରେ। ତେଣୁ ପ୍ରଯୁକ୍ତିଗତ ଭାବେ ଏମିତି ବ୍ୟବସ୍ଥା ଆବଶ୍ୟକ, ଯେଉଁଠାରେ ପରିଚୟ ସତ୍ୟାପନ ହେବ, କିନ୍ତୁ କାହାକୁ କେଉଁ ଭୋଟ ଦେଲେ ତାହା ଗୋପନୀୟ ରହିବ। ଫିଙ୍ଗର୍‌ପ୍ରିଣ୍ଟ ବ୍ୟବସ୍ଥା ଏକ ବିକଳ୍ପ ହୋଇପାରେ, କିନ୍ତୁ ତାହାକୁ ସାମ୍ବିଧାନିକ ମୂଲ୍ୟବୋଧ ଓ ଭୋଟର ଗୋପନୀୟତା ସହ ସମନ୍ୱୟ କରିବା ଅତ୍ୟାବଶ୍ୟକ।

ଗଣତନ୍ତ୍ରରେ ଭାବନା ନୁହେଁ, ପ୍ରମାଣ ଓ ପ୍ରକ୍ରିୟା ଶେଷ କଥା କହେ। କିନ୍ତୁ ପ୍ରମାଣ କରିବ କିଏ କାହା ହାତରେ କ୍ଷମତା ଅଛି? ଇଭିଏମ୍ ନିର୍ବାଚନ ପ୍ରଣାଳୀକୁ ଆଧୁନିକ କରିଛି, କିନ୍ତୁ ଏହା ସହିତ ଜନଆସ୍ଥା ଅତୁଟ ରହିବା ଅତ୍ୟାବଶ୍ୟକ। ଏହି ପରିପ୍ରେକ୍ଷୀରେ ଭୋଟରଙ୍କ ଫିଙ୍ଗର୍‌ପ୍ରିଣ୍ଟକୁ ବାଧ୍ୟତାମୂଳକ କରିବା ବିଷୟଟି ଗଭୀର ଚର୍ଚ୍ଚା ଯୋଗ୍ୟ। ନିର୍ବାଚନର ପବିତ୍ରତା ରକ୍ଷା କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ। ପ୍ରଯୁକ୍ତିକୁ ସଠିକ ଭାବେ ବ୍ୟବହାର କରି ନାଗରିକଙ୍କ ମତକୁ ସୁରକ୍ଷିତ କରାଯାଇ ପାରିଲେ ସେଠାରେ ଗଣତନ୍ତ୍ରର ସଫଳତା ମିଳିବ। ନିର୍ବାଚନର ସ୍ୱଚ୍ଛତା, ସାଧୁତା ଓ ନିରପେକ୍ଷତା ପାଇଁ ଇଭିଏମରେ ଭୋଟରଙ୍କ ଫିଙ୍ଗରପ୍ରିଣ୍ଟକୁ ନିର୍ବାଚନ ଆୟୋଗ ସୁନିଶ୍ଚିତ କରିବାର ଆବଶ୍ୟକତା ବିଷୟରେ ବିଚାରବିମର୍ଶ କରିବା ଏକାନ୍ତ ଅପରିହାର୍ଯ୍ୟ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଅଧର୍ମ ବିତ୍ତ...

ଜଗନ୍ନାଥ ବେହେରା

ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି - 'ବାଡ଼ ଯଦି କିଆରି ଖାଇବ, କହିବା କାହାକୁ?' ସାଧାରଣତଃ ଫସଲକୁ ଗାଈ ଗୋରୁ ଓ ପକ୍ଷୀ ମୁହଁରୁ ବଞ୍ଚାଇବା ନିମନ୍ତେ ଆମେ କିଆରି ଚାରିଦିଗରେ ବାଡ଼ ଦେଇଥାଉ। ସେମିତି କିଛି ଶିକ୍ଷିତ ମଣିଷକୁ ବିଭିନ୍ନ ପଦପଦବୀ ଦେଇ ଆମେ ବିଭିନ୍ନ ବିଭାଗ ବା ସାମଗ୍ରୀର ସୁରକ୍ଷା ଦାୟିତ୍ୱ ଦେଇଥାଉ। କିନ୍ତୁ ସେହି ମଣିଷ ଯଦି ସାମଗ୍ରୀ ବିକି ଭାଙ୍ଗି ନଷ୍ଟ କରିବ ତେବେ କାହାକୁ କହିବା? ଆଜିକାଲି ଯାହାକୁ ବିଶ୍ୱାସ ରଖି ଲକ୍ଷ ଲକ୍ଷ ଟଙ୍କା ଦେଇ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆ ଯାଉଛି ସେହି ଲୋକ ହିଁ ବାଟମାରଣା କରିବାରେ ଲାଗିଛନ୍ତି।

ଏବେ ଦୁର୍ନୀତି ନିବାରଣ ବିଭାଗର ଚଢ଼ଉ ଜୋର ହୋଇଛି। କିନ୍ତୁ ଏବେ ବିଭାଗର ଅଧିକାରୀମାନେ ଚଢ଼ଉ ବେଳେ ଯେଉଁଭଳି ଟଙ୍କା ଓ ସାମଗ୍ରୀ ଦେଖୁଛନ୍ତି ଆଗରୁ ସାରା ଜୀବନକାଳ ମଧ୍ୟରେ କେବେ ବି ଦେଖି ନଥିବା କହୁଛନ୍ତି। ଭିଜିଲାନ୍ସ ଜାଲରେ ପ୍ରତିଦିନ ଏମିତି ଅନେକ ଛୋଟ ଛୋଟ ମାଛଠାରୁ ଆରମ୍ଭ କରି ବଡ଼ ବଡ଼ ମାଛ ଧରାପଡ଼ି ଚାକିରି ହରାଇ ଜେଲ ଯାଉଛନ୍ତି। ଶ୍ମଶାନ ବୈରାଗ ପରି କିଛି ଲୋକ ଦିନଟିଏ ପାଇଁ ଭାବିଦିଏ ନା ଆଉ ସେ ଭୁଲ କରିବି ନାହିଁ। କିନ୍ତୁ ନୋଟ୍ ଦେଖିଲେ ତାଙ୍କ ମୁଣ୍ଡରେ ଭୂତ ଶବାରି ହୋଇଯାଏ। ପୁଣି ସେହି ଭୁଲ କରି ବସେ। ଜଣେ ଚଷା ଓ ଜଣେ ଦିନ ମଜୁରିଆ ୨୪ ଘଣ୍ଟାରୁ ୧୮ ଘଣ୍ଟା ଝାଳ ବୁହା ପରିଶ୍ରମ କରି ଗଧ ଖଟଣି ପରେ ମଧ୍ୟ ଭଲରେ ମୁଠାଏ ଖାଇବାକୁ ପାଉ ନଥିବା ବେଳେ କିଛି କାଗଜ ଉପରେ ଦସ୍ତଖତ କରି କିଛି ଲୋକ ଏତେ ଟଙ୍କା କୁଆଡୁ ଯେ ରୋଜଗାର କରୁଛନ୍ତି ବର୍ତ୍ତମାନ ଏହା ହିଁ ସମସ୍ତଙ୍କର ପ୍ରଶ୍ନ। ଏମାନଙ୍କ ପଛରେ କିଛି ଅସାଧୁ ବ୍ୟବସାୟୀ ଏବଂ ନେତା ମନ୍ତ୍ରୀ ନିଶ୍ଚୟ ଥିବେ, ଯାହା ଧୀରେ ଧୀରେ ଲୋକଲୋଚନକୁ ଆସିବ।

ଜଣେ ଜିଲ୍ଲାପାଳ ଜିଲ୍ଲାର ଓ ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପ୍ରତି ସଜାଗ ରହିଥାଆନ୍ତି। ଜଣେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାର ଆଇନଶୃଙ୍ଖଳାକୁ ଠିକ୍ ରଖି ଥାଆନ୍ତି। ଜଣେ ବନ ଅଧିକାରୀ ଜଙ୍ଗଲ ସୁରକ୍ଷା, ଚାରାରୋପଣ, ବୃକ୍ଷ ସୁରକ୍ଷାକୁ ତଦାରଖ କରିଥାଆନ୍ତି। ଯଦି ଜଣେ ବନ ଅଧିକାରୀ ବନକୁ ସୁରକ୍ଷା ଦେବା ବଦଳରେ ସେହି ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ନିଅନ୍ତି ତେବେ କାହାକୁ କହିବା? ଜଣେ ଜଣେ ବନ ଅଧିକାରୀ ସ୍ୱଳ୍ପ ବେତନରେ ଶତାଧିକ ପ୍ଲଟ କିଣୁଛନ୍ତି। ଦଶବାର ବର୍ଷ ଭିତରେ କୋଟି କୋଟି ଟଙ୍କାର ମାଲିକ ହୋଇପାରୁଛନ୍ତି। ଚଢ଼ଉ ବେଳେ ଘର ଭିତରୁ ନଗଦ କୋଟି କୋଟି ଟଙ୍କାର ବଣ୍ଡଲ ମିଳୁଛି। କେଜି କେଜି ସୁନା ସହିତ ଚାରି ପାଞ୍ଚଟା ଦାମିକିଆ ଗାଡ଼ି ଜବତ ହେଉଛି। ଅହୁରି ଅଧିକ ଜମା ଥିବା ମଧ୍ୟ ଜଣାପଡୁଛି। ସେହିପରି ଜଙ୍ଗଲ ବିଭାଗରେ ଚାରା ସୃଷ୍ଟି କରିବାଠାରୁ ଆବଣ୍ଟନ ଓ ରୋପଣରେ ମାତ୍ରାଧିକ ଟଙ୍କା ଖର୍ଚ୍ଚ ହେଉଛି। ପିଡ଼ିଆ, ଖତ, ଔଷଧ ସ୍ପ୍ରେ ନାଁରେ ମଧ୍ୟ ଟଙ୍କା ପାଣି ପରି ଖର୍ଚ୍ଚ ହେଉଛି। କିନ୍ତୁ ସେହି ପରିମାଣରେ ଜଙ୍ଗଲ ସୃଷ୍ଟି ହେଉ ନଥିବାର ପରିଲକ୍ଷିତ ହେଉଛି।

ବର୍ତ୍ତମାନ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଖଣି ବିଭାଗର ଦୁର୍ନୀତି ଚହଳ ସୃଷ୍ଟି କରିଛି। ବେଳେ ବେଳେ ହାତୀ ଖସି ଯାଉଛି। କେବଳ ଛୋଟ ଛୋଟ ପିମ୍ପୁଡ଼ି ହିଁ ଧରା ପଡୁଛନ୍ତି। ବିଭାଗୀୟ ମୁରବି ଯଦି ଏତେ ବଡ଼ ଘଟଣାରେ ସମ୍ପୃକ୍ତ, ତେବେ ସେହି ବିଭାଗରେ ନିୟୋଜିତ ତଳିଆ କର୍ମଚାରୀ ମଧ୍ୟ ଊଣାଅଧିକେ କେତେ ଧୁରନ୍ଧର୍ ନ ଥିବେ? ଭଗବାନଙ୍କ ଅବତାର ଡାକ୍ତର, ଦିଗଦର୍ଶନ ଦେଉଥିବା ଶିକ୍ଷକ, ଚାକିରିରେ ପଦୋନ୍ନତି ଦେଉଥିବା ଅଫିସର ସମସ୍ତେ ଏବେ ଦୁର୍ନୀତିରେ ବୁଡିଛନ୍ତି।

ଦୁର୍ନୀତି ଶାଖାପ୍ରଶାଖା ମେଲି ବିରାଟ ଦ୍ରୁମହୋଇ ଯାଇଛି। କାରଣ ବାରମ୍ବାର ଅଫିସ ଧାଇଁ ଧାଇଁ ନୟାନ୍ତ ହେବ ଅପେକ୍ଷା କିଛି ହାତଗୁଞ୍ଜା ଦେଇ କାମଟି କରିଦେବା ଶ୍ରେୟସ୍କର ବୋଲି ମଣୁଛନ୍ତି ସାଧାରଣ ଲୋକେ। ତେଣୁ ଆଜି ଜଣେ ଅଧିକାରୀଙ୍କୁ ଦେଖିଲେ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱାସ ହେଉନାହିଁ ଯେ ଅଫିସର୍‌ଟି ସଚ୍ଚୋଟ ନା ବେଇମାନ୍।

ଜନତା ଜାଗ୍ରତ ନ ହେଲେ ବିଭାଗୀୟ ମନ୍ତ୍ରୀ, ଅଫିସର୍, ଇଞ୍ଜିନିଆରମାନେ ଦୁର୍ନୀତି କରି ଚାଲିବେ। ପି ସି କାରବାରରେ ଲିପ୍ତ ରହି କୋଟିକୋଟି ଟଙ୍କା ବାଟମାରଣ କରି ଦେଶର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେବେ। ଅବାଟରେ ପାଦ ଥାପି ଥିବା ବାଟୋଇକୁ ବାଟ ଦେଖାଇବା ଭିଜିଲାନ୍ସ ଅପେକ୍ଷା ଦେଶର ସୁନାଗରିକ ହିସାବରେ ଆମର କର୍ତ୍ତବ୍ୟ ଯଥେଷ୍ଟ ଅଧିକ। ଦେଶରୁ ଦୁର୍ନୀତି ଚେର ଉପାଡ଼ିଲେ ହିଁ ଦେଶର ଶିରି ଫେରିବ। ଅବଶ୍ୟ ଏ 'ଅଧର୍ମ ବିତ୍ତ ବଢ଼େ ବହୁତ ଗଲା ବେଳେ ଯାଏ ମୂଳ ସହିତ' ରୂଢ଼ିଟି ଆଜି ଓଡ଼ିଶାରେ ସତ୍ୟ ହୋଇଯାଇଛି।


ନବରଙ୍ଗପୁର, ମୋ: ୯୪୩୭୭୭୫୧୫୮

# କଳିଙ୍ଗରେ ବୌଦ୍ଧଧର୍ମର ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

କଳିଙ୍ଗ ଯୁଦ୍ଧ ଓ ଏହାର ପ୍ରଭାବ: ବୌଦ୍ଧ ଧର୍ମର ଇତିହାସରେ କଳିଙ୍ଗ ଯୁଦ୍ଧ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଏଇଥିପାଇଁ ଯେ ସମ୍ରାଟ ଅଶୋକଙ୍କ ବୌଦ୍ଧଧର୍ମ ଗ୍ରହଣ ଏହାରି ଯୋଗୁଁ ହି ସମ୍ଭବ ହୋଇପାରିଥିଲା। ତ୍ରୟୋଦଶ ଶିଳାଲେଖରେ ଅଶୋକ ଯୁଦ୍ଧର ବିଭୀଷିକା ତଥା ଏହା ଯୋଗୁଁ ଘଟିଥିବା ବ୍ୟାପକ କ୍ଷୟକ୍ଷତି ସଂପର୍କରେ ଉଲ୍ଲେଖ କରିଛନ୍ତି -ଏକ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିବା ସହ ଦେଢ଼ ଲକ୍ଷ ଲୋକଙ୍କୁ ବନ୍ଦୀ କରି ନେଇ ଯାଇଥିବା ଏବଂ ଯୁଦ୍ଧ ପରବର୍ତ୍ତୀ ଖାଦ୍ୟାଭାବ, ମହାମାରୀ ତଥା ଦୁର୍ଭିକ୍ଷ ଆଦି ବ୍ୟାପକ କ୍ଷୟକାରୀ ଘଟଣା ସବୁ ଯୋଗୁଁ ଅକଳନ ଧନଜନର କ୍ଷୟକ୍ଷତି ଘଟିଥିବା ଆଦି। ଏହିସବୁ ଉତ୍ପାଟକ, ବିଧ୍ୱଂସକାରୀ ଓ ଅକଳ୍ପନୀୟ ମାନବୀୟ ଦୁଃଖକଷ୍ଟ ସୃଷ୍ଟିକାରୀ ତଥା ନୃଶଂସ ଅତ୍ୟାଚାର ଏବଂ ହିଂସା ତଥା ବିନାଶକାରୀ କ୍ରିୟାକଳାପ ସବୁ ଏକ ସରଳ ଓ ଶାନ୍ତିପ୍ରିୟ ଜନତା ଉପରେ ଲଦି ଦିଆଯାଇଥିଲା, ଯେଉଁମାନଙ୍କର ଏକ ମାତ୍ର ଦୋଷ ଥିଲା ସେମାନେ ସ୍ୱାଧୀନଭାବେ ବଞ୍ଚିବା ଓ ଶାନ୍ତିରେ ବସବାସ କରିବାକୁ ଚାହୁଁଥିଲେ ନିଜ ଦେଶରେ ଓ ନିଜ ନିଜର ଭିଟାମାଟିରେ। ଏହି ବିନାଶକାରୀ ଘଟଣାକ୍ରମ ଅଶୋକଙ୍କ ପ୍ରଭାବଶୀଳ ମନରେ ଏକ ଅସାଧାରଣ ପରିବର୍ତ୍ତନ ଆଣିପାରିଥିଲା। ଏହା ତାଙ୍କ ମନରେ ଘୋର ଅନୁଶୋଚନା, ଗଭୀର ଦୁଃଖ ଓ ପରିତାପର ଭାବ ମଧ୍ୟ ଜାଗ୍ରତ କରାଇଥିଲା। ଅଶୋକ ସର୍ବସାଧାରଣରେ ସ୍ୱୀକାର କରିବା ସହ ଘୋଷଣା କରିଥିଲେ ଯେ କଳିଙ୍ଗ ବିଜୟ ପରେ ତାଙ୍କଠାରେ ଧର୍ମ ଭାବ ସବୁ ଉଦ୍‌ବେଳିତ ହୋଇଥିଲା। ସେଗୁଡ଼ିକ ହେଲା - ଧମ୍ମଶୀଳନ (ଧର୍ମପରାୟଣତାର ନୀତି ଓ ଅଭ୍ୟାସ), ଧମ୍ମକାମତା (ଧର୍ମକୁ ସମ୍ମାନ କରିବା ତଥା ଭଲ ପାଇବା) ଏବଂ ଧମ୍ମାନୁଶସ୍ତି (ସେହି ଧର୍ମକୁ ମନରେ ଗଭୀର ଭାବେ ଧାରଣ କରିବା, ତାହାର ବୋଧଗମ୍ୟତା ତଥା ପ୍ରଚାର ଓ ଶିକ୍ଷା)।



ଓଡ଼ିଶାର ବୌଦ୍ଧ ପରମ୍ପରା

ଏହିଭଳି କଳିଙ୍ଗଯୁଦ୍ଧ ପ୍ରତ୍ୟକ୍ଷ ତଥା ସ୍ପଷ୍ଟ ଭାବରେ ଅଶୋକଙ୍କ ଜୀବନରେ ଏକ ନିର୍ଣ୍ଣାୟାତ୍ମକ ମୋଡ଼ ଆଣିଥିଲା ଏବଂ ଏହା ତାଙ୍କୁ ସିଧାସଳଖ ଭାଗବାନ ବୁଦ୍ଧଙ୍କ ଶିକ୍ଷା, ଉପଦେଶ ଏବଂ ବାଣୀ ଆଡ଼କୁ ଆକର୍ଷିତ କରିପାରିଥିଲା। ଅଶୋକ ବୌଦ୍ଧ ଉପାସକ ହେବାର ଅଢ଼େଇ ବର୍ଷ ପରେ ତାଙ୍କର କ୍ଷୁଦ୍ର ଅଭିଲେଖଗୁଡ଼ିକ ଜାରି କରାଯାଇଥିଲା। ଷଷ୍ଠ ସ୍ତମ୍ଭ ଅଭିଲେଖରେ ଲିପିବଦ୍ଧ ବିବରଣୀରୁ ଜଣାଯାଏ ଯେ ଏହି କ୍ଷୁଦ୍ର ଅଭିଲେଖମାନ ସେ ଅଧିଷ୍ଠିତ ହେବାର ବାରବର୍ଷ ପରେ ପ୍ରକାଶିତ କରାଯାଇଥିଲା। ଏଣୁ ସମ୍ରାଟଙ୍କର ବୌଦ୍ଧ ଧର୍ମରେ ପ୍ରବେଶ କରିବା ଘଟଣାକୁ ନିଶ୍ଚିତ ଭାବେ କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ ସମୟର ବୋଲି ଧରାଯିବ। କାରଣ ଅଶୋକ ସିଂହାସନ ଆରୋହଣ କରିବାର ଆଠ ବର୍ଷ ପରେ ହିଁ କଳିଙ୍ଗ ଯୁଦ୍ଧ ହୋଇଥିଲା। କଳିଙ୍ଗ ଯୁଦ୍ଧ ତାଙ୍କୁ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ କରିପାରିଥିଲା ଏବଂ ତାଙ୍କର ଧର୍ମନୀତିରେ ଏକ ବିରାଟ ତଥା ଦୂରଗାମୀ ପ୍ରଭାବ ସୃଷ୍ଟି କରିପାରିଥିଲା। ସର୍ବୋପରି ଏହା ଫଳରେ ତାଙ୍କର ଧର୍ମବିଜୟ ଭାରତ ତଥା ବିଶ୍ୱ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମ ହୋଇପାରିଥିଲା। ଏହା ରକ୍ତରଞ୍ଜିତ ସାମରିକ ବିଜୟର ଯୁଗ ସ୍ଥାନରେ ପ୍ରେମଭରା ଆଧ୍ୟାତ୍ମିକ ସାମ୍ରାଜ୍ୟବାଦର ଏକ ଯୁଗ ଆରମ୍ଭ କରିଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କୋର୍ଟ ପରିସରରୁ କଏଦୀ ଚମ୍ପଟ

## ଦୁଷ୍କର୍ମ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିଲା

ବାଲେଶ୍ୱର, ୬।୩ (ସମିସ): ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲ୍‌ରେ ଥିବା ଜଣେ ବିଚାରାଧୀନ କଏଦୀ ଆଜି ଅପରାହ୍ଣରେ ପୁଲିସକୁ ଚକ୍‌ମା ଦେଇ କୋର୍ଟ ପରିସରରୁ ଚମ୍ପଟ ମାରିଛି। ସେ ହେଲା, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ସେକ୍ ଇସ୍ତେଖାର। ୨୦୨୫ ଏପ୍ରିଲ ୯ରେ ସେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ କଷାଫଳ ମେରାଇନ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ପରେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲ୍ଲା କାରାଗାର ପଠାଇ ଦିଆଯାଇଥିଲା। ସେବେଠାରୁ ସେ ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲା। ପ୍ରତି ତାରିଖ ଅନୁସାରେ ସେ କୋର୍ଟରେ ହାଜର ହୋଇ ପୁଣି ଜେଲକୁ ଫେରିଯାଆନ୍ତି। ଆଜି ମଧ୍ୟ ତାଙ୍କର କୋର୍ଟରେ ହାଜର ହେବାର ତାରିଖ ଥିଲା। ଆଜି ମଧ୍ୟାହ୍ନ ୧ଟାରୁ ୨ଟା ମଧ୍ୟରେ ପୁଲିସ ତାକୁ କୋର୍ଟକୁ ହାଜର କରିବାକୁ ଆଣିଥିବା ବେଳେ ପୁଲିସର ଅସାବଧାନତାର ସୁଯୋଗ ନେଇ ସେ ଚମ୍ପଟ ମାରିଥିଲା। ୮ ଜଣିଆ ପୁଲିସ ଟିମ୍ ତାକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଯୁଦ୍ଧ ଜିଦ୍‌ରେ...

ଅଭିଯାନ ଆରମ୍ଭ କଲେ ଅତ୍ୟନ୍ତ ଭୟଙ୍କର ହେବ। ଏହା ଆମେରିକା ସେନା ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବ।

ଏହା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ ନୂଆ ନେତା ଚୟନରେ ଆମେରିକାର ଭୂମିକା ରହିବା ଜରୁରୀ। ଯଦି ଆମେରିକାର ସହଯୋଗରେ ଏପରି କରା ନ ଯିବ ତେବେ ତାହା ସମୟର ଅପଚୟ ହେବ। କେହି ଏହାକୁ ମାନିବେ ନାହିଁ। ଏଭଳି ସର୍ବୋଚ୍ଚ ନେତାର କୌଣସି ମୂଲ୍ୟ ରହିବ ନାହିଁ। ଅୟତୁଲ୍ଲା ଅଲ୍ଲି ଖାମନେଇଙ୍କ ପୁଅ ମୁଜତବା ଖାମନେଇଙ୍କୁ ସମ୍ଭାବ୍ୟ ଉତ୍ତରାଧିକାରୀ ଧରାଯାଉଛି। ମାତ୍ର ଆମେରିକା ଏହାକୁ ସ୍ୱୀକାର କରିବ ନାହିଁ। ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି ଯେ ଯଦି ନୂଆ ନେତା ପୁରୁଣା ନେତୃତ୍ୱଙ୍କ ନୀତି ଜାରି ରଖିବେ, ତେବେ ଆମେରିକା ଏବଂ ଇରାନ ମଧ୍ୟରେ ଆଗାମୀ ଦିନରେ ପୁଣି ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବ। ଆମେରିକା ଏଭଳି ନେତାଙ୍କୁ ଚାହୁଁଛି, ଯିଏ ଇରାନରେ ଶାନ୍ତି ଏବଂ ସ୍ଥିରତା ଆଣି ପାରୁଥିବ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ତୁରନ୍ତ ଆତ୍ମସମର୍ପଣ କରିବାକୁ, ନଚେତ ମରିବାକୁ ଆମେରିକା ରାଷ୍ଟ୍ରପତି ଇରାନ ସେନା ଆଇଆରଜିସିକୁ ଧମକ ଦେଇଛନ୍ତି। ଇରାନ କ୍ଷେପଣାସ୍ତ୍ର ଘାଟୀ, ଡ୍ରୋନ ଭଣ୍ଡାର ଆଦି ଆମେରିକା ଉଡ଼ାଇ ଦେଇଥିବା ଦାବି କରିଛନ୍ତି। ଇରାନର ୨୦୦ରୁ ଅଧିକ ଠିକଣାରେ ଆକ୍ରମଣ କରି ଲଢୁଆ ବିମାନ ଧ୍ୱଂସ କରଦିଆଯାଇଛି।

## ବିକଶିତ ଓଡ଼ିଶା...

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା କଂଗ୍ରେସକୁ କଟୁ ସମାଲୋଚନା କରିଛନ୍ତି। ଏହି ଦଳ ଦେଶକୁ ନିନ୍ଦିତ କରୁଛି ଓ ଆଗାମୀ ନିର୍ବାଚନରେ ୧୦୦ ଆସନ ବି ଟପିବ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି। ଏହାମାଧ୍ୟମରେ ଓଡିଶାର ଚାଷୀ ସମୃଦ୍ଧ ହେବ, ଓଡିଶାର ଯୁବକ ସମୃଦ୍ଧ ହେବେ, ଓଡିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡିଶା ସମୃଦ୍ଧ ହେବ। ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତ୍ତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ। ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବଡ଼ମ୍ବା ଚିନିକଳ ପୁନରୁଦ୍ଧାର ପାଇଁ ଇଣ୍ଡିଆନ ପଟାସ ଲିମିଟେଡ୍ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗିରେ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଛି।

ପ୍ରଦର୍ଶନୀ ପଡିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ କୈନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ଓଡ଼ିଶା ପୋଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଆଭାସୀ ଲୋକାର୍ପଣ ସହ୨୪ ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରାଯାଇଛି।

ଆଜି ସକାଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ କଟକ ଜିଲ୍ଲା ମୁଣ୍ଡଳୀଠାରେ ଥିବା ସିଆଇଏସଏଫ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ ଏବଂ ପରେ ପରେ ପାରାଦ୍ୱୀପଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଫକୋର ପାରାଦୀପ ପ୍ଲାଣ୍ଟରେ ସ୍ଥାପିତ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ (ଏସଏପି-ଥ୍ରୀ)କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ୧୪୧ଟି ପ୍ୟାକ୍ସ ପାଇଁ ଆବଶ୍ୟକତା-ଭିତ୍ତିକ ଭିତ୍ତିଭୂମିର ଆଭାସୀ ଉଦଘାଟନ, ସମବାୟ ନିବନ୍ଧକ (ଆରସିଏସ) ଅଫିସ୍ ପୋର୍ଟାଲ୍ ଆରମ୍ଭ, ନ୍ୟାସନାଲ୍ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍ ର ଡାଇରେକ୍ଟ-ଟୁ-କଞ୍ଜ୍ୟୁମର୍ (ଡିଟୁସି) ପୋର୍ଟାଲ୍ ଆରମ୍ଭ, ଏବଂ ନେସନାଲ୍ କୋଅପରେଟିଭ୍ ଏକ୍ସପୋର୍ଟ୍ସ ଲିମିଟେଡ୍ ଦ୍ୱାରା ବିକଶିତ 'କୁପ୍ ମାର୍କ' ଏବଂ ଏକ ଏଆଇ ଆଧାରିତ ବହୁଭାଷୀ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ 'ସାବିଦ୍ୟା'ର ଶୁଭାରମ୍ଭ କରାଯାଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ସହ ଜଡିତ ପଦକ୍ଷେପଗୁଡ଼ିକ ମଧ୍ୟ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶରେ ଅନୁଜ...

ମହାପାତ୍ର ୧୨୧, ବିଶାଲ ପଟ୍ଟନାୟକ ୩୪୧ ଏବଂ ଦେବବ୍ରତ ପ୍ରମାଣିକ ୪୬୭ତମ ସ୍ଥାନରେ ରହିଛନ୍ତି। ସେହିପରି ୨୧୧ ତମ ସ୍ଥାନରେ ଓଡ଼ିଶାର ତନିଶା ମିଶ୍ର, ୨୧୭ ରେ ଅଙ୍କିତ ଅଗ୍ରୱାଲ୍, ୨୭୪ ରେ ଅଞ୍ଜନୀ ମିଶ୍ର, ୨୮୫ରେ ସାଇ ରମଣ ପାତ୍ର, ୩୩୭ରେ ଉତ୍କର୍ଷ ମିଶ୍ର, ୪୨୩ ରେ ଶୁଭମ୍ ମିଶ୍ର, ୪୨୮ ରେ ଅନିମେଶ ମିଶ୍ର, ୪୪୫ ରେ ଅନିଲ୍ ମିଶ୍ର ଏବଂ ୭୯୫ ରେ ଗୋପିନାଥ ସାହୁ ପ୍ରମୁଖ ସ୍ଥାନ ପାଇଛନ୍ତି।

ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନରେ ଥିବା ଓଡ଼ିଶାର ସାତ୍ୱିକ୍ ସତ୍ୟକାମ ଦେବତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଷଷ୍ଠ ବା ଶେଷ ସୁଯୋଗରେ ସଫଳତା ପାଇଛନ୍ତି। ପ୍ରଥମ ତିନୋଟି ପରୀକ୍ଷା ପାଇଁ ପୂର୍ଣ୍ଣକାଳୀନ ପ୍ରସ୍ତୁତି କରୁଥିଲେ। ଏହାପରେ ସେ ଚାକିରି କରିବା ସହ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଲୋକଙ୍କ ସହ ଯୋଡ଼ିହୋଇ ସେମାନଙ୍କ ସମସ୍ୟାକୁ ବୁଝି ସମାଧାନ କରିବାକୁ ଆଗ୍ରାଧିକାର ଦେବେ ବୋଲି କହିଛନ୍ତି। ସେହିପରି ୧୨୧ ତମ ସ୍ଥାନରେ ଥିବା ପୁରୀର ଅମ୍ରିତ ମହାପାତ୍ର କହିଛନ୍ତି ଯେ ନିୟମିତ ଭାବେ ଅଧ୍ୟୟନ କରିବାର ଫଳ ପାଇଛନ୍ତି। ପୂର୍ବରୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ହେବାକୁ ମନୋନୀତ ହୋଇଥିଲେ ମଧ୍ୟ ଚାକିରିରେ ଯୋଗଦେଇ ନ ଥିଲେ।

## ମଧ୍ୟପ୍ରାଚ୍ୟ ଅସ୍ଥିରତା...

ଚଳିତ ସପ୍ତାହରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୬% ବୃଦ୍ଧି ପାଇଛି। ମଧ୍ୟପ୍ରାଚ୍ୟରେ ଏହି ସଂଘର୍ଷର ପ୍ରଭାବ ସେୟାର ବଜାର ଉପରେ ମଧ୍ୟ ଦେଖାଯାଉଛି। ଏହି ପରିସ୍ଥିତିରେ, ଟଙ୍କା ମଧ୍ୟ ଅଧିକ ଚାପଗ୍ରସ୍ତ ହେବାରେ ଲାଗିଛି। ଭାରତ ନିକଟରେ ବର୍ତ୍ତମାନ ୭୨୩ ବିଲିୟନ ଡଲାରରୁ ଅଧିକ ବୈଦେଶିକ ମୁଦ୍ରା ଭଣ୍ଡାର ବାକି ରହିଛି, ଯାହା ବିଶ୍ୱର ସବୁଠାରୁ ବଡ଼ ମଧ୍ୟରୁ ଗୋଟିଏ। ଏହି ଶକ୍ତି ବ୍ୟବହାର କରି, ରିଜର୍ଭ ବ୍ୟାଙ୍କ ବଜାରରେ ଡଲାରକୁ ବଡ଼ ପରିମାଣରେ ବିକ୍ରି କରି ଟଙ୍କାକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲା।

## ରୁଷରୁ ତେଲ କିଣିବ...

ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ଆଜି ୪% ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୮୯.୧୮ ଡଲାରରେ ପହଞ୍ଚିଛି, ଯାହା ୨୦୨୪ ଏପ୍ରିଲ ପରଠାରୁ ଏହାର ସର୍ବୋଚ୍ଚ ସ୍ତର। ଏମିତିକି ଏହି ପରିସ୍ଥିତିରେ ଆମେରିକାରୁ ତୈଳ କ୍ରୟ ମଧ୍ୟ ବୃଦ୍ଧି ପାଇବାର ଆଶା କରାଯାଉଛି। ବେସାଣ୍ଟ କହିଛନ୍ତି ଯେ ଇରାନ ବିଶ୍ୱ ଶକ୍ତି ବଜାରକୁ ବନ୍ଧକ ରଖିବାକୁ ଚେଷ୍ଟା କରୁଛି। ଏହି ଚାପକୁ କମ୍ କରିବା ପାଇଁ ଆମେ ଭାରତକୁ ରୁଷରୁ ତେଲ ଆମଦାନୀ ଲାଗି ୩୦ ଦିନର ଛାଡ ପ୍ରଦାନ କରୁଛୁ। ସେ କହିଛନ୍ତି, ଆମେ ଆଶା କରୁଛୁ ଯେ ଏହାପରେ ଭାରତ ଆମେରିକୀୟ ତୈଳ କ୍ରୟକୁ ତ୍ୱରାନ୍ୱିତ କରିବ। ଆମେରିକା ବିଶ୍ୱାସ କରେ ଯେ ଏହି ପଦକ୍ଷେପ ବିଶ୍ୱ ବଜାରରେ ତୈଳ ଅଭାବକୁ ରୋକିବ। ଆମେରିକୀୟ ଟ୍ରେଜେରୀ ବିଭାଗର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ତେଲ କ୍ରୟ ପାଇଁ ଏହି ଲାଇସେନ୍ସ ଜାରି କରିଛି। ଏହା ଅଧୀନରେ, ମାର୍ଚ୍ଚ ୫ ସୁଦ୍ଧା ଜାହାଜରେ ଲୋଡ୍ ହୋଇଥିବା କେବଳ ରୁଷୀୟ ଅଶୋଧିତ ତେଲ ଭାରତକୁ ଆସିପାରିବ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ଇରାନ ବିଶ୍ୱର ୨୦% ତେଲ ଯୋଗାଣ କରୁଥିବା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିଛି। ବର୍ତ୍ତମାନ ସାଉଦି ଆରାମକୋର ରାସ୍ ଟାନୁରା ରିଫାଇନାରୀ ଏବଂ ଇରାକର ରୁମାଇଲା ତୈଳ କ୍ଷେତ୍ର ଭଳି ପ୍ରମୁଖ ପ୍ଲାଣ୍ଟରେ ଉପରେ ଇରାନ୍ ଆକ୍ରମଣ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଭାରତ ବର୍ତ୍ତମାନ ଭାରତ ମହାସାଗର ନିକଟରେ କିମ୍ବା ଏସୀୟ ଜଳସାଗରରେ ଅବସ୍ଥିତ ରୁଷୀୟ ତୈଳ କାର୍ଗୋ କିଣିବା ଉପରେ ବିଚାର କରୁଛି। ଗତବର୍ଷ ନଭେମ୍ବରରେ, ୟୁକ୍ରେନ ସହ ଯୁଦ୍ଧ ଯୋଗୁଁ ଟ୍ରମ୍ପ ପ୍ରଶାସନ ରୁଷୀୟ ତୈଳ କମ୍ପାନୀ ଲୁକୋଏଲ ଏବଂ ରୋସନେଫ୍ଟ ଉପରେ କଠୋର କଟକଣା ଲଗାଇଥିଲା। ପରବର୍ତ୍ତୀ ସମୟରେ ଜାନୁଆରୀରେ ଭାରତର ରୁଷୀୟ ତୈଳ ଆମଦାନି ପ୍ରତିଦିନ ୧.୧ ନିୟୁତ ବ୍ୟାରେଲକୁ ହ୍ରାସ ପାଇଲା, ଯାହା ୨୦୨୨ ନଭେମ୍ବର ପରଠାରୁ ସର୍ବନିମ୍ନ। ତଥାପି, ଫେବୃଆରୀରେ ଏହି ଅଂଶ ପୁଣି ଥରେ ୩୦%କୁ ବୃଦ୍ଧି ପାଇଛି। ଭାରତ ତାର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ କ୍ରମାଗତ ଭାବରେ ରିଆତି ମୂଲ୍ୟରେ ରୁଷୀୟ ତୈଳ କିଣୁଛି।


**OFFICE OF DISTRICT MANAGER** 7001/33/2526
**ODISHA STATE CIVIL SUPPLIES CORPORATION LTD., KHORDHA**
**District Website: www.khordha.odisha.gov.in**

Tender No. 992 **Dt. 05.03.2025**

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Lobour works) for Handling of Foodgrains(Rice, Wheat etc.) at all the Rice Receiving Centres (RRCs) of Khordha District. |
| 2 | Availability of bid document in the portal | From 06.03.2026 |
| 3 | Last Date / Time for receipt of bids in the Portal | Dt. 20.03.2026 up to 12.00 Noon |
| 4 | Date/Time of Opening of Technical Bid | Dt 20.03.2026 up to 3.00 PM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents& other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments /corrigendum/cancellation/ retenders etc. if anyshall be published only in above websites.

OIPR-7001/7007/1/25-26/0001

**District Manager**
**O.S.C.S.C Ltd., Khordha**

E-Mail:rw.kamakhyanagar@yahoo.co.in 25001/291/2526

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

**e-procurement Notice No.30 /Building Work / 2025-26.**

1. Name of the work : Building Work
2. Total No. of Works : 1 (One) No.
3. Tender Cost : Rs.6.20 Lakhs
4. Class Contractor : "D" & "C" Class
5. Period of Completion : 2 Calendar months
6. Availability of Tender online for bidding : 12.03.2026 at 11.00 A.M to 18.03.2026 up to 5.00 P.M
7. Last Date & Time of seeking tender clarification : 17.03.2026 upto 4.00 PM
8. Date & Time of opening of Bid : 19.03.2026. at 11.00 AM

Other Details can be seen from the website http://tendersorissa.gov.in.

OIPR-25001/25094/1/25-26/0019

**Superintending Engineer**
**R.W. Division-II, Dhenkanal.**
**Kamakhyanagar**

**INVITATION FOR BIDS (IFB)** 25001/287/2526
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 41 OF 2025-26**
☎ (06752) 251276 Fax - (06752) 251276 E-mail – eerwsspuri@gmail.com

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District. |
|---|---|---|
| 1. | No. of works: | **01 (One)** |
| 2. | Estimated Cost: | Rs. **8.64 Lakh**(app.) |
| 3. | Time for completion: | 02(Two)Months |
| 4. | Cost of bidding document: | Rs.4000/- |
| 5. | Class of Contractors eligible: | Holder of HT Licenses of ELBO |
| 6. | Availability of bids on-line: | From 11.00 hour of 09.03.2026 to 17.00 hours of 19.03.2026 |
| 7. | Last date and time for seeking clarification: | 17.00 hours of 16.03.2026 |
| 8. | Date & time of opening of technical bids: | On dt 20.03.2026 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

OIPR-25001/25017/1/25-26/0003

Sd/- Superintending Engineer,
RWS&S Division, Puri



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୨୬.୦୩.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୪,୦୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫** | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୪,୦୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଲ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧** | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୨,୮୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧** | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭

**ଗାଡିକୁ ତା.୨୫.୦୩.୨୦୨୬ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୨୫.୦୩.୨୦୨୬ରିଖ ସୁଦ୍ଧା ଦାଖଲ କରିପାରିବେ।**

**ନିଲାମର ନିୟମ ଓ ସର୍ତ୍ତାବଳୀ: ୧)** ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ **୧୦,୦୦୦/- (ଦଶ ହଜାର)** ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। **୨)** ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। **୩)** ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। **୪)** ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। **୫)** ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। **୬)** ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ୍, କ୍ରେତାମାନେ ରୋଡ଼ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। **୭)** ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ୍, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। **୮)** ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। **୯)** ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସଟି, ଯଦି କିଛି ଥାଏ ତାହା ବହନ କରିବେ। **୧୦)** ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। **୧୧)** ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ଼ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୧୨)** ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। **୧୩)** ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। **୧୪)** ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ଼ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। **୧୫)** ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। **୧୬)** ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। **୧୭)** ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। **୧୮)** ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। **୧୯)** ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୁଡାନ୍ତ ହେବା ଆବଶ୍ୟକ। **୨୦)** ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। **୨୧)** ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୬.୦୩.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ Regd. No. D.L. 33004/99

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଅ.-07022026-269925
CG-DL-E-07022026-269925
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୬୧୧] ନୂଆ ଦିଲ୍ଲୀ, ଶୁକ୍ରବାର, ଫେବୃଆରୀ ୬, ୨୦୨୬ / ମାଘ ୧୭, ୧୯୪୭
No.611] NEW DELHI, FRIDAY, FEBRUARY 6, 2026 / MAGHA 17, 1947

**ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୬ ଫେବୃଆରୀ, ୨୦୨୬**

ଏସ.ଓ.641(ଅ)- କେନ୍ଦ୍ର ସରକାର, ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ ର ୪୮) (ଏହା ପରଠାରୁ କଥିତ ଅଧିନିୟମ ରୂପେ ଦର୍ଶାଯାଇଛି) ର ଧାରା ୩(କ) ର ଉପଧାରା (୧) ଅନୁସାରେ କ୍ଷମତା ପ୍ରୟୋଗ ପୂର୍ବକ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିମ୍ନ ସୂଚୀ ପ୍ରକାରେ ଦିଆଯାଇଥିବା ସଂକ୍ଷିପ୍ତ ବିବରଣୀ ଅନୁସାରେ ଓଡିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାର ଗ୍ରାମ ଗୁଡିକ- ସିମକୋ, ବାଙ୍କି, ଭାଲୁଲତା, ଇନ୍ଦ୍ରପୁର, ମୃଗଟୋଲି, ବ୍ରାହ୍ମଣମରା, ତଳସରା (ତହସିଲ ବିରମିତ୍ରପୁର) ରେ NH-143ର କି.ମି.0.000 ଠାରୁ କି.ମି.34.700 ପର୍ଯ୍ୟନ୍ତ ଜାତୀୟ ରାଜପଥର ନିର୍ମାଣ (ପ୍ରସସ୍ଥି କରଣ/ପେଭଡ ସୋଲ୍ଡର ସହିତ ୨ ଲେନ/୪ ଲେନ ର ନିର୍ମାଣ ଇତ୍ୟାଦି) ରକ୍ଷଣ ବେକ୍ଷଣ, ପରିଚାଳନା ଏବଂ ସଂଚାଳନ ନିମନ୍ତେ ଉକ୍ତ ଜମିକୁ ଅର୍ଜନ କରିବା ପାଇଁ ନିଜ ଅଭିପ୍ରାୟ କୁ ଘୋଷଣା କରିଛନ୍ତି।

କଥିତ ଜମି ଉପରେ ଯଦି କୌଣସି ବ୍ୟକ୍ତିଙ୍କର ଆଗ୍ରହ ରହିଥାଏ ତେବେ ଅଫିସିଆଲ ଗେଜେଟରେ ଉକ୍ତ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୨୧ ଦିନ ମଧ୍ୟରେ କଥିତ ଅଧିନିୟମ ଧାରା ୩(ଗ) ର ଉପଧାରା (୧) ଅଧୀନ ରେ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସେ ପ୍ରକାର ଜମିର ଉପଯୋଗ ଉପରେ ତାଙ୍କର ଅଭିଯୋଗକୁ ଜଣାଇ ପାରିବେ।

ଏ ପ୍ରକାର ସମସ୍ତ ଅଭିଯୋଗ କୁ ପ୍ରାଧିକୃତ କର୍ତ୍ତୃପକ୍ଷ ଯେପରିକି ଉପ-ଜିଲ୍ଲାପାଳ, ପାନପୋଷ ତଥା ପ୍ରାଧିକୃତ ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନଂ ୧୪୩ଙ୍କୁ ଲିଖିତ ଆକାରରେ ଦର୍ଶାଇବାକୁ ହେବ ଓ ସେ ଏହାର ଭିତ୍ତିଭୂମି ପ୍ରସ୍ତୁତ କରିବେ ତଥା ପ୍ରାଧିକୃତ କର୍ତ୍ତୃପକ୍ଷ ଅଭିଯୋଗକାରୀଙ୍କ ପାଇଁ ବ୍ୟକ୍ତିଗତ ଭାବରେ କିମ୍ବା ଆଇନଜିବୀ ଙ୍କ ଜରିଆରେ ଏହାର ଶୁଣାଣି ପାଇଁ ସୁଯୋଗ ପ୍ରଦାନ କରିବେ ଏବଂ ସେ ପ୍ରକାର ସମସ୍ତ ପ୍ରତିବାଦ ଗୁଡିକ ଶୁଣାଣୀ ପରେ ଓ ସେ ପ୍ରକାର ପରବର୍ତ୍ତୀ ଅନୁସନ୍ଧାନ ପରେ, ଯଦି ଥାଏ, ପ୍ରାଧିକୃତ କର୍ତ୍ତୃପକ୍ଷ ଆବଶ୍ୟକ ମନେକଲେ ଏହି ସବୁ ପ୍ରତିବାଦ ଗୁଡିକୁ ଆଦେଶ ଦ୍ୱାରା ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

କଥିତ ଅଧିନିୟମ ଧାରା ୩(ଗ) ର ଉପଧାରା (୨) ଅଧୀନ ରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଯେକୌଣସି ଆଦେଶ କୁ ଅନ୍ତିମ ବୋଲି ବିବେଚନା କରାଯିବ।

ଏହି ବିଜ୍ଞପ୍ତି ଅଧୀନରେ ଅଧିକୃତ ହେବାକୁ ଥିବା ଜମିର ନକ୍ସା ଓ ଅନ୍ୟାନ୍ୟ ବିବରଣୀ ଉକ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ଓ ତାହାକୁ ଇଚ୍ଛୁକ ବ୍ୟକ୍ତି ମାନେ ଉକ୍ତ କାର୍ଯ୍ୟାଳୟରୁ ଅନୁସନ୍ଧାନ କରି ପାରିବେ।

ସୂଚୀ

ଓଡିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାର ଗ୍ରାମ ଗୁଡିକ- ସିମକୋ, ବାଙ୍କି, ଭାଲୁଲତା, ଇନ୍ଦ୍ରପୁର, ମୃଗଟୋଲି, ବ୍ରାହ୍ମଣମରା, ତଳସରା (ତହସିଲ ବିରମିତ୍ରପୁର) ରେ NH-143ର କି.ମି.0.000 ଠାରୁ କି.ମି.34.700 ପର୍ଯ୍ୟନ୍ତ ଅଧିଗ୍ରହଣ ହେବାକୁ ଥିବା ସଂରଚନା ରହିତ ଏବଂ ସଂରଚନା ସହିତ ଜମିର ସଂକ୍ଷିପ୍ତ ବିବରଣୀ।

915 GI/2026

ଜିଲ୍ଲା: ସୁନ୍ଦରଗଡ଼
https://egazette.gov.in
ପ୍ରକାଶନ ତାରିଖ: ୬ ଫେବୃଆରୀ ୨୦୨୬
https://egazette.gov.in
https://bhoomirashi.gov.in

ଫାଇଲ୍ ନମ୍ବର: NHAI/PIU/KJR/NH-143/3A
ଶେଖ ଆମିନ ଖାନ, ନିର୍ଦ୍ଦେଶକ

ଟିପ୍ପଣୀ: ଏହି ସୂଚନାର ମୂଳ ପ୍ରତି CALA/PIU/PMU/RO/ED କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଅଛି ଏବଂ ଜମି ମାଲିକମାନେ ସେଠାରେ ଯାଇ ଏହା ଦେଖିପାରିବେ।



**AFFIDAVIT**

By an affidavit sworn before Notary Public, Bhograi, dated 02.03.2026, I Narendra Kumar Senapati, At/Po -Khairda, PS-Kamarda, District-Balsore, Odisha, declares that I have changed the name of my daughter from Harsika Senapati to Archita Senapati. Henceforth, she shall be known as **Archita Senapati** for all purposes.

**AFFIDAVIT**

By virtue of an Affidavit **No. 151(i), dtd. 06.03.2026** before the Executive Magistrate, Kantabanji, I, Heena Dash, D/o Anang Dash, Vill/P.O.–Kuibahal, P.S.–Turekela, Dist.–Balangir, Odisha, do hereby declare that my correct name is Heena Dash as per Aadhaar Card but it wrongly mentioned as Hena Das in my Bank Passbook. That Heena Dash & Hena Das is one and the same person i.e. myself. Henceforth, I shall be known as **Heena Dash** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-06/03/2026. I, **Rushi Podha** (new name), aged about 67 years, S/o- Pandaba Podha, permanent & current resident of AT: Bramhana Pada, PO: Bolangir, Sub-Dist: Belpara, PS/Dist: Bolangir, State: Odisha, PIN: 767001 declare that I have changed my name from **Rusi Pati** to **Rushi Podha.** Henceforth, I shall be known as **Rushi Podha** (new name) for all future purposes.

**Rushi Podha**

**AFFIDAVIT**

By virtue of an affidavit (CF No.366/1, dtd- 17/02/2026) sworn before The Executive Magistrate, Gop. I, **Swopnarani Behera** (new name), D/o- Nrushinha Behera, permanent & current resident of At- Santaras, Po- Rahangagorada, Ps- Gop, Dist- Puri, PIN- 752121, State- Odisha declare that I have changed my name from **Swapanrani Behera** to **Swopnarani Behera.** Henceforth, I shall be known as **Swopnarani Behera** (new name) for all purposes.

**Swopnarani Behera**

**FOR SALE**

**1 Number of Mahindra FURIO 16 (ICV)/ 2022, Registration No.- OD-01-AM-6778, Model- 2022 , ENGINE NO – CMM4K96217, CHASSIS NO - MA1JACMWFM6K74779, For Details, contact –94375 60894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO- 06782-266657**

**AFFIDAVIT**

I, Birendra Naik, resident At–Balangi, Po–Birikot, Ps–Th. Rampur, Dist.–Kalahandi, Odisha – 766037, do hereby declare that I have changed the name of my minor daughter from **Namrata Naik to Namitarani Naik** as per affidavit sworn before the **Executive Magistrate, Bhawanipatna, Kalahandi** on **06.03.2026.** Henceforth, she shall be known as **Namitarani Naik** for all purposes.

**Birendra Naik**

**AFFIDAVIT**

By virtue of an affidavit before the Executive Magistrate, Balangir, Vide Sl.No.308, Dt.06.03.2025, I Laxmi Meher, W/o- Gouranga Meher of Radharanipada, Balangir, Po/Ps- Balangir, Dist.- Balangir that my wholly renounce relinquish and abandon the use Lakshmee Meher in place of Laxmi Meher. I further declare that I shall all times in all records and all occasion whatsoever use and sign Laxmi Meher in place of Lakshmee Meher. Henceforth I shall be known as **Laxmi Meher** instead of Lakshmee Meher in all purposes.

**(Laxmi Meher)**

**AFFIDAVIT**

By Virtue of an affidavit Sl.No.- 77 , dated 05.03.2026 in the court of the Executive Magistrate , At: Alimaha, Po: Raikia , Dist. :- Kandhamal, I, Shalem Priyadarshini Nayak have changed my name from N.Salem Priyadarshini to Shalem Priyadarshini Nayak . Henceforth I will be known as **Shalem Priyadarshini Nayak** instead of N.Salem Priyadarshini for all purposes.

**Sd/-Shalem Priyadarshini Nayak**

# ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା

ବୈପାରୀଗୁଡା , ୬।୩(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ବିରଖମ୍ବ ସାହିରେ ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହିଳା ମାନେ ପଶ୍ଚିମେଶ୍ୱର ମନ୍ଦିର ପଖରୀରୁ ୧୧ ଶହଟି କଳସ ନେଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ସହ ପୂଜା ମଣ୍ଡପରେ ଶାଳା ସଂସ୍କାର, ମଣ୍ଡଳ କରଣ, କଳସ ସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବ ପୂଜାକାର୍ଯ୍ୟ ନିମନ୍ତେ ଜଗନ୍ନାଥଧାମ ପୁରୀରୁ ୯ ଜଣ ପୂଜକଙ୍କୁ ଆମନ୍ତ୍ରିତ କରାଯାଇଛି । ମୁଖ୍ୟ ପୂଜକ ପଣ୍ଡିତ ସତ୍ୟବାନ ମୁଦ୍ରାଙ୍କ ନିର୍ଦ୍ଦେଶ କ୍ରମେ ହୋମଯଜ୍ଞ ପୂଜାକାର୍ଯ୍ୟ ଜାରି ରହିଛି। ଏହି ପ୍ରତିଷ୍ଠା ଉତ୍ସବରେ ସୋମନାଥ ରଥ, ବିରଞ୍ଚି ନାରାୟଣ ପାତ୍ର, ବାବୁ ଚୌଧୁରୀ ଏବଂ ଅମୁ ଦାସ ପ୍ରମୁଖ କର୍ତ୍ତା ଦାଇତ୍ୱ ତୁଲାଉଛନ୍ତି । ଆସନ୍ତା କାଲି ତଥା ଶୁକ୍ରବାର ଦିନ ରତ୍ନମୁଦ, ୧୦୮ ହନୁମାନ ଚଳିଶା ପାଠ ଅନୁଷ୍ଠିତ ହେବ। ଏଥିସହ ଶନିବାର ଅଷ୍ଟପ୍ରହରୀ ନାମ ଯଜ୍ଞ ଆରମ୍ଭ, ବିଗ୍ରହ ମହାସ୍ନାନ, ବିଗ୍ରହ ଜୀବନନ୍ୟାସ, ହୋମ ଅରୋତୀ ଏବଂ ଶେଷ ଦିନ ରବିବାର ନବଯୌବନ ଦର୍ଶନ, ସିଂହାସନ ପ୍ରତିଷ୍ଠା, ପୂର୍ଣ୍ଣାହୂତି, ପୁଷ୍ପାଜଳି, ସାମହିକ ପ୍ରସାଦ ସେବନ ଓ ବୌଷ୍ଣବବିଦାୟ ହେବ ବୋଲି ସୂଚନା ରହିଛି । ଏହି ଅବସରରେ ମନ୍ଦିର ନିକଟରେ ପୂଜା କମିଟି ପକ୍ଷରୁ ମୀନା ବଜାର ବ୍ୟବସ୍ଥା କରାଯାଇଛି।

# ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

ଜୟପୁର, ୬ ।୩ (ସମିସ): କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ଆସନ୍ତା ଦିନରେ ଜୟପୁର ଠାରେ ୨୫୧ କୁଣ୍ଡୀୟ ଗାୟୀତ୍ରୀ ମହାଯଜ୍ଞ କାର୍ଯ୍ୟକ୍ରମ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଗାୟତ୍ରୀ ପରିବାର ପ୍ରଭାରୀ ବାଲ୍ମୀକି ପ୍ରଧାନଙ୍କ ଆହ୍ୱାନ କ୍ରମେ ବୋରିଗୁମ୍ମାସ୍ଥିତ ଗୁରୁ କୃପା ବାସଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ପଡୋଶୀ ଛତିଶଗଡ ରାଜ୍ୟ ସୁକମା ବିଧାନସଭା ମଣ୍ଡଳିର ବିଧାୟକ କାୱାସି ଲାଛମା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଜୋନ ପ୍ରଭାରୀ ସୋମିତ୍ରି ଥନପତୀ ଉପସ୍ଥିତ ଥିଲେ। ଜୟପୁର ସହରରେ ଏହି ମହାଯଜ୍ଞ ଆୟୋଜନ ନେଇ ନିଷ୍ପତି ହୋଇଛି। ଏହାର ମୁଖ୍ୟ ପରିଚାଳନା ଦାୟିତ୍ୱ ଜୟପୁର ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି ବ୍ୟବସ୍ଥାପକ ଅନିଲ ଦାସ, ସମ୍ପାଦକ ଗୋପାଳ ପାତ୍ର , ବ୍ଲକ ସମନ୍ୱୟ ଶକ୍ତିପୀଠର କୋଷାଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହି, ଜିଲ୍ଲା ସମନ୍ୱୟ ସୁଶ୍ରି ରତ୍ନମ୍ବରା ପାତ୍ର , ପ୍ରଜ୍ଞାନ ମିଶନର ସଂଯୋଜକ ନିରଞ୍ଜନ ପାଣିଗ୍ରାହି , ସତ୍ୟ ନାରାୟଣ ପାତ୍ର , ସୁରେଶ ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ ଅନ୍ୟାନ୍ୟ ଆଞ୍ଚଳିକ ଏବଂ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




ରାମନାଗୁଡ଼ା,୬।୩(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଠାରେ ୨୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବତନ ଜିଲ୍ଲା ବୌଦ୍ଧିକ ପ୍ରମୁଖ ଡ.ଗଣେଶ ମାଳି, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ପାରୀକ୍ଷିତି ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ରାୟଗଡା ଜିଲ୍ଲା ସହ ଜିଲ୍ଲା ପ୍ରମୁଖ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ବରିଷ୍ଠ ସମାଜସେବୀ ଗଗନ ବିହାରୀ ଆଚାର୍ଯ୍ୟ, ସଭାପତି ରବି ପ୍ରସାଦ ସାହୁକାର, ସମ୍ପାଦକ ଅଜିତ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସିନ ଅତିଥି ମାନେ ଅନୁଷ୍ଠାନ ର ଉନ୍ନତି ସହ କଳା ସଂସ୍କୃତି ଓ ସଂସ୍କାର ଉପରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଜିତ କୁମାର ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ଶିଶୁ ବିଦ୍ୟା ମନ୍ଦିରରେ ଥିବା ସମସ୍ୟାକୁ ଅତିଥିଙ୍କ ସମ୍ମୁଖରେ ଉପସ୍ଥାପନା କରିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷ ଶ୍ରୀ ଗମାଙ୍ଗ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପି. ବେଣୁ ଗୋପାଳ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା



ବିଷମକଟକ, ୬।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବନ ବିଭାଗ ତରଫରୁ ଆଜି ବିଷମ କଟକ ବନଖଣ୍ଡ ଅଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ନିମନ୍ତେ ଏକ ମଟର ସାଇକଲ ରାଲି ଅନୁଷ୍ଠିତ ହୋଇଛି। ବିଷମ କଟକ ବନପାଳ ହେମ ବେହେରାଙ୍କ ନେତୃତ୍ୱରେ ରାଲିର ଶୁଭାରମ୍ଭ ହୋଇଛି। ମଟର ସାଇକଲ ରାଲି ବିଷମ କଟକ ରାୟଗଡ଼ା ରୋଡସ୍ଥିତ ପେଟ୍ରୋଲ ପମ୍ପ ଠାରୁ ବାହାରି କାଙ୍କୁବାଡି ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ଗାଁକୁ ଯାଇ ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କରିଛନ୍ତି। ପର୍ଯ୍ୟାୟକ୍ରମେ ଏହି ମଟର ସାଇକଲ ରାଲି ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଯାଇ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା, ମୂଲ୍ୟବାନ ଜଙ୍ଗଲରେ ନିଆଁ ନ ଲଗାଇବା, ପୋଡୁଚାଷ କାର୍ଯ୍ୟରେ ଦୂର ରହିବା ନେଇ ଲୋକଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ମଟର ସାଇକଲ ରାଲିରେ ବନପାଳ ଗରି ପ୍ରଧାନୀ, ବନରକ୍ଷୀ ଗିତାଞ୍ଜଳି ବଡଜେନା, ପ୍ରଭାତ କୁମାର ବେହେରା, ସୁମିତ୍ରା ସାହୁ, ଗଜସାଥି, "ପି" ଏନ୍‌ଜିଓ କ୍ଷେତ୍ର କର୍ମଚାରୀ ବିଘ୍ନରାଜ ମିଶ୍ର ଏବଂ ଗ୍ରାମବାସୀ ଭାଗ ନେଇଥିଲେ।

## ବଣ୍ଡାଘାଟିରେ ଆବାସ ଯୋଜନା ଦୁର୍ନୀତି

# ଖଇରପୁଟ ବ୍ଲକ୍ ପ୍ରଶାସନ ଚୁପ୍ କାହିଁକି ?

ଖଇରପୁଟ,୬ ।୩(ସମିସ):



ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅଧୀନ ବଣ୍ଡାଘାଟି ଅଞ୍ଚଳରେ ଆବାସ ଯୋଜନାରେ ହୋଇଥିବା ବିପୁଳ ଅନିୟମିତତା ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଥିବା ବେଳେ ଏ ପର୍ଯ୍ୟନ୍ତ ସରକାରୀସ୍ତରରେ କେଉଁ ପଦକ୍ଷେପ ନିଆଯାଇଛି କିମ୍ବା ତଦନ୍ତ କେତେ ଆଗକୁ ବଢ଼ିଛି, ସେଥିପାଇଁ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସୁନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରଶ୍ନ ଉଠୁଥିବା ବେଳେ ଖଇରପୁଟ ବ୍ଲକ ପ୍ରଶାସନର ନୀରବତା ଉପରେ ସନ୍ଦେହ ମଧ୍ୟ ବଢୁଛି। ଖଇରପୁଟ ବ୍ଲକର ବଣ୍ଡାଘାଟି ଅଞ୍ଚଳର ମୁଦୁଲିପଡ଼ା ଓ ଅଣ୍ଡରାହାଲ ଦୁଇଟି ପଞ୍ଚାୟତ ପାଇଁ ମୋଟ ୧୧୪୯ଟି ଆବାସ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି ହୋଇଥିଲା। କିନ୍ତୁ ସରକାରୀ ରେକର୍ଡ ଅନୁଯାୟୀ ଏପର୍ଯ୍ୟନ୍ତ ମାତ୍ର ୧୬୦ଟି ଘର ସମ୍ପୂର୍ଣ୍ଣ ହୋଇଛି। ଅନ୍ୟାନ୍ୟ ଘର ଅଧାରେ ଅଟକି ରହିଛି କିମ୍ବା ଫାଉଣ୍ଡେସନ ଲେବେଲରେ ରହିଛି।ତଥାପି ଅଭିଯୋଗ ହେଉଛି ଯେ, ଚାରିଟି ପର୍ଯ୍ୟାୟରେ ବିପୁଳ ପରିମାଣର ଟଙ୍କା ଉଠାଯାଇଛି। ଦୁଇଟି ପଞ୍ଚାୟତର ମୋଟ ୩୧ଟି ଗ୍ରାମରେ ପ୍ରାୟ ୧୦୦୦ରୁ ଅଧିକ ଘର ମଞ୍ଜୁରି ମିଳିଥିଲା। କିନ୍ତୁ ଅନେକ ସ୍ଥାନରେ ଘର ନିର୍ମାଣ କାମ ଫାଉଣ୍ଡେସନ ଲେବାଲରେ ରହିଥିବା ସତ୍ତ୍ୱେ ଏକ ଘରର ଫଟୋକୁ ଅନ୍ୟ ଘର ଭାବେ ଦେଖାଇ ବିଲ କରି ଟଙ୍କା ଉଠାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅନିୟମିତତାରେ କିଛି ବ୍ଲକ କର୍ମଚାରୀ, ଠିକାଦାର ଓ ପଞ୍ଚାୟତ ସ୍ତରର

### କେବେ ହେବ ତଦନ୍ତ

କର୍ମଚାରୀ ଜଡିତ ଥିବା ନେଇ ମଧ୍ୟ ଚର୍ଚ୍ଚା ଚାଲିଥିଲା। ବିଶେଷକରି ପଞ୍ଚାୟତ ଡିଇଓ ଓ ଠିକାଦାରଙ୍କ ଭୂମିକାକୁ ନେଇ ଅଞ୍ଚଳରେ ଅନେକ ପ୍ରଶ୍ନ ଉଠିଥିଲା। ଘଟଣାଟି ସାମ୍ନାକୁ ଆସିବା ପରେ ଜିଲ୍ଲାପାଳଙ୍କ ଦ୍ୱାରା ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ ମଧ୍ୟ କରାଯାଇଥିବା କୁହାଯାଉଛି। କିନ୍ତୁ ଏତେ ଦିନ ହେଲେ ମଧ୍ୟ ବଣ୍ଡାଘାଟି ଅଞ୍ଚଳରେ ଭିଜିଲାନ୍ସ କିମ୍ବା କୌଣସି ସ୍ପଷ୍ଟ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇନଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି। ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ବଣ୍ଡାଘାଟିରେ ଆବାସ ଯୋଜନା ଦୁର୍ନୀତି ତଦନ୍ତ କେଉଁଠି ପହଞ୍ଚିଲା। ସତ୍ୟ ସାମ୍ନାକୁ ଆଣିବାକୁ ପ୍ରଶାସନ କେବେ ପଦକ୍ଷେପ ନେବ। ଏହି ମାମଲାକୁ ମଧ୍ୟ ଚାପି ଦେବାକୁ ଚେଷ୍ଟା ଚାଲିଛି କି ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବଣ୍ଡା ଅଞ୍ଚଳ ଭଳି ପଛାପଡ଼ା ଅଞ୍ଚଳରେ ଗରିବ ଓ ଆଦିବାସୀ ପରିବାରମାନଙ୍କ ପାଇଁ ଆସୁଥିବା ଆବାସ ଯୋଜନାରେ ଏପରି ଅନିୟମିତତା ଘଟିଥିବା ଘଟଣା ସମଗ୍ର ଜିଲ୍ଲା ପ୍ରଶାସନ ପାଇଁ ଏକ ଗଭୀର ପ୍ରଶ୍ନ ସୃଷ୍ଟି କରିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି। ବର୍ତ୍ତମାନ କାଗଜପତ୍ରରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ ହେବ ବୋଲି ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ପ୍ରକାଶ କରିଛନ୍ତି।

# ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ

ଗୁଣୁପୁର,୬।୩(ସମିସ): ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବ୍ଲକ ସ୍ତରୀୟ ଏଚ୍‌ପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଭାରତ ଓ ଓଡ଼ିଶା ସରକାରଙ୍କ ସଂଯୁକ୍ତ ପ୍ରଚେଷ୍ଟାରେ ଏହି ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ଗୁଣୁପୁର ପୌର ଅଧକ୍ଷା ମମତା ଗୌଡ ଓ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ସେମାନେ ଏହି ଟୀକାକରଣ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗୁଣୁପୁର ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ ରୁ ୧୫ ବର୍ଷ ବୟସର ଝିଅମାନଙ୍କୁ ଏହି ଟୀକା ପ୍ରଦାନ କରାଯାଉଛି। ଝିଅମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜରାୟୁ ଗ୍ରିବା କର୍କଟ ରୋଗରୁ ସୁରକ୍ଷା ପାଇଁ ଏହି ଏଚ୍‌ପିଭି ଟୀକାକରଣ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରସୂତି ବିଭାଗର ଡାକ୍ତର ପ୍ରଦୀପ କୁମାର ପଣ୍ଡା ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୁଷମା ପ୍ରସାଦ ଉପସ୍ଥିତ ଥିଲେ। ସେମାନେ ଟୀକାକରଣ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଲ୍ୟାଣସିଂହପୁର,୬।୩(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜିଲ୍ଲା ଓ ବ୍ଲକ ପ୍ରଶାସନର ମିଳିତରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ୬୩ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୩୩ ଉପସ୍ଥିତ ରହିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ଯଥା ଦୃଷ୍ଟି ଶକ୍ତି ବାଧିତ ଡାକ୍ତର ସୋନାଲି ମାର୍ଗରେଟ ରୟ , ଶ୍ରବଣ ଶକ୍ତି ଡାକ୍ତର ସଂଘମିତ୍ରା ପାତ୍ର , ବାକ ଶକ୍ତି ଡାକ୍ତର ସୁପ୍ରଭା ପଣ୍ଡା , ବୌଦ୍ଧିକ ଅକ୍ଷମତା ଡାକ୍ତର ରାକେଶ ରଞ୍ଜନ ପାଢ଼ୀ, ଅସ୍ଥିଶଲ୍ୟ ଡାକ୍ତର ଏଲ କେ ସ୍ୱାମୀ, ଡାକ୍ତର ଜଗନ୍ନାଥ ନାୟକ ସ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିଥିଲେ। ସେଥରୁ ଜଣଙ୍କୁ ହୁଇଲ ଚେୟାର ଓ ୧୧ଜଣଙ୍କ ଆଧାର ସଂଶୋଧନ ବାଣୀଶ୍ରୀ ପାଇଁ ୫ ଆବେଦନ କରିଥିବା ଜଣାପଡିଛି। ପୁଲିସ ବିଭାଗ ମଧ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଜିଲ୍ଲା ଭିନ୍ନକ୍ଷମ ସଂଘର ସଭାପତି ଶିଶିର କୁମାର ରାଉତ, ସମ୍ପାଦକ ଅମରେନ୍ଦ୍ର ନାଥ, ଓଡିଶା ବିକଳାଙ୍ଗ ମଞ୍ଚ ଜିଲ୍ଲା ସମ୍ପାଦକ ଜଳନ୍ଧର ବାଚେଲି ଓ ବ୍ଲକ ସଭାପତି ତାରକେଶ ନିଶିକା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଂ ସାମନ୍ତ ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

● ଜିଲ୍ଲାସ୍ତରୀୟ ସମ୍ମିଳନୀ

# 'ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରାଯାଉଛି'

ନବରଙ୍ଗପୁର,୬।୩(ସମିସ୍): ନବରଙ୍ଗପୁର କଲେଜ ମୁଖ୍ୟ ରାସ୍ତା ସ୍ଥିତ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ୨୦୨୫-୨୬ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଅନ୍ୟ ଅତିଥି ଭାବେ ସିଡିଏମ୍‌ଓ ଡ. ମଳୟ ପ୍ରଧାନ , ଏଡିପିଏଚଓ ଡ. ମଳୟ ତ୍ରିପାଠୀ, ଡ. ସୁକାନ୍ତ ଶତପଥୀ, ଡିଇଓ ଛତ୍ରପତି ସାହୁ, ଡିଏସଡବ୍ଲୁଓ ଦ୍ରୌପଦୀ କହଁର ,ଡିପିଏମ (ଏନ୍‌ଏଚଏମ) ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଗ୍ରାମ ସ୍ତରରେ କାର୍ଯ୍ୟରତ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ମାନଙ୍କର ଅବଦାନକୁ ସମ୍ମାନିତ କରାଯାଇଥିଲା। ଏଡିପିଏଚଓ ଡ ମଳୟ ତ୍ରିପାଠୀ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ କହିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାର ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହଯୋଗ କରୁଥିବା ଆଶାକର୍ମୀଙ୍କ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କ ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଡ଼ ସ୍ୱାଇଁ ଜିଲ୍ଲାରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ ଉପରେ ଗୁରୁତ୍ୱ ଦେଇ ଆଶାକର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ୮୬୮ ଟି ଗାଁ କଲ୍ୟାଣ ସମିତି ଓ ୨୮୯ ଟି ଜନ ଆରୋଗ୍ୟ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଉଛି ବୋଲି ଜିଲ୍ଲାପାଳ ଡ଼ଃ ସ୍ୱାଇଁ କହିଛନ୍ତି। ୧୦ ଜଣ ଶ୍ରେଷ୍ଠ ଆଶାଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ, ୪୦ ଜଣଙ୍କୁ ବ୍ଲକ୍ ସ୍ତରୀୟ ଶ୍ରେଷ୍ଠ ଆଶା, ୧୦ଟି ଗାଁ କୁ ସୁସ୍ଥ ଗାଁ ,୧୦ଟି ଜନ ଆରୋଗ୍ୟ ସମିତି ଏବଂ ୯ ଟି ମହିଳା ଆରୋଗ୍ୟ ସମିତିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ସହ ସମ୍ମାନିତ କରାଗଲା। ସ୍ୱାସ୍ଥ୍ୟ ସଂସ୍ଥା ଗୁଡ଼ିକର ସ୍ୱଚ୍ଛତା ଓ ସେବା ଗୁଣବତ୍ତାକୁ ଦୃଷ୍ଟିରେ ରଖି ୧୪୫ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ କାୟକଳ୍ପ ପୁରସ୍କାର, ୪ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ଏନ୍‌କ୍ୟୁଏଏସ ମାନ୍ୟତା ଏବଂ ୬୦ ଶିକ୍ଷା ଅନୁଷ୍ଠାନକୁ ତମାଖୁ ମୁକ୍ତ ଅନୁଷ୍ଠାନ ଭାବେ ସମ୍ମାନିତ କରାଗଲା। ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶେଷ ହେଲା ଶ୍ରୀଜୀଉଙ୍କ ଦୋଳ ଯାତ୍ରା ଉତ୍ସବ

ନବରଙ୍ଗପୁର,୬।୩(ସମିସ) : ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶେଷ ହୋଇଛି ଶ୍ରୀଜୀଉଙ୍କ ଚଳିତ ୨୦୨୬ ବର୍ଷର ଦୋଳ ଯାତ୍ରା ବା ବିମାନ ଯାତ୍ରା ଉତ୍ସବ। ଆରମ୍ଭର ୪ର୍ଥ ଦିନରେ ହଲପୋଡ଼ି ନୀତି ସରିବା ପରେ ପଞ୍ଚମ ଦିନରେ ଇଂରାଜୀ ବର୍ଷ ୨୦୨୬-୨୭ର ନୂତନ ପଞ୍ଜିକା ପାଠ ହୋଇ ସରିବା ପରେ ହୋଲିର ରଙ୍ଗରେ ରଙ୍ଗିତ ହୋଇ ତାପରେ ଶେଷ ହୋଇଥିଲା ଶ୍ରୀଜୀଉଙ୍କ ଚଳିତ ବର୍ଷର ଦୋଳ ଯାତ୍ରା ଉତ୍ସବ। ନୀତି ପ୍ରକାରେ ଏହି ଦୋଳ ଉତ୍ସବ ପ୍ରତ୍ୟେକ ଦିନ ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ ହେଉଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟା ଆରତୀ ପରେ ଶ୍ରୀ ରାଧା କୃଷ୍ଣ ଙ୍କୁ ବିମାନ ଯୋଗେ ନିଆଯାଇ ପ୍ରଥାନୁସାରେ ପ୍ରଥମେ ରାଜାଙ୍କ ଘର ନିକଟରେ ଭୋଗ ଦିଆଯାଉଥିଲା। ଶ୍ରୀ ରାଧାକୃଷ୍ଣ ଭୋଗ ରାଜାଘର ଭୋଗ ଖାଇସାରିବା ପରେ ନଗର ପରିକ୍ରମାରେ ବାହାରୁ ଥିଲେ। ଏହି ପରିକ୍ରମାରେ ପ୍ରଥମ ଦିନରେ ନୂଆ ବନ୍ଧୁଧ ସାହି ଛକ ପର୍ଯ୍ୟନ୍ତ ଯାଇଥିବା ବେଳେ ଦ୍ୱିତୀୟ ଦିନରେ ସଂଖାରି ସାହି ଛକ , ତୃତୀୟ ଦିନ ଗୌଡ ସାହି ଛକ , ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ନଗର ପରିକ୍ରମାରେ ଯାଉଥିଲେ। ଏହି ଦୋଳ ଯାତ୍ରା ଚଳିତ ଫଗୁ ଦଶମୀ ପର ଦିନ ଅର୍ଥାତ୍ ଏକାଦଶୀ ଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ଯ୍ୟନ୍ତ ସମୁଦାୟ ୬ଦିନ ଧରି ଚାଲିଥିଲା। ୪ର୍ଥ ଦିନରେ ହଲପଡି ନୀତି ଓ ୫ମ ଦିନରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ନବରଙ୍ଗପୁର ରାଜପୁରୋହିତ ତଥା ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ତ୍ରିପାଠୀଙ୍କ ଦ୍ୱା ନୂତନ ପଞ୍ଜିକା ପୂଜାର୍ଚ୍ଚନା କରି ସାରିବା ପରେ ପାଠ କରାଯାଇଥିଲା । ଏହି ଦୋଳ ଯାତ୍ରାରେ ଶ୍ରୀ ଜଗନ୍ନାଥ ମନ୍ଦିର , ଶ୍ରୀ ହନୁମାନ ମନ୍ଦିର, ଶ୍ରୀ ଚୈତନ୍ୟ ମନ୍ଦିର , ଶ୍ରୀ ଗୁଣ୍ଡିଚା ମନ୍ଦିର ଏବଂ ବ୍ରାହ୍ମଣକାର୍ଜି ଘର ମିଶି ସମୁଦାୟ ୫ଗୋଟି ଦୋଳ ବିମା ରେ ବାହାରି ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମାରେ ବାହାରିଥାଆନ୍ତି। ଏହି ୫ଦିନର ଦୋଳ ଯାତ୍ରା ଉତ୍ସବରେ ନବରଙ୍ଗପୁର ଜିଲ୍ଲା ରାଜ ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ସମେତ ରଜେନ୍ଦ୍ର ତ୍ରିପାଠୀ , ଚିନୁ ଦାସ , ବୁନୁ ପୂଜାରୀ , ଗୌର ତ୍ରିପାଠୀ , ଜଗନାଥ ବ୍ରହ୍ମା , ଗୌର ତ୍ରିପାଠୀ , ଦାମ ପାତ୍ର ପ୍ରମୁଖ ପୂଜକ ଙ୍କ ସମେତ ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶକୁମାର ତ୍ରିପାଠୀ , ଉପ ସଭାପତି ଦୁର୍ଗା ତ୍ରିପାଠୀ" ଭବାନୀ ଶଙ୍କର ଶତପଥୀ , ତ୍ରୟ ନାଥ ତ୍ରିପାଠୀ , କାଳୀ କିଙ୍କର ପଟ୍ଟନାୟକ , ପପୁ ତ୍ରିପାଠୀ, ଭିକି ବାରିକ ,ସୁମିତ ପାଳ, ସତ୍ୟ ବେହେରା ,ରାଧାମୋହନ ହଡ଼ପ, ରାଜନ୍ ତ୍ରିପାଠୀ, ନବରଙ୍ଗପୁର ଆର ଆଇ ଲମ୍ବୋଦର ପ୍ରଧାନ, ସୁଧାକର ପାଢ଼ୀ , ଦିପୁ ତ୍ରିପାଠୀ, ଦେବୋତ୍ତର କର୍ମଚାରୀ ଗଣପତି ଗୌଡ, ମିନ ନାୟକ , ଚୈତନ୍ୟ ନାୟକ, ନରସିଂହ ବେହେରା ପ୍ରମୁଖଙ୍କ ସମେତ ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମସ୍ତ କର୍ମକର୍ତ୍ତା ସଭ୍ୟ ,ମାଳି ସମାଜର ବହୁ ସଭ୍ୟ, ଦେବୋତ୍ତର ବିଭାଗ କର୍ମଚାରୀ ଏବଂ ନବରଙ୍ଗପୁର ପୋଲିସ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ ଓ ପରିଚାଳନା କରିଥାନ୍ତି ବୋଲି ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମ୍ପାଦକ କୁନା ପାତ୍ର ସୂଚନା ଦେଇଛନ୍ତି।

# ଦୋଳପୂର୍ଣ୍ଣିମାରେ ଅଷ୍ଟପ୍ରହରୀ ନାମଯଜ୍ଞ

ଟିକିରି,୬।୩(ସମିସ): କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମରେ ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହରୀ ନାମସଂକୀର୍ତନ ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଟିକିରି ଜଗନ୍ନାଥ ମନ୍ଦିର ପରିସରରେ ଦୁଇଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦୋଳ ପୂର୍ଣ୍ଣିମା ଦିନ ଗ୍ରାମବାସୀମାନେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରି ପରସ୍ପରକୁ ଅବିର ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଅଞ୍ଚଳବାସୀ ସକ୍ରିୟ ଭାବେ ଯୋଗଦେଇ ରାଧା କୃଷ୍ଣ ଙ୍କ ବିମାନ କୁ ନଗର କୀର୍ତ୍ତନ କରି ବିଦାୟ ଦେଇଥିଲେ। ସାମୁହିକ ପ୍ରସାଦ ସେବନ ଓ ଭକ୍ତିସଙ୍ଗୀତରେ ଅଞ୍ଚଳଟି ଆଧାତ୍ମିକ ଭାବନାରେ ମଗ୍ନ ହୋଇଥିଲା। ଆୟୋଜକ ଭଜହରୀ ସଂକୀର୍ତ୍ତନ ମଣ୍ଡଳୀକୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ସେମିଳିଗଡ଼ା, ୬।୩(ସମିସ): ସେମିଳିଗୁଡା ସତ୍ୟ ନଗରବାସିନ୍ଦା ବିଶିଷ୍ଟ ବ୍ୟବସାୟୀ ନୀଳ ମାଧବ ପାତ୍ରଙ୍କ ମାତା ଶ୍ରୀମତୀ ସାବିତ୍ରୀ ପାତ୍ରଙ୍କ ୮୪ ବର୍ଷ ବୟସରେ ଦେହାନ୍ତ ହୋଇ ଯାଇଛି। ସୁନାବେଡାର ବ୍ୟବସାୟୀ ସ୍ୱର୍ଗତ ସ୍ୱର୍ଗତ ଭୋବନି ପାତ୍ରଙ୍କ ସହଧର୍ମିଣୀ ଶ୍ରୀମତୀ ପାତ୍ର ସ୍ୱାମୀଙ୍କ ମୃତ୍ୟୁ ପରେ ୫ ପୁଅ ୫ ଝିଅଙ୍କୁ ଲାଳନପାଳନ କରି ସମାଜରେ ପ୍ରତିଷ୍ଠିତ କରାଇ ପାରିଥିଲେ। ସେ ଜଣେ ଧର୍ମ ପରାୟଣା ମହିଳାଙ୍କ ଥିଲେ ଓ ଦୁଃଖୀରଙ୍କୀଙ୍କ ସେବା କରୁଥିଲେ। ଗତ କିଛିଦିନ ହେଲା ସେ ଅସୁସ୍ଥ ହୋଇ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରି ଫେରୁ ଇହଧାମ ତ୍ୟାଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇ ଥିଲା। ବଡପୁଅ ନୀଳ ମାଧବ ପାତ୍ର ମୁଖାଗ୍ନି ଦେଇଥିଲେ। ସାବିତ୍ରୀ ୨୧ନାତି ନାତୁଣୀ ଓ ଦୁଇ ଅଣ ନାତିନାତୁଣୀମାନଙ୍କୁ ଛାଡି ଯାଇଛନ୍ତି। ତାଙ୍କ ମୃତ୍ୟୁରେ ସେମିଳିଗୁଡା ଓ ସୁନାବେଡ଼ାରେ ଶୋକର ଛାୟା ଖେଳିଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ କଚାଗୁଡ଼ା ଗ୍ରାମବାସୀ

## ପକ୍କା ରାସ୍ତା, ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଦାବି



ପୋଡ଼ାଗଡ଼,୬ ।୩(ସମିସ): ଦେଶ ସ୍ୱାଧୀନ ହେବାର ୭୮ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଲୋକ ପାଇ ପାରୁନାହାନ୍ତି ମୌଳିକ ସୁବିଧା। ଦେଶ ସ୍ୱାଧୀନତା ଠାରୁ ଅନେକ ସରକାର ବଦଳିଲେ। ଲୋକଙ୍କ ସମସ୍ୟା ଦୂର କରିବାକୁ ପ୍ରତିଶୃତି ଦେଇ କ୍ଷମତାରେ ଆସିଥିଲେ। ଲାକେ ଆଶା ଭରସା କରି ଭୋଟ ଦେଉଛନ୍ତି। କିନ୍ତୁ କ୍ଷମତାକୁ ଆସିଲା ପରେ ପ୍ରତିଶୃତି ସେମିତି ରହିଯାଏ। କିନ୍ତୁ ମୌଳିକ ସୁବିଧା ତଥା ସ୍ୱାସ୍ଥ୍ୟ, ଶିକ୍ଷା ପାନୀୟ ଜଳ ଗମନାଗମନ ସୁବିଧା ଯୋଗାଇ ଦେବାରେ ବିଫଳ ହେଇଛନ୍ତି ସରକାର। କୋରାପୁଟ ଜିଲ୍ଲାରେ ଏଭଳି ଏକ ଗ୍ରାମ ଅଛି ଯାହାର ଗ୍ରାମବାସୀ ମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକ ଫୁଲବେଡା ପଞ୍ଚାୟତରେ ରହିଛି କଚାଗୁଡ଼ା ଗ୍ରାମ। ସମୁଦାୟ ଏଠାରେ ୨୨ ଘରର ଲୋକମାନେ ବସବାସ କରୁଛନ୍ତି। ଏଠାରେ ରହିଥିବା ନଳକୂପରୁ ମାଟିଆ ରଙ୍ଗର ପାଣି ବାହାରୁଥିବା କାରଣରୁ ପିଇବା ଯୋଗ୍ୟ ନୁହେଁ ବୋଲି ଗ୍ରାମର ଈଶ୍ୱର ସାଉଁତା କହିଛନ୍ତି। ପଞ୍ଚାୟତ ସଦର ମହକୁମାକୁ ଯିବାକୁ ଆଜି ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରାଯାଇ ନାହିଁ। ଯଦ୍ୱାରା ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଏବଂ ସ୍କୁଲ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଧାୟକଙ୍କ ଠାରୁ ଆରମ୍ଭ କରି ସରପଞ୍ଚଙ୍କୁ ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ସେ କହିଛନ୍ତି। ଝିଲକିବେଡାରେ ଥିବା ସ୍କୁଲକୁ ଗ୍ରାମର ୮ ଜଣ ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ୫ ଜଣ ଶିଶୁ ଯାଉଛନ୍ତି। ଗ୍ରାମରୁ ଝିଲକିବେଡା ୪ କିମି ଦୂରତା ରହିଛି। ଏହି ଛାତ୍ରଛାତ୍ରୀ ଏବଂ ଶିଶୁ ମାନେ ଅନେକ କଷ୍ଟ ସ୍ୱୀକାର କରି ପାଠ ପଢ଼ିବାକୁ ଯାଉଛନ୍ତି। ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି । କିନ୍ତୁ ଗ୍ରାମରେ ବିଜୁଳି ଆଲୁଅ ଦେଖୁନାହିଁ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲା ପ୍ରଶାସନ ଆମ୍ଭର ସମସ୍ୟାକୁ ଯଥାଶୀଘ୍ର ସମାଧାନ କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ଗ୍ରାମରେ ସବୁଦିନିଆ ରାସ୍ତା ନାହିଁ। ଭିବି ଜି ରାମ ଜି ଯୋଜନାରେ ରାସ୍ତା ନିର୍ମାଣ କରାଯିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର କହିଛନ୍ତି। ଗ୍ରାମରେ ରହିଥିବା ନଳକୂପ ଦୁଇ ଦିନ ମଧ୍ୟରେ ସଫା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମରେ ବିଦ୍ୟୁତ୍‌କରଣ କରିବା ପାଇଁ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇ ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଚୋରା ଦେଶୀ ମଦ ଜବତ

ନବରଙ୍ଗପୁର,୬।୩(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡୀଙ୍ଗା ଥାନା ଅର୍ନ୍ତଗତ, ବଡମସି ଗାଁ ଗ୍ରାମରେ ଚଢ଼ଉ କରାଯାଇ ଗଦାଧର କୁମ୍ଭାରଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଏବଂ ୩ ଲିଟର ୬୨୦ ମିଲି ଲିଟର ଆଇଏମ୍‌ଏଫ୍‌ଏଲ ଜବତ କରାଯାଇଛି। ନବରଙ୍ଗପୁର ଅବକାରୀ ଥାନା ପିଆର ନଂ - ୧୩୩/୨୦୨୫-୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ନବରଙ୍ଗପୁର ଏସଡିଜେଏମଙ୍କ ଅଦାଲତରେ ହଜାର କରାଯାଇଛି। ଏହି ଚଢ଼ଉ ସମୟରେ ରିସମା ସୁନା ଓ ଆକ୍ରମ ଖାନ ସହଯୋଗ କରିଥିଲେ ବୋଲି ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି।

# ଭିବି ଜି ରାମ ଜି ସଚେତନତା କାର୍ଯକ୍ରମ

ନାରାୟଣପଟଣା, ୬।୩ (ସମିସ): ଆଜି ନରାୟଣପାଟଣା ବ୍ଲକ କାର୍ଯାଳୟ ଠାରେ ସରକାରଙ୍କ ବିକଶିତ ଭାରତ ଜି ରାମ ଜି ସଚେତନ କାର୍ଯକ୍ରମ ଆୟୋଜନ କରାଯାଇଥିଲା। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ମନରେଗା କୋଡିନେଟର ରଶ୍ମିତା ଦାଶ, ବ୍ଲକ ଉପାଧ୍ୟକ୍ଷା ରିନୁ ଦାଶ, ଜିଲ୍ଲାପରିଷଦ ସଭ୍ୟା ରାମ୍ବ ଶିରିକା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ସମସ୍ତ କାର୍ଯ ନିର୍ବାହୀ ଅଧିକାରୀ, ସମସ୍ତ ଏ ଡି ଓ , ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରମୂଖ ଉପସ୍ଥିତ ଥିଲେ। ପୂର୍ବରୁ ମନରେଗା ଯୋଜନା ଅଧିନରେ ଚାଲିଥିବା ସମସ୍ତ କାର୍ଯଗୁଡିକୁ ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା। ସରକାର ଏହି ଯୋଜନା ବନ୍ଦ କରି ନୂତନ ଯୋଜନା ବିକଶିତ ଭାରତ ଜୀ ରାମ ଜୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ସରକାର ଏହି ଯୋଜନା ମାଧ୍ୟମରେ ୨୦୪୭ ସୁଧା ଭାରତକୁ ଏକ ବିକଶିତ ଭାରତ ଭାବେ ଗଢିତୋଳିବାକୁ ଚେଷ୍ଟା କରୁଛନ୍ତି।

# ଏଚ୍‌ପିଭି ଟୀକାକରଣ ଶୁଭାରମ୍ଭ

ପଦ୍ମପୁର,୬।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ଜରାୟୁ କର୍କଟ ନିରାକରଣ ନିମନ୍ତେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ଫିତା କାଟି ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିନ୍ମୟ ସାମଲ, ବିପିଓ ମନୋଜ ପଣ୍ଡା, ଜୟଦେବ ଲିମାଲ୍ ପୁରି, ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ରଥଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ। ଏହି ମହତ୍ ଅଭିଯାନରେ ସମସ୍ତ ୧୪ ବର୍ଷର ବାଳିକାଙ୍କୁ ଗାଡାସିଲ୍ -୪ ଟିକାର ଗୋଟିଏ ଡୋଜ୍ ଦିଆଯିବ। ଆଜି ୧୮ ଜଣ ବାଳିକାଙ୍କୁ ଟିକା ଦିଆଯାଇଥିଲା। ଏହି ମହତ୍ ଅଭିଯାନ ଦ୍ୱାରା ସଂପୂର୍ଣ୍ଣ ମାତୃଜାତି ମାରାତ୍ମକ ରୋଗରୁ ମୁକ୍ତି ପାଇବେ ବୋଲି ଡାକ୍ତର ସାମିଲ ମତବ୍ୟକ୍ତ କରିଥିଲେ।

● ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ

## ୩୬ ଆଶାକର୍ମୀଙ୍କୁ ମାନପତ୍ର ପ୍ରଦାନ



ରାୟଗଡ଼ା,୬।୩(ସମିସ): ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆଜି ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ସରୋଜିନୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ା ଡା ପି କେ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୁମା ମହାପାତ୍ର, ଅଧିକ୍ଷକ ଉପଖଣ୍ଡ ଚିକିତ୍ସାଳୟ ଡ. ଶ୍ରୀକାନ୍ତ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. କିଶୋର କୁମାର ବରାଇ , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଶ୍ୟାମ ଚରଣ ଗୁରୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ମମତା ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ୍ତ କୁମାର ସୁବୁଦ୍ଧି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମମତା ସାହୁ, ଆଡମିନିଷ୍ଟ୍ରେଟିଭ ଅଫିସର ସୁଶ୍ରୀ ଅଞ୍ଜଳିତା କାର୍ଜି ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ। ଆଶା ସଂଯୋଜିକା ରାଜଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆଶାକର୍ମୀଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରଦର୍ଶନ ପୂର୍ବକ ଏହି କାର୍ଯ୍ୟକ୍ରମ ଅବସରରେ ରାୟଗଡ଼ା ଜିଲ୍ଲାର ୧୧ ଟି ବ୍ଲକ ତଥା ସହରାଞ୍ଚଳ ରାୟଗଡ଼ା ଏବଂ ଗୁଣୁପୁରରେ ମୋଟ ୩୬ ଜଣ ଆଶାକର୍ମୀଙ୍କୁ ଶ୍ରେଷ୍ଠ ଆଶା ଭାବେ ମାନପତ୍ର ପ୍ରଦାନ କରାଯିବା ସହିତ ପୁରସ୍କୃତ କରାଯାଇଥିଲା । ୨୭ ମହିଳା ଆରୋଗ୍ୟ ସମିତି, ୧୧ ଗ୍ରାମ କଲ୍ୟାଣ ସମିତି ଏବଂ ୪୮ ଜନ ଆରୋଗ୍ୟ ସମିତିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସ୍ୱାସ୍ଥ୍ୟ ସେବାରେ ଜାତୀୟ ଗୁଣବତ୍ତା ରକ୍ଷା କରି ଏନକ୍ୟୁଏସ ମାନପତ୍ର ଲାଭ କରିଥିବା ୧୦ଟି ସ୍ୱାସ୍ଥ୍ୟ ଉପ କେନ୍ଦ୍ରକୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ଆଶାକର୍ମୀଙ୍କ ସମେତ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମଚାରୀ ଉପସ୍ଥିତ ରହିଥିଲେ।

## ରାୟଗଡ଼ା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ରାୟଗଡା, ୬।୩(ସମିସ): ରାୟଗଡା ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଦେଶରେ ସରକାରୀ ବିଦ୍ୟାଳୟ ଗୁଡିକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରି ଜାତୀୟ ଶିକ୍ଷାନୀତିକୁ ସଫଳ ରୂପାୟନ କରିବା, ଭିତ୍ତିଭୂମି, ଆନୁସଙ୍ଗିକ ବିକାଶ ସମାବେଶୀ ବିଦ୍ୟାଳୟ ପରିବେଶ ସୃଷ୍ଟି ଓ ଏକବିଂଶ ଶତାବ୍ଦୀ ଉପଯୋଗୀ କୌଶଳ ଶିକ୍ଷା ପ୍ରଦାନ ଏହାର ଲକ୍ଷ୍ୟ ଏବଂ ଏହାର ପୂରଣ ଦିଗରେ ସଭିଏଁ ତତ୍ପର ହେବା ନିମନ୍ତେ ଜିଲ୍ଲାପାଳ କହିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ବରେଣ୍ୟ ଅତିଥି ରୂପେ ସହକାରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ସସ୍ମିତା ବେହେରା ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ ପ୍ରମୁଖ ଉପସ୍ଥିତ ଥିଲେ । "ବିଶ୍? ସ୍ତରୀୟ ପ୍ଲାଟଫର୍ମରେ ଅଂଶ ଗ୍ରହଣ କରିବାର ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ୪୫ଟି ଷ୍ଟଲ୍ ମାଧ୍ୟମରେ ଆକାଂକ୍ଷା ମେଳା, ଛାତ୍ର ପରିଷଦ, ଦୋକାନ ଯାତ୍ରା ସହ ବୃତ୍ତିଗତ ଶିକ୍ଷା, ଯାଦୁପେଡ଼ି ,ପଢିବା- ଗଢ଼ିବା ଆଦି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶନୀରେ ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ଶିକ୍ଷଣୀୟ ଓ ଚିତ୍ତାକର୍ଷକ ଥିଲା । ଶେଷରେ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । "୧୧ ଗୋଟି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ପ୍ରଥମ ପର୍ଯ୍ୟାୟରେ ପିଏମଶ୍ରୀ ଘୋଷିତ ଏଗାର ଗୋଟି ବ୍ଲକର ପନ୍ଦରଟି ବିଦ୍ୟାଳୟରୁ ୯୦୦ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ

## ଢେପାଗୁଡ଼ା ବାଳିକା ସେବାଶ୍ରମର ବାର୍ଷିକ ଉତ୍ସବ



ନାରାୟଣପାଟଣା,୬।୩ (ସମିସ): ଆଜି ନାରାୟଣପାଟଣା ବ୍ଲକ ଢେପାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସେବାଶ୍ରମ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ନାଗ, ଦେବବ୍ରତ ମିଶ୍ର, ମହେନ୍ଦ୍ର ଗାଣ୍ଟା, ଜୀବନ ଦାସ ଚଲାଣ, ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ,ଅଭିଭାବକ, ଅଭିଭବିକା,ଗଣମାଧ୍ୟମ ଏବଂ ସମସ୍ତ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯକ୍ରମରେ ପିଲାଙ୍କ ଭବିଷ୍ୟତ ଗଢିତୋଳିବା ବିଷୟରେ ସମସ୍ତଅତିଥି ନିଜରଅଭିଭାଷଣମତପ୍ରକାଶ କରିଥିଲେ। ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା ଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



ରାୟଗଡ଼ା,୬।୩(ସମିସ): ରାୟଗଡ଼ା ଉପଖଣ୍ଡ ପୁଲିସ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଆଜି ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର ଇଡ୍‌କୋ ପଡ଼ିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଯୋଗ ଦେଇ ଭର୍ଚୁଆଲ ମୋଡରେ ରାୟଗଡା ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଏବଂ ରାମନାଗୁଡ଼ା ନୂତନ ଥାନା ବିଲଡିଂର ଶୁଭ ଉଦଘାଟନ କରିଥିଲେ। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀଙ୍କ ସମେତ ସାଂସଦ ଏବଂ ଅନ୍ୟ ବିଭାଗୀୟ ମନ୍ତ୍ରୀ ମାନେ ଉପସ୍ଥିତ ରହିଥିଲେ। ରାୟଗଡା ଠାରେ ଏସଡିପିଓ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପୁଲିସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କ ସମେତ ସହରର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାମନାଗୁଡ଼ା ଥାନା ନୂତନ କୋଠାର ଶୁଭାରମ୍ଭ



ରାମନାଗୁଡ଼ା,୬।୩(ସମିସ): ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ବ୍ଲକରେ ନବନିର୍ମିତ ପୁଲିସ ଥାନା କୋଠାର ଶୁଭାରମ୍ଭ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଭର୍ଚୁଆଲ୍ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ ଧର ,ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ,ସାଂସଦ ପ୍ରତିନିଧି ଗାର୍ଜନା ପ୍ରସାଦ ରାଓ,ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା,ସିଡିପିଓ ଅଞ୍ଜଳି ମହାପାତ୍ର, ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ,ଜିଲ୍ଲା ପରିଷଦ ସଭ୍ୟ ଟାଙ୍ଗୁଡୁ ଶ୍ରୀଧର,ଭାଜପା ରାମନାଗୁଡ଼ା ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡା, ବିଜେଡି ବ୍ଲକ ସଭାପତି ବାତ୍ରୀ ମାଣ୍ଡାଙ୍ଗି, ସମାଜସେବୀ ଗଗନ ବିହାରୀ ଆଚାର୍ଯ୍ୟଙ୍କ ସମେତ ରାମନାଗୁଡ଼ା ଥାନା ଅଧିକାରୀ କିରଣ ବାଳା ସାମଲ, ଗୁଣୁପୁର ଥାନା ଅଧିକାରୀ କମଳକାନ୍ତ କହଁର, ପୁଟାସିଂ ଥାନା ଅଧିକାରୀ ବିଦ୍ୟୁଲତା ନାୟକ, ଗୁଡାରି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗ, ପଦ୍ମପୁର ଥାନା ଅଧିକାରୀ ଧରଣୀ ଧର ପ୍ରଧାନ, ଗୁମୁଡ଼ା ଫାଣ୍ଡି ଅଧିକାରୀ ବୀରେନ୍ଦ୍ର ରାୟ, କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଝସ କେତନ ସାହୁ, ରାମନାଗୁଡ଼ା ଥାନା ସେକେଣ୍ଡ ଅଫିସର ବାବୁଲା ପ୍ରଧାନ, ଏଏସଆଇ ଜଗନ୍ନାଥ ବେହେରା, ସମଦତ୍ତ ପ୍ରଧାନ, ଠାକୁର ଦାସ ଟୁଡୁଙ୍କ ସହ ପୋଲିସ କର୍ମଚାରୀ,ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଥାନା ପରିସରରେ ଉପସ୍ଥିତ ରହି ଭର୍ଚୁଆଲ୍ କାର୍ଯ୍ୟକ୍ରମକୁ ଦେଖିଥିଲେ। ରାୟଗଡା ଜିଲ୍ଲା ରାମନାଗୁଡ଼ାରେ ଥିବା ଏହି ନବ ନିର୍ମିତ ପୋଲିସ ଥାନା କୋଠାକୁ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ନୂତନ ପୋଲିସ ଥାନା କୋଠା ନିର୍ମାଣ ହେବାରେ ଥାନାର କାର୍ଯ୍ୟପ୍ରଣାଳୀ ଆହୁରି ସୂଚାରୁ ଭାବେ ଚାଲିପାରିବ ବୋଲି ଅଧିକାରୀମାନେ କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ କୁ ରାମନାଗୁଡ଼ା ଥାନାର ପୋଲିସ କର୍ମଚାରୀ, ଗୃହରକ୍ଷୀ, ଗ୍ରାମରକ୍ଷୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଲିବର୍ଟି ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ



ନନ୍ଦପୁର,୬।୩ (ସମିସ): ନନ୍ଦପୁର ବ୍ଲକର ପିଲାଙ୍କୁ ଇଂରେଜୀ ଶିକ୍ଷା ପ୍ରଦାନରେ ଲିବର୍ଟି ଇଂରାଜୀ ସ୍କୁଲର ବିଶେଷ ଅବଦାନ ରହିଛି ବୋଲି କହିଛନ୍ତି ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା । ବିଡ଼ିଓ ଶ୍ରୀ ଦୋରା ଲିବର୍ଟି ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନନ୍ଦପୁର ଭଳି ଏକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଇଂରାଜୀ ସ୍କୁଲ ସ୍ଥାପନ କରି କୁନିକୁନି ପିଲାଙ୍କୁ ଇଂରାଜୀ ଶିକ୍ଷା ପ୍ରଦାନ କରିବାରେ ୍ୟ ଲିବର୍ଟି ସ୍କୁଲର ଅତୁଳନୀୟ ଅବଦାନ ବୋଲି କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଅଧକ୍ଷା ଉର୍ମିଳା କୁଲଦୀପ ବାର୍ଷିକ ବିବରଣୀ ପାଠ କରି କରିଥିଲେ ଅନୁଷ୍ଠାନର ସଫଳତା ପାଇଁ ନନ୍ଦପୁର ବାସୀଙ୍କୁ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ନନ୍ଦପୁର ବ୍ଲକର ପ୍ରଥମ ମହିଳା ଶିକ୍ଷୟିତ୍ରୀ ଫୁଲମନି ବେନିଆ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି କାମେସ କାମୁଡି, ସାଂସଦ ପ୍ରତିନିଧି ଗୋପାଳ ମାଟାମ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ମାଲକାନଗିରିରେ ସାଇବର ଥାନା ଉଦ୍‌ଘାଟିତ

ମାଲକାନଗିରି,୬ ।୩(ସମିସ): ମାଲକାନଗିରି ଜିଲ୍ଲାରେ ସାଇବର ଓ ଅର୍ଥନୈତକ ଅପରାଧ ଥାନାର ଉଦ୍‌ଘାଟନ ହୋଇଯାଇଛି। ସାରା ରାଜ୍ୟରେ ଆଜି ବିଭିନ୍ନ ସ୍ଥାନରେ ଏହି ଥାନାକୁ ଭିଡିଓ କନ୍‌ଫରେନ୍ସ ଯୋଗେ ଉଦ୍‌ଘାଟନ କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ପୁରୁଣା ଥାନାରେ ଏହି ସାଇବର ଥାନାର ଆରମ୍ଭ କରାଯାଇଛି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦେଶର ଗୃହ ମନ୍ତ୍ରୀ ଅମିତ ସାହା, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଓ ଅନ୍ୟମାନେ ଥିବା ବେଳେ ମାଲକାନଗିରି ଜିଲ୍ଲାରେ ଆୟୋଜିତ ଏହି



ସାଇବର ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଏସପି ବିନୋଦ ପାଟିଲ ଏଚ, ଅତିରିକ୍ତ ଏସପି ଡିଆଇବି ରାଜକିଶୋର ଦାସ, ପୌର ପରିଷଦ ଉପଧକ୍ଷା କବିତା ମହନ୍ତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ସାଇବର ଅପରାଧ ବୃଦ୍ଧି ପାଇଛି, ପୂର୍ବରୁ ସାଧାରଣ ଥାନାରେ ଏହି ମାମଲା ରୁଜୁ ହୋଇ ତଦନ୍ତ ହେଉଥିବା ବେଳେ ଆଗାମୀ ଦିନରେ ସାଇବର ଥାନାରେ ଏହି ମାମଲା ଗୁଡିକ ରୁଜୁ ହୋଇ ଏହାର ସ୍ୱତନ୍ତ୍ର ତଦନ୍ତ କରିବାରେ ଏହି ଥାନା ସହାୟକ ହେବ ବୋଲି ଏସପି ଶ୍ରୀ ପାଟିଲ ସୂଚନା ଦେଇଛନ୍ତି।

## ହୀରାଖଣ୍ଡ ଏକ୍ସପ୍ରେସରୁ ମିଳିଲା ଯୁବକଙ୍କ ମୃତଦେହ

କୋରାପୁଟ,୬ ।୩(ସମିସ) ଭୁବେନେଶ୍ୱରରୁ କୋରାପୁଟ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କୋରାପୁଟ ରେଲୱେ ପୁଲିସ କୋରାପୁଟ ଷ୍ଟେସନ ଠାରେ ହୀରାଖଣ୍ଡ ଟ୍ରେନରୁ ମୃତଦେହ ଉଦ୍ଧାର କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତକ ହେଲେ ମନୀଷ ଦାସ। ତାଙ୍କ ଘର କଟକ କଣ୍ଟିଲୋ ଅନ୍ତର୍ଗତ ନୂଆବଜାର ଅଞ୍ଚଳରେ। ସୂଚନା ଅନୁସାରେ ମନୀଷ ରାୟଗଡା ଟିକିରିରେ କମ୍ପାନୀ ଚାକିରି କରୁଥିଲେ। ଭୁବନେଶ୍ୱରରୁ ଗୁରୁବାର ହୀରାଖଣ୍ଡ ଏକ୍ସପ୍ରେସରେ ୩ ଜଣ ସହଯୋଗୀଙ୍କ ସହ ଟିକିରି ଆସୁଥିଲେ। ଟିକିରି ଷ୍ଟେସନରେ ପହଞ୍ଚିବା ପରେ ତାଙ୍କ ସହଯୋଗୀ ମାନେ ତାଙ୍କୁ ଉଠାଇବାରୁ ସେ ଉଠି ନଥିଲେ। ପରେ ସେମାନେ ଟିଟିଙ୍କୁ ଜଣାଇ କୋରାପୁଟ ଷ୍ଟେସନ ପର୍ଯ୍ୟନ୍ତ ନେଇ ଆସିଥିଲେ। କୋରାପୁଟ ରେଳବାଇ ଡାକ୍ତରଙ୍କୁ ଷ୍ଟେସନକୁ ଡାକି ଯୁବକଙ୍କୁ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ମୃତ ବ୍ୟକ୍ତିଙ୍କ ପକେଟରୁ ମିଳିଥିବା ତଥ୍ୟ ଅନୁଯାୟୀ ପୁଲିସ ମୃତ ବ୍ୟକ୍ତିଙ୍କ ପରିବାରକୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପରିବାର ଲୋକେ କୋରାପୁଟ ଆସୁଥିବା ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ପରିବାର ଲୋକ ଆସିବା ପରେ ମୃତଦେହକୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଯିବ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ସେ ସୂଚନା ଦେଇଛନ୍ତି। ମାମଲା ରୁଜୁ କରି ଜିଆରପି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କର ହୃଦ୍‌ଘାତ ହୋଇଥିବା ସନ୍ଦେହ କରାଯାଉଛି।

## ଅନ୍ତର୍ଜାତୀୟ ମହିଳା ଦିବସରେ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ



ମାଲକାନଗିରି,୬ ।୩(ସମିସ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଷ୍ଟାଡିୟମ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ମୁନା ତୁରୁକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍, ପୋଷଣ ଏବଂ ମାନସିକ ସୁସ୍ଥତା ସକାଶେ ସାମୂହିକ ଯୋଗ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ସହ ବିଧାୟକ ନିଜେ ମହିଳା ମାନଙ୍କ ସହ ମିଶି ଯୋଗ ମଧ୍ୟ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ନିହାର ରାୟ, ଆୟର ପରିଷଦ ସାଂସଦ ପ୍ରତିନିଧି ବିଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ଗୁଣୁପୁର, ୬।୩(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ମହିଳା ସ୍ୱାସ୍ଥ୍ୟ: ସର୍ଭାଇକାଲ୍ କ୍ୟାନ୍ସର ପ୍ରତିରୋଧ ଏବଂ ଏଚ୍‌ପିଭି ଟିକାକରଣର ଭୂମିକା' ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଳମ୍‌ର କିମ୍ସ ହସ୍ପିଟାଲ୍‌ର ବିଶିଷ୍ଟ ଚିକିତ୍ସକ ଡା. ଡି. ହର୍ଷଭଲ୍ଲୀ ଏବଂ ଡା. ୱାଇ. ଭି. ଏଲ୍. ଭବାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସର୍ଭାଇକାଲ୍ କ୍ୟାନ୍ସର ସମ୍ପର୍କିତ ସଚେତନତା, ଏଚ୍‌ପିଭି ଟିକାକରଣର ଗୁରୁତ୍ୱ, ମାସିକ ସ୍ୱାସ୍ଥ୍ୟ, ପୋଷଣ, ମାନସିକ ସ୍ୱାସ୍ଥ୍ୟ ଓ ମହିଳାମାନଙ୍କ ସାମଗ୍ରିକ ସୁସ୍ଥତା ବିଷୟରେ ତଥ୍ୟବହୁଳ ଓ ଗଭୀର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କେ.ଏଲ୍. ବିଶ୍ୱବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଓ ନିର୍ଦ୍ଦେଶକ ପ୍ରଫେସର ଡ. ଜି.ଏଲ୍. ଦତ୍ତ , ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା , ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ ଏଏନ୍‌ଭିଜେ ରାଓ ଯୋଗ ଦେଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜକା ଡ. ରାଜେଶ୍ୱରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସହ-ସଂଯୋଜକା ନିତ୍ୟା ବି. ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ମହାବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ସଂସ୍କୃତି ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ ନର୍ସିଂ ଅଧ୍ୟକ୍ଷା ଟି ଜୟଶ୍ରୀ, ବେସିକ୍ ସାଇନ୍ସର ମୁଖ୍ୟ ପ୍ରତିଭା କର ସମେତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଲେଡିସ୍ କ୍ଲବ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ରାୟଗଡ଼ା, ୬।୩(ସମିସ): ଲେଡିସ୍ କ୍ଲବ, ରାୟଗଡା ଆନୁକୂଲ୍ୟରେ ଆଜି ଲଏନ୍ସ କ୍ଲବ ପରିସର ଠାରେ "ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬' ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମହିଳା ସଶକ୍ତିକରଣ ସହ ସଦସ୍ୟା ମାନଙ୍କ ମଧ୍ୟରେ ସହଭାଗିତାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନାଚକ୍ର କରାଯାଇଥିଲା। କ୍ଲବର ପ୍ରତିଷ୍ଠାତା ସଦସ୍ୟା ଶାନ୍ତିଲତା ଦେବ, ଅଳକା ଦାସ ଓ କେ ଶୋଭାରାଣୀ ଯୋଗ ଦେଇ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ମହିଳା ଦିବସ ପରିପ୍ରେକ୍ଷିରେ ପ୍ରତିଷ୍ଠାତା ସଦସ୍ୟା ମାନଙ୍କର କ୍ଲବ ପ୍ରତି ବିଶେଷ ଅବଦାନ କୁ ଦୃଷ୍ଟିରେ ରଖି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯକ୍ରମ ସମ୍ପାଦନ କରାଯାଇଥିଲା। ସମ୍ପାଦିକା ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷା ବୁରୁଡି ଲକ୍ଷ୍ମୀ ତଥା କ୍ଲବର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ। ସଦସ୍ୟା ମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


## ପ୍ଲାଷ୍ଟିକ୍ ପାଇପ୍ ଗୋଦାମରେ ଅଗ୍ନିକାଣ୍ଡ



ଚନ୍ଦ୍ରପୁର,୬।୩(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ମେଗା ପାଇପ୍ ଜଳ ଯୋଗାଣ ପାଇଁ ଇନ୍‌ଫ୍ରା କଂପାନୀ ଚନ୍ଦ୍ରପୁର ବ୍ଲକର ଢେପସାହି ଡାକ ବଙ୍ଗଳା ନିକଟରେ ଏଚ୍‌ଡିପିଆଇ ପାଇପ୍ ଗୁଡିକ ଗଦା କରିଥିଲା। ସେଠାରୁ ଗ୍ରାମ ଗାତ ଖୋଳି ପାଇପ୍ ବିଛାଉ ଥିଲା। କୌଣସି କାରଣରୁ ଅଚାନକ ପାଇପ ଗଦାରେ ନିଆଁ ଆସି ପାଇପ୍ ଜଳିବାରେ ଲାଗିଲା। ନିଆଁ ଭୀଷଣ ଜଳୁଥିବା ଦେଖି ସାହିବାସୀ ଅଗ୍ନିଶବ ବାହାନିକୁ ଖବର ଦେଇଥିଲେ। ଅଗ୍ନିଶମ୍ ବାହିନୀ ଘଟଣା ସ୍ଥଳକୁ ଆସି ନିଆ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଆଁ ଅଣାୟତ ହେବାରୁ ସାଙ୍ଗେ ସାଙ୍ଗେ ଗୁଡାରି ଓ ମୁନିଗୁଡା ଅଗ୍ନିଶମ୍ ବାହିନୀକୁ ଖବର ଦେଇଥିଲେ। ଗୁଡ଼ାରୀ ଓ ମୁନିଗୁଡା ଅଗ୍ନିଶମ୍ ବାହିନୀ ଘଟଣା ସ୍ଥଳକୁ ଆସି ନିଆଁ ଲିଭାଇ ନିଆଁକୁ ଆୟତ୍ତ କରିଥିଲେ। ଲକ୍ଷ ଲକ୍ଷ ଟଙ୍କାର ପାଇପ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳୁଛି।

# ଗୁଣୁପୁର ବାଇପାସ୍ ରାସ୍ତା ଅନ୍ଧାରରେ, ଲୋକେ ହନ୍ତସନ୍ତ

ଗୁଣୁପୁର,୬।୩(ସମିସ):



ଗୁଣୁପୁର ସହରର ଲାଇଫ୍ ଲାଇନ୍ କୁହାଯାଉଥିବା ବାଇପାସ୍ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ବହୁ ଦୁର୍ଘଟଣା ଘଟିବା ସହ ସାଧାରଣ ଲୋକଙ୍କ ଜୀବନ ହାନି ଘଟିଛି। ବହୁ ବାଦବିବାଦ ପରେ ରାୟଗଡା ଜିଲ୍ଲାପାଳ ଓ ଗୁଣୁପୁର ଉପଜିଲ୍ଲାପାଳ ଠିକାଦାର ଓ ପୂର୍ତ୍ତବିଭାଗକୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏବେ ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ସରିଯାଇଛି । ଫଳରେ ଗମନାଗମନ ବାଧାପ୍ରାପ୍ତ ହେଉନାହିଁ। କିନ୍ତୁ ରାତି ହେଲେ ପୁରା ବାଇପାସ୍ ରାସ୍ତା ଅନ୍ଧକାରମୟ ହେଇଯାଉଛି। ଫଳରେ ଯାନବାହାନ ଓ ଦୋକାନ ବଜାରର ଲାଇଟ୍ ଭରସାରେ ଲୋକେ ଯାତାୟାତ କରୁଛନ୍ତି। ବାଇପାସ୍ ଛକ ଠାରୁ ଆରମ୍ଭ କରି ବିକ୍ରମପୁର ପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ତାର ସଂଯୋଗ କରାଯାଇ ଲାଇଟ୍ ଗୁଡିକ ମଧ୍ୟ ଲଗା ଯାଇଥିବା ଦେଖିବାକୁ ମିଳୁଛି । କିନ୍ତୁ ରାତିରେ ଆଲୋକୀକରଣ କାହିଁକି କରାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ଆମେ ଗୁଣୁପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବିଦ୍ୟୁତ ବିଭାଗ ପକ୍ଷରୁ ଇନ୍ସପେକ୍ସନ୍ କରି କ୍ଲିୟରାନ୍ସ ଦେବା ପରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏ ନେଇ ଆମେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀକୁ ପଚାରିବାରୁ ସେ କହିଛନ୍ତି ଠିକାଦାର ପ୍ରଥମେ କ୍ଲିୟରାନ୍ସ ପୌର ପରିଷଦକୁ ଦେବେ। ଏହା ପରେ ପୌର ପରିଷଦ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ଆବେଦନ କରିବେ। ଏଭଳି ଅନେକ୍ ପ୍ରକ୍ରିୟା ବାକି ରହିଛି। ତାହା ପୂରଣ ହେବା ପରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।


## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଗୁଡାରୀ,୬।୩ (ସମିସ): ଗୁଡାରୀ ବ୍ଲକ୍ ଫେଡିଲି ପଞ୍ଚାୟତ ଡେପାଗୁଡ଼ା ଗ୍ରାମରେ ଆରକେପି -ଏସ୍କ କମିଟି ଦ୍ୱାରା ସବ୍ ଡିଭିଜନ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ ଜଣ ଟିମ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ଲାଉଗୁଡା ବନାମ ବାବୁଲା- ୧୧ ମଧ୍ୟରେ ଟକ୍କର ହୋଇଥିଲା । ଏଥିରେ ଲାଉଗୁଡା ବିଜେତା ଭାବେ ଘୋଷଣା କରାଯାଇଥିଲା । ବାବୁଲା -୧୧ (ସୌରାଗୁଡ଼ା) ଉପ ବିଜେତ ଭାବେ ଘୋଷଣା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଗୁଡାରୀ ବିଜୁ ଜନତା ଦଳର କେଦାର ସାହୁ, ଟୁନା ଗୌଡ଼, ଏମ.ପ୍ରସାଦ, ଦିଲ୍ଲପ ସାହୁ ବ୍ଲକ ଯୁବ ସଭାପତି ଜଗନ୍ନାଥ ଭାତ୍ରା ଉଜ୍ଜାପନ ଉତ୍ସବ ରେ ଯୋଗଦେଇ ଦୁଇ ଦଳକୁ ସମ୍ମାନିତ କରିଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆର କେ ପି -ଏସ୍କେ ଇଲେଭେନ କ୍ରିକେଟ୍ କମିଟି ଆୟୋଜନ କରିଥିବା ବେଳେ ଏଥିରେ କମିଟିର ସୁନୀଲ ଗାଣ୍ଟା, ଜିତୁ କାଦ୍ରାକା, ଟୁକୁନା ପରଜା ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡ଼ିଛି।

### ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସରେ ଅମିତ ଶାହଙ୍କ ଘୋଷଣା

# ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲମୁକ୍ତ ଭାରତ



**କଟକ, ୬।୩(ସମିସ):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର କଟକର ମୁଣ୍ଡଳୀଠାରେ ଆୟୋଜିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ)ର ୫୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ସରକାରଙ୍କ ଦୃଢ଼ ସଂକଳ୍ପ ଦୋହରାଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତି ପାଇବ ବୋଲି ସେ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନା ଭଳି ରାଜ୍ୟରେ ନକ୍ସଲବାଦକୁ ପ୍ରତିହତ କରିବାରେ ସିଆଇଏସଏଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତିରୁପତିରୁ ପଶୁପତି ପର୍ଯ୍ୟନ୍ତ 'ଲାଲ୍ କରିଡର'ର ସ୍ୱପ୍ନ ଦେଖୁଥିବା ଶକ୍ତିମାନଙ୍କୁ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ପରାସ୍ତ କରି ସାରିଥିବା ସେ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ ଶିଳ୍ପାୟନ ବିନା ଦେଶର ଅର୍ଥନୀତି ସଶକ୍ତ ହେବା ସମ୍ଭବ ନୁହେଁ ଏବଂ ଏହି ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ସିଆଇଏସଏଫ ଏକ ପ୍ରମୁଖ ସ୍ତମ୍ଭ ସାଜିଛି। ବର୍ତ୍ତମାନ ଏହି ବାହିନୀ ଦେଶର ୭୦ଟି ବିମାନ ବନ୍ଦର ଏବଂ ୩୬୧ଟି ପ୍ରମୁଖ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ୫୬ବର୍ଷ ମଧ୍ୟରେ ସିଆଇଏସଏଫ କେବଳ ପାରମ୍ପରିକ ଶୈଳୀରେ ସୁରକ୍ଷା ଦେଇନାହିଁ, ବରଂ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ପ୍ରଯୁକ୍ତିବିଦ୍ୟାକୁ ଆପଣାଇ ସମସ୍ତ ପ୍ରକାର ଆହ୍ୱାନର ସଫଳ ମୁକାବିଲା କରିଛି ବୋଲି ଶ୍ରୀ ଶାହ କହିଥିଲେ। ଏହି ଅବସରରେ ସେ ଓଡ଼ିଶାର ବୀର ସଂଗ୍ରାମୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଏବଂ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ରହି ଯବାନମାନଙ୍କ ମନୋବଳ ବଢ଼ାଇଥିଲେ। ସିଆଇଏସ୍‌ଏଫ୍ ଡିଆଇଜି ଗଙ୍ଗା ଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯବାନମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ଓ ସାହସିକ ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନରେ ସିଆଇଏସଏଫର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ

# ୫ ବସ୍‌କୁ ୧୦ ହଜାର ଲେଖାଁଏ ଜରିମାନା

**କଟକ, ୬।୩ (ସମିସ):** ସରକାରୀ ଧାର୍ଯ୍ୟ ଦରଠାରୁ ଅଧିକ ବସ୍ ଭଡ଼ା ଆଦାୟ କରୁଥିବା ୫ଟି ବସ୍ ବିରୋଧରେ ଆର୍‌ଟିଓ ଏନ୍‌ଫୋର୍ସମେଣ୍ଟ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୋଟର ଯାନ ଆଇନର ଧାରା ୧୯୨(କ) ଅନୁଯାୟୀ ପ୍ରତି ବସ୍‌କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା

- **ନିୟମିତ ଯାଞ୍ଚ ପାଇଁ ଆରଟିଓ ମାନଙ୍କୁ ନିର୍ଦ୍ଦେଶ**
- **ବସ୍‌ରେ ପ୍ରଦର୍ଶିତ ହେବ ଭଡ଼ା ବିବରଣୀ**

କରାଯାଇଛି। ଏହାସହ, ଏଭଳି ଘଟଣା ଉପରେ କଡ଼ା ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ କୁହାଯାଇଛି। ଅପରପକ୍ଷେ, ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଘଂନ କରୁଥିବା ବସ୍ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ପ୍ରକାଶଥାଉକି, ସରକାରଙ୍କ ଦ୍ୱାରା ବସ୍‌ର ବର୍ଗ ଅନୁଯାୟୀ କିଲୋମିଟର ପିଛା ଭଡ଼ା ଧାର୍ଯ୍ୟ କରାଯାଇଛି। ଉଭୟ ଅଫଲାଇନ୍ ଓ ଅନଲାଇନ ଟିକଟ ପାଇଁ ଏହା ଲାଗୁ।




ଏହାକୁ ପାଳନ କରିବାକୁ ସମସ୍ତ ବସ୍ ମାଲିକ ତଥା ପରିଚାଳକମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ବସରେ ଭଡ଼ା ବିବରଣୀ ପ୍ରଦର୍ଶିତ କରିବାକୁ ମଧ୍ୟ କୁହାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ। କୌଣସି ବସ୍ ଦ୍ୱାରା ବି ନିୟମ ଉଲ୍ଲଂଘନ ପରିଲକ୍ଷିତ ହେଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ଅଧିକ ଭଡ଼ା ଆଦାୟ ନୁହେଁ, ସଡ଼କ ସୁରକ୍ଷାର ସମସ୍ତ ନିୟମ ଠିକ୍ ଭାବରେ ପାଳନ କରାଯାଉଛି କି ନାହିଁ, ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ହାଇଦରାବାଦରେ ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା, ୬।୩ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଅଞ୍ଚଳର ଜଣେ ଯୁବକଙ୍କ ହାଇଦରାବାଦରେ ମୃତ୍ୟୁ ହୋଇଛି। ମୃତକ ହେଲେ, ଡହଗାଁ ପଞ୍ଚାୟତ ସର୍ଗିଗୁଡ଼ା ଡଙ୍ଗରୀପଡ଼ାର ଦୁଲ୍ଲଭ ମାଝୀ। ସେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ସେହିପରି ତାଙ୍କର ଜଣେ ସହଯୋଗୀ ଛାତରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ସେହି ଗ୍ରାମର ଚନ୍ଦ୍ରଶେଖର ମାଝୀ।



ସୂଚନାନୁସାରେ, ୩/୪ ମାସ ତଳେ ଗାଁର କିଛି ଯୁବକଙ୍କ ସହିତ ଦୁଲ୍ଲଭ ଓ ଚନ୍ଦ୍ରଶେଖର ହାଇଦରାବାଦ ସହର ପଟାନଚେରୁର ନନ୍ଦିଗାଁଓକୁ କାମ ଅନ୍ୱେଷଣରେ ଯାଇଥିଲେ। ସେଠାକାର ଏକ ଘରୋଇ ସଂସ୍ଥା ଜରିଆରେ କୋଠା ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଶୁକ୍ରବାର ସକାଳେ ସେମାନେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଦୁଲ୍ଲଭଙ୍କ ମୃତ୍ୟୁ ହୋଇଥିବା ବେଳେ ଚନ୍ଦ୍ରଶେଖର ନିର୍ମାଣାଧୀନ କୋଠାରୁ ଖସି ଗୁରୁତର ହୋଇଛନ୍ତି। ଚନ୍ଦ୍ରଶେଖରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ବ୍ୟୟବହୁଳ ଅସ୍ତ୍ରୋପଚାର ଆବଶ୍ୟକ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ଦୁଲ୍ଲଭଙ୍କ ଶବ ଜବତ କରି ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ସାଥୀ ଶ୍ରମିକ ଓ ଠିକା ସଂସ୍ଥାକୁ ହସ୍ତାନ୍ତର କରିଛି। ଠିକାଦାରଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଭିଟାମାଟିକୁ ଶବ ଫେରୁଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଦୁଲ୍ଲଭଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଯୋଗୁଁ ଦାଦନ ଖଟିବାକୁ ଯାଇଥିଲେ। ଭେଣ୍ଡିଆ ପୁଅର ମୃତ୍ୟୁ ଖବର ପାଇ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ୍ କାରଖାନା-୩ ଲୋକାର୍ପିତ

**ପାରାଦୀପ, ୬।୩ (ସମିସ):** ପାରାଦୀପଠାରେ ଥିବା ସମବାୟଭିତ୍ତିକ ବିଶ୍ୱର ସର୍ବବୃହତ୍ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍‌ର ସଲଫ୍ୟୁରିକ ଏସିଡ୍ କାରଖାନା-୩ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଏହାକୁ ଲୋକାର୍ପଣ କରିଛନ୍ତି। ମଧ୍ୟାହ୍ନରେ ମନ୍ତ୍ରୀ ଶ୍ରୀ ଶାହ ଇଫ୍‌କୋ କାରଖାନା ପରିସରରେ ପହଞ୍ଚିବା ପରେ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ, ପରିଚାଳନା ନିର୍ଦ୍ଦେଶକ କେଜେ ପଟେଲ୍, ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ ମହାପାତ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀ ଶାହ ସଲଫ୍ୟୁରିକ ଏସିଡ୍ କାରଖାନା-୩ ପରିସରକୁ ଯାଇ ଆନୁଷ୍ଠାନିକ ଭାବେ ଏହାକୁ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ଡ. ବିଭୁପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପରେ ଇଫକୋ ସ୍ପୋର୍ଟସ୍




କମ୍ପ୍ଲେକ୍ସ ପରିସରରେ ସମବାୟ ବିକାଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ କେଜେ ପଟେଲ୍ ଯୋଗଦେଇ କହିଥିଲେ, ସଲଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣ ହେବା ପରେ ଇଫ୍‌କୋର ବିଦେଶରୁ ସଲଫ୍ୟୁରିକ ଏସିଡ୍ ଆମଦାନୀ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ଆତ୍ମନିର୍ଭର ଭାରତ ପରିଯୋଜନା ଅଧୀନରେ ଇଫକୋ ସଲଫ୍ୟୁରିକ ଏସିଡ୍ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିବ ବୋଲି କହିଥିଲେ। ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ ଇଫକୋର କର୍ମଚାରୀମାନଙ୍କ ଉଦ୍ୟମ ପାଇଁ ଦେଶର କିଶାନମାନଙ୍କ ପାଇଁ ଇଫକୋ ସମର୍ପିତ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ। ସମବାୟଭିତ୍ତିକ ପାରାଦୀପଠାରେ ଥିବା ଇଫ୍‌କୋ ସାର କାରଖାନା ସମଗ୍ର ଦେଶରେ ଏକ ରୋଲ ମଡେଲ୍ ହୋଇଛି ବୋଲି ଅତିଥିମାନେ କହିଥିଲେ। ଏହି ସମାବେଶରେ ଇଫକୋର ନିର୍ଦ୍ଦେଶକମଣ୍ଡଳୀ ସାମିଲ ହୋଇଥିଲେ। ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପାରାଦୀପ ସମେତ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ, କୃଷକ, ମହିଳାମାନେ ଏହି ସମାବେଶରେ ଯୋଗ ଦେଇଥିଲେ।

### ■ ଏମିତି ବି ଆସେ ମୃତ୍ୟୁ !

# ଗୀତ ଗାଉଗାଉ ଟଳି ପଡ଼ିଲେ

**ଖଲ୍ଲିକୋଟ, ୬।୩ (ସମିସ):** ଏମିତି ବି ଆସେ ମୃତ୍ୟୁ। ଗୀତ ଗାଉଗାଉ ଷ୍ଟେଜ୍ ଉପରେ ଟଳି ପଡ଼ିଲେ ଗାୟକ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଲୁକେଶ୍ୱରପୁର ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ଏସ୍. ବେଲପଡ଼ା ଗ୍ରାମର ଯୁବ କଣ୍ଠଶିଳ୍ପୀ ଶାନ୍ତନୁ କୁମାର ସାହୁ। ହୋଲି ଉପଲକ୍ଷେ ବାଲୁକେଶ୍ୱରପୁର ଗ୍ରାମରେ ମହାଭାରତ ନାଟକ ଚାଲିଥିଲା। ଏଥିରେ ଶାନ୍ତନୁ ଗୀତ ଗାଉଥିଲେ। ଉପସ୍ଥିତ ଦର୍ଶକ ନାଟକର ଭରପୂର୍ ମଜା ନେଉଥିବା ବେଳେ ହଠାତ୍ ଶାନ୍ତନୁ ଷ୍ଟେଜ୍ ଉପରେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ଲାଗି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା।

ଆୟୋଜକ ମାନେ ତୁରନ୍ତ ନାଟକକୁ ଅଧାରୁ ବନ୍ଦ ରଖିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶାନ୍ତନୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି।

# ଓଲଟିଲା ବସ୍; ଚାପି ହୋଇ ଚାଳକ ମୃତ

**ବଣାଇଁ, ୬।୩(ସମିସ):** ଶୁକ୍ରବାର ସନ୍ଧ୍ୟାରେ ବଣାଇଁ ଥାନା ତୁରାମୁରା ନିକଟରେ ବସ ଓଲଟି ପଡ଼ିଛି। ଏଥିରେ ବସ୍ ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭରଜଣଙ୍କ ସନ୍ତୋଷ ପେଣ୍ଟି (୨୮)। ସୂଚନାନୁଯାୟୀ, ଏକ ଘରୋଇ କମ୍ପାନୀରେ ନିୟୋଜିତ ଥିବା ପପୁଲାର ନାମକ ବସ୍‌ର ଚାଳକ କୌଣସି କାର୍ଯ୍ୟରେ ବସ୍ ନେଇ ବିଶିପାଲି ଗାଁକୁ ଯାଉଥିଲେ। ତୁରାମୁରା ନିକଟରେ ଭାରସାମ୍ୟ ହରାଇ ବସ୍‌ଟି ରାସ୍ତାରେ ଓଲଟି ପଡ଼ିଥିଲା। ଚାଳକ ସନ୍ତୋଷ ବସ୍ ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।




ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ଘରୋଇ ହିଂସା ମାମଲାର ଶୀଘ୍ର ସମାଧାନ ପାଇଁ ଉଦ୍ୟମ ହେବା ଉଚିତ: ହାଇକୋର୍ଟ

**କଟକ, ୬।୩ (ସମିସ):** ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବାର ମଧ୍ୟରେ ହିଂସାର ଶିକାର ହେଉଥିବା ମହିଳାଙ୍କୁ ସମ୍ବିଧାନର ଧାରା-୧୫ ଅନୁଯାୟୀ ପ୍ରଭାବଶାଳୀ ସୁରକ୍ଷା ପ୍ରଦାନ କରିବା। ଏହି ଆଇନର ଧାରା ୧୨(୫) ଅନୁଯାୟୀ, ମାମଲାର ପ୍ରଥମ ଶୁଣାଣିର ୬୦ ଦିନ ମଧ୍ୟରେ ଏହାର ସମାଧାନ ପାଇଁ ବ୍ୟବସ୍ଥା ରହିଛି। ଯଦିଓ ୬୦ ଦିନ ମଧ୍ୟରେ ସମାଧାନ ସବୁବେଳେ ସମ୍ଭବ ହୋଇନଥାଏ, ତଥାପି ଏହାକୁ ଯଥାଶୀଘ୍ର ଶେଷ କରିବା ପାଇଁ ଉଦ୍ୟମ ହେବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ସାବିତ୍ରୀ ରଥ ଏକ ମାମଲାର ଶୁଣାଣି କରି ଭୁବନେଶ୍ୱରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟକୁ ଏକ ଘରୋଇ ହିଂସା ମାମଲାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ଅଦାଲତଙ୍କ ରିପୋର୍ଟକୁ ଆଧାର କରି ହାଇକୋର୍ଟ କହିଛନ୍ତି ଯେ ଉଭୟପକ୍ଷ ପ୍ରାୟ ପ୍ରତି ଶୁଣାଣିରେ ଏକାଧିକ ପିଟିସନ ଦାଖଲ କରୁଛନ୍ତି, ଯାହା ମାମଲାରେ ବିଳମ୍ବ ସୃଷ୍ଟି କରୁଛି। ଅଯଥା କିମ୍ବା ଲମ୍ବା ସମୟ ପର୍ଯ୍ୟନ୍ତ ଶୁଣାଣିକୁ ଘୁଞ୍ଚାଇବା ଦ୍ୱାରା ମାମଲା ପଡ଼ି ରହେ, ଯାହା ଉଚିତ ନୁହେଁ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଶୋଭନ କୁମାର ସାହୁ ନାମକ ଜଣେ ବ୍ୟକ୍ତି ପତ୍ନୀଙ୍କ ଦ୍ୱାରା ରୁଜୁ ହୋଇଥିବା ଘରୋଇ ହିଂସା ମାମଲାର ଶୀଘ୍ର ସମାଧାନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାଟି ୨୦୨୨ ମସିହାରୁ ବିଚାରାଧୀନ ରହିଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟଙ୍କୁ ଉକ୍ତ ମାମଲାର ସମାଧାନ ଆସନ୍ତା ୬ ମାସ ମଧ୍ୟରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପକ୍ଷମାନଙ୍କୁ କୌଣସି ଅଯଥା ସମୟ ନ ଦେବା ପାଇଁ ମଧ୍ୟ କୋର୍ଟ ପରାମର୍ଶ ଦେଇଛନ୍ତି।

### ହାଇକୋର୍ଟରେ ପତ୍ନୀ ହତ୍ୟାକାରୀଙ୍କୁ ମୃତ୍ୟୁ ଦଣ୍ଡ ପ୍ରସଙ୍ଗ

# ଆସାମୀଙ୍କ ଆଚରଣ ପ୍ରସଙ୍ଗରେ ଅବଗତ କରିବେ ଜେଲ୍ କର୍ତ୍ତୃପକ୍ଷ

**କଟକ, ୬।୩(ସମିସ):** ଗତ ୨୦୨୨ରେ ଭରତପୁର ଥାନା ଅନ୍ତର୍ଗତ ଘାଟିକିଆଠାରେ ପତ୍ନୀଙ୍କୁ ଛୁରି ଭୁସି ହତ୍ୟା ଓ ୬ ବର୍ଷର ଝିଅର ତଣ୍ଟି କାଟି ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ସ୍ୱାମୀ ସଞ୍ଜିତ ଦାଶଙ୍କୁ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ ପ୍ରଦାନ କରିଥିବା ମୃତ୍ୟୁ ଦଣ୍ଡାଦେଶ ମାମଲାର ଶୁଣାଣି କରୁଛନ୍ତି ହାଇକୋର୍ଟ। ମୃତ୍ୟୁଦଣ୍ଡ ନିର୍ଦ୍ଦେଶର ଅନୁମୋଦନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ତରଫରୁ ଏକ ମାମଲା ଓ ଦଣ୍ଡାଦେଶକୁ ଚାଲେଞ୍ଜ କରି ସଞ୍ଜିତଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରିଛନ୍ତି ଅଦାଲତ। ଆସନ୍ତା ମାର୍ଚ୍ଚ ୧୨ରେ ସମ୍ପୃକ୍ତ ଆସାମୀ ତଥା ଆବେଦନାକରୀଙ୍କୁ ଭର୍ଚୁଆଲ ମାଧ୍ୟମରେ ହାଜର କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ବର୍ତ୍ତମାନ ସଞ୍ଜିତଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ଓ ଜେଲ୍‌ରେ ଆଚରଣ ସମ୍ପର୍କରେ ଅବଗତ କରିବାକୁ ଝାରପଡ଼ା ସ୍ୱତନ୍ତ୍ର ଜେଲ୍ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ ଗତ ୨୦୨୪, ଜୁଲାଇ ୩୦ରେ ସଂଜିତଙ୍କୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଆମିକସ୍‌କ୍ୟୁରି ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ନୟନଯୋରକୁ ଓଲଟିଲା କାର୍; ୫ ଗୁରୁତର



**ପିପିଲି, ୬।୩(ସମିସ):** ପୁରୀରୁ ଭୁବନେଶ୍ୱର ଯାଉଥିବା ଏକ କାର୍ ନିର୍ମଳାଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ସେମାନଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ୪ଜଣ କିନ୍ନର ଥିବା ଜଣାଯାଇଛି। ସୂଚନାନୁଯାୟୀ, କାର୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ନିର୍ମଳାଠାରେ ଭାରସାମ୍ୟ ହରାଇ ଏକ ଶଙ୍ଖ ବାଡ଼ରେ ପିଟି ହୋଇ ନୟନଯୋରିକୁ ଖସି ପଡ଼ିଥିଲା। ଖବର ପାଇ ପିପିଲି ଥାନା ଓ ସାତଶଙ୍ଖ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

# ଇନ୍ଦ୍ରାବତୀରୁ ନିଖୋଜ ମତ୍ସ୍ୟଜୀବୀଙ୍କ ଶବ ଉଦ୍ଧାର

**ଥୁଆମୂଳରାମପୁର, ୬।୩ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଡଙ୍ଗା ଓଲଟିବା ଘଟଣାରେ ନିଖୋଜ ଥିବା ମାଛ ଧରାଳିଙ୍କ ମୃତଦେହ ୬ଦିନ ପରେ ମିଳିଛି। ମୃତକ ହେଲେ, ବ୍ରାହ୍ମଣୀଚଞ୍ଚରା ଗ୍ରାମର ହର ବେହେରୁକ। ସୂଚନାନୁଯାୟୀ, ଗତ ୨୮ ତାରିଖ ଦିନ ହର ଓ ଗ୍ରାମର ଅନ୍ୟ ଦୁଇ ଯୁବକ ରବି ପୂଝାରୀ ଓ ଚନ୍ଦ୍ର ବେହେରା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ମାଛ ଧରିବାକୁ ଏକ ଦେଶୀ ଡଙ୍ଗାରେ ଯାଇଥିଲେ। ଜଳଭଣ୍ଡାର ମଝିରେ ହଠାତ୍ ସେମାନଙ୍କ ଡଙ୍ଗାଟି ଓଲଟି ପଡ଼ିଥିଲା। ରବି ଓ ଚନ୍ଦ୍ର ପହଁରି ପହଁରି କୂଳକୁ ପଳାଇ ଆସିଥିବା ବେଳେ ହର ନିଖୋଜ ହୋଇଯାଇଥିଲେ। ଆଜି ଜଳଭଣ୍ଡାରରେ ତାଙ୍କ ଶବ ଭାସୁଥିବା ଗ୍ରାମବାସୀ ଦେଖିବା ପରେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

# ଇନ୍-ଚାର୍ଜ ଖଣି ଅଧିକାରୀଙ୍କ ଦ୍ୱାରା ଲିଜ୍ ରଦ୍ଦ ନିଷ୍ପତ୍ତି ବେଆଇନ ନୁହେଁ: ହାଇକୋର୍ଟ

**କଟକ, ୬।୩(ସମିସ):** ଓଡ଼ିଶା ମାଇନର୍ ମିନେରାଲ କନସେନସନାଲ୍ ରୁଲ୍ ୨୦୧୬ (ଓଏମଏମସି) ଅନୁଯାୟୀ ଜଣେ 'ଇନ୍-ଚାର୍ଜ' ଖଣି ଅଧିକାରୀଙ୍କ ଦ୍ୱାରା ସଇରାତ ଲିଜ୍ ରଦ୍ଦ କରାଯାଇଥିବା ଆଧାରରେ ନିଷ୍ପତ୍ତିକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନରେନ୍ଦ୍ର ନାଥ ସିଂହଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇପାରିବ ନାହିଁ। ଜଣେ ଅଫିସରଙ୍କ ଅନୁପସ୍ଥିତିରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇ ନିଷ୍ପତ୍ତି ନିଆଯିବା ପ୍ରଶାସନିକ ବ୍ୟବସ୍ଥାରେ ସ୍ୱୀକୃତିପ୍ରାପ୍ତ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଖଣି ଲିଜ୍ ରଦ୍ଦକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଖୋର୍ଦ୍ଧା ସର୍କଲର ଏକ ଖଣିଜ ସଇରାତ ଉତ୍ସର ନିଲାମ ନେଇ ଆବେଦନକାରୀ ସର୍ବୋଚ୍ଚ ବିଡର୍ ଭାବେ ୨୦୨୦ ମସିହାରେ ୫ବର୍ଷ ପାଇଁ ଚୁକ୍ତି କରିଥିଲେ। କିନ୍ତୁ, ୨୦୨୦-୨୧ ଆର୍ଥିକ ବର୍ଷ ପରେ ସେ ବୈଧାନିକ ଅର୍ଥ ଜମା କରିବାରେ ଖିଲାପ କରିଥିଲେ। ଖଣି ଉପ-ନିର୍ଦ୍ଦେଶକ ଓ 'ଇନ୍-ଚାର୍ଜ' ଖଣି ଅଧିକାରୀଙ୍କ ପକ୍ଷରୁ ବାରମ୍ବାର କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଆବେଦନକାରୀ କୌଣସି ଉତ୍ତର ଦେଇନଥିଲେ। ଫଳସ୍ୱରୂପ, ଓଏମଏମସି ନିୟମର ୨୭(୧୪) ଅନୁଯାୟୀ ଲିଜ୍ ରଦ୍ଦ କରାଯିବା ସହ ଜମା ସିକ୍ୟୁରିଟି ଅର୍ଥକୁ ଜବତ କରାଯାଇଥିଲା। ଆବେଦନକାରୀ ଏହାକୁ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ 'ଇନ-ଚାର୍ଜ' ଅଧିକାରୀଙ୍କ ପାଖରେ ଏଭଳି ନିଷ୍ପତ୍ତି ନେବାର କ୍ଷମତା ନାହିଁ। ହାଇକୋର୍ଟ ଏହି ଯୁକ୍ତିକୁ ଖାରଜ କରି ଆବେଦନକୁ ଖାରଜ କରିଦେଇଛନ୍ତି।

# 'ଆହାର'ରେ ଆହାର ନିଅଣ୍ଟ

**ରାଇରଙ୍ଗପୁର, ୬।୩ (ସମିସ)**

ଗରିବ ଲୋକଙ୍କ ଭୋକିଲା ପେଟକୁ ଦାନା ଗଣ୍ଡେ ଯୋଗାଇବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହାର କେନ୍ଦ୍ର ଏକ ଲୋକାଭିମୁଖୀ ଯୋଜନା। କିନ୍ତୁ, ରାଇରଙ୍ଗପୁରରେ ସଠିକ୍ କାର୍ଯ୍ୟକାରିତା ଅଭାବରୁ ଭୋକିଲା ଲୋକଙ୍କ ପେଟ ପୂରୁନାହିଁ। ପ୍ଲେଟ୍‌ସଂଖ୍ୟା ବୃଦ୍ଧି କରାଯାଉନଥିବାରୁ ଖାଦ୍ୟ ଅଭାବ ଦେଖିବାକୁ ମିଳୁଛି। ଲୋକେ ଖାଦ୍ୟ ନପାଇ ଭୋକିଲା ପେଟରେ ଫେରୁଛନ୍ତି। ଏହା ଗରିବ ହିତାଧିକାରୀଙ୍କ ପେଟକୁ ପ୍ରହାର ସଦୃଶ ହୋଇଛି। ରାଇରଙ୍ଗପୁର ସହରର ଉପଖଣ୍ଡ ହସ୍ପିଟାଲ ନିକଟରେ ଥିବା ଏକମାତ୍ର ଆହାର କେନ୍ଦ୍ରରେ ପ୍ରତିଦିନ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି।

ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏହି ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ




ନେଇଛନ୍ତି। ଦି' ପହରେ ୬୦୦ ପ୍ଲେଟ୍ ଓ ସନ୍ଧ୍ୟା ସମୟରେ ୨୦୦ ପ୍ଲେଟ୍ ଖାଦ୍ୟ ପ୍ରସ୍ତୁତ ହୋଇ ଲୋକଙ୍କୁ ପ୍ରଦାନ କରାଯାଉଛି। ପ୍ରତି ପ୍ଲେଟ୍ ପିଛା ୨୮ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଲୋକଙ୍କଠାରୁ ୫ ଟଙ୍କା ଓ ସରକାର ୨୩ଟଙ୍କା ପ୍ରଦାନ କରୁଛନ୍ତି। ରାଇରଙ୍ଗପୁର ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା କିମ୍ବା ସ୍ଥାନୀୟ ଗରିବ ହିତାଧିକାରୀ ଏଠାରେ ଖାଦ୍ୟ ଖାଇବା ପାଇଁ ବ୍ୟବସ୍ଥା ହୋଇଛି। ବାହାର ହୋଟେଲରେ ଅଧିକ ଦାମ୍ ଦେଇ ଗରିବ ଲୋକେ ଖାଦ୍ୟ ନଖାଇ ଏଠାରେ ୫ ଟଙ୍କାରେ ଖାଇପାରୁଛନ୍ତି। କିନ୍ତୁ, ଦୁଇ ଘଣ୍ଟା ମଧ୍ୟରେ ଖାଦ୍ୟ ସରିଯାଉଥିବାରୁ ବହୁ ଗରିବ ଲୋକ ଉପାସ ଓ ନିରାଶରେ ଫେରୁଛନ୍ତି।

ଦ୍ୱିପ୍ରହର ଓ ସନ୍ଧ୍ୟା ଉଭୟ ସମୟରେ ଭାତ, ଡାଲମା ମିଳୁଥିବା ବେଳେ ଦ୍ୱିପ୍ରହରରେ ଅଧିକ ଲୋକଙ୍କ ଭିଡ଼ ଜମିଥାଏ। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲା ରହୁଥିଲେ ସୁଦ୍ଧା ପ୍ରାୟତଃ ଅପରାହ୍ଣ ୧ଟା ପରେ ଖାଦ୍ୟ ସରିଯାଉଛି। ଦିନରେ ୮୦୦ ପ୍ଲେଟ୍ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ତାହା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ତିଳେ ହେଲେ ମନ ଦେଉନାହାନ୍ତି। ଏବେ ବି ଉକ୍ତ କେନ୍ଦ୍ରରେ ୮୦୦ ଲୋକ ଖାଉଛନ୍ତି। ନିତି ୧୦୦ରୁ ଉର୍ଦ୍ଧ୍ୱ ଲୋକେ ଖାଲି ପେଟରେ ଫେରୁଛନ୍ତି।

ଆହାର କେନ୍ଦ୍ରରେ ବାସନ ସଫା କରିବା ପାଇଁ ଏକ ମେସିନ ଥିବା ବେଳେ ତାହା ମଧ୍ୟ ଅନେକ ଦିନ ହେବ ମରାମତି ଅଭାବରୁ ଖରାପ ହୋଇପଡ଼ିଛି। ମରାମତି ହେଉ ନଥିବାରୁ ବାସନ ସଫା ହୋଇପାରୁନାହିଁ। ବିଡ଼ମ୍ବନାର କଥା ଯେ ଯେତିକି ଲୋକ ଖାଉଛନ୍ତି, ଖାଦ୍ୟ ଅଭାବ ପାଇଁ ପେଟପୂରା ପରିବର୍ତ୍ତେ ସେମାନେ ଅଧା ପ୍ଲେଟ୍ ଖାଉଛନ୍ତି। ଆହାର କେନ୍ଦ୍ରରେ ଖାଦ୍ୟ ପ୍ଲେଟ୍ ସଂଖ୍ୟା ବୃଦ୍ଧି କରିବାକୁ ନିହାତି ଆବଶ୍ୟକତା ଥିବା ବେଳେ ସ୍ଥାନୀୟ ସାଂସଦ, ବିଧାୟକ, ନଗରପାଳ, ଜନପ୍ରତିନିଧି ତିଳେ ହେଲେ ମନ ଦେଉନାହାନ୍ତି। ସୁଷମ ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା ଥିବା ବେଳେ ମନ୍ତ୍ରୀ କିମ୍ବା ଅଧିକାରୀ କେବେକେମିତି ଲୋକଦେଖାଣିଆ ଯାଇ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି। ଲୋକଙ୍କ କହିବାନୁଯାୟୀ, ଖାଦ୍ୟ ଅଭାବ ବାବଦରେ କେବେ ବି ଅନୁଧ୍ୟାନ ହେଉନାହିଁ। ପ୍ରାୟ ୨୦୦ ପ୍ଲେଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ପ୍ଲେଟ୍ ସଂଖ୍ୟା ବୃଦ୍ଧି କରାଗଲେ ଦୂରଦୂରାନ୍ତରରୁ ଆସୁଥିବା ଲୋକେ ଉପକୃତ ହେବା ସହ ଯୋଜନାର ସଫଳ ରୂପାୟନ ହେବ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ଉଧାର ଟଙ୍କା ଫେରି ପାଇବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଯାନବାହନ କିଣିପାରନ୍ତି। ମନ ପ୍ରସନ୍ନ ରହିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମିଥୁନ:** ସଫଳତା ପାଇବା ପାଇଁ ପରିଶ୍ରମ କରନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ପୁରୁଣା ବନ୍ଧୁ ଦେଖା ହୋଇପାରନ୍ତି। ଅଯଥା ଖର୍ଚ୍ଚ ବୃଦ୍ଧି ପାଇପାରେ।

**ସିଂହ:** କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଚାକିରିରେ ସଫଳତା ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ଅଚାନକ ଖୁସି ଖବର ପାଇପାରନ୍ତି।

**ତୁଳା:** ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ।

**ବିଛା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ଧନୁ:** ଅତ୍ୟଧିକ ଚିନ୍ତା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଜନା ମୁତାବକ କାମ ହେବ। ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ।

**ମକର:** ମଜାମସ୍ତିରେ ଦିନ ବିତିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଧୈର୍ଯ୍ୟ ରଖି କାମ କରିବା ଭଲ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୦୬-ଫିନ୍‌ଲ୍ୟାଣ୍ଡରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୬୧- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଦେହାନ୍ତ।
- ୧୯୬୯- ଗୋଲ୍‌ଡା ମୀର ଇସ୍ରାଏଲର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ମହାକାଶଯାତ୍ରୀମାନେ ମଙ୍ଗଳଗ୍ରହରେ ହ୍ରଦ ଠାବ କଲେ।


# କ୍ୟାଟ୍ରିନା, କିଆରା ପରଦାକୁ ଫେରିବା ମୁସ୍କିଲ- ଶୋଭା



ବଲିଉଡ୍‌ରେ ସିଫ୍ଟରେ ଘଣ୍ଟା ଘଣ୍ଟା ଧରି କାମ କରିବା କଥାକୁ ନେଇ ଅନେକ ଦିନରୁ ବାଦ ବିବାଦ ଦେଖା ଦେଇଛି। ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ୮ ଘଣ୍ଟା ସିଫ୍ଟରେ କାମ କରିବା ପାଇଁ ଦାବି ରଖି 'ସ୍ପିରିଟ୍' ଓ 'କଲ୍‌କି ୨୮୯୮ ଏଡି ୨'ରୁ ଓହରି ଯାଇଥିଲେ। ଇତିମଧ୍ୟରେ ଲେଖିକା ଶୋଭା ଦେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଶୋଭାଙ୍କ କହିବା ଅନୁଯାୟୀ, 'ବଲିଉଡ୍‌ରେ ସମସ୍ତେ ଏଭଳି ସର୍ତ୍ତ ରଖି ପାରିବେ ନାହିଁ। ଭବିଷ୍ୟତରେ ରାଧିକା ଆପ୍ଟେ ଯଦି ଏଭଳି ସର୍ତ୍ତ ରଖିବେ ପ୍ରଯୋଜକ ତୁରନ୍ତ ତାଙ୍କୁ ଫିଲ୍ମରୁ ବାହାର କରିଦେବେ। ସେ ଆହୁରି ମଧ୍ୟ କହିଛନ୍ତି, 'କ୍ୟାଟ୍ରିନା କୈଫ୍, କିଆରା ଆଡଭାନୀ ମା' ହେବା ପରେ ଇଣ୍ଡଷ୍ଟ୍ରୀକୁ ଫେରିବା ମୁସ୍କିଲ। ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜ ଇଚ୍ଛାନୁସାରେ କାମ କରିବା ସାହସ କେବଳ ହାତଗଣତି କେତେଜଣ କଳାକାରଙ୍କ ପାଖରେ ରହିଛି। ଦୀପିକା ପାଦୁ୍ୟକୋନ୍, ପ୍ରିୟଙ୍କା ଚୋପ୍ରା ଭଳି ହିରୋଇନ୍‌ମାନେ ପ୍ରଯୋଜକଙ୍କ ସହ ଡିଲ୍ କରିପାରିବେ। ମୋତେ ଲାଗୁନି ଅନ୍ୟ ନାୟିକାମାନେ ଏଭଳି ସର୍ତ୍ତ ରଖିପାରିବେ। ସିନେମା ଏକ ବିଜିନେସ୍। ଦର୍ଶକଙ୍କୁ ସିନେମା ହଲ୍ ପର୍ଯ୍ୟନ୍ତ ଆଣି ଟଙ୍କା ରୋଜଗାର କରିବା କିଛି କଳାକାର ହିଁ କରିପାରିବେ। ପ୍ରତ୍ୟେକ ଅଭିନେତ୍ରୀ ମା' ହେବା ପରେ ପୂର୍ବଭଳି ସଫଳତା ହାସଲ କରିପାରିବା ମୁସ୍କିଲ। ମା' ହେବା ପରେ କ୍ୟାଟ୍ରିନା, କିଆରା ପୂର୍ବଭଳି କ୍ୟାରିୟରରେ ସଫଳତା ହାସଲ କରି ପାରିବେ ମୋତେ ସନ୍ଦେହ ହେଉଛି। ଆଲିଆ ଭଟ୍ଟ ମା' ହେବା ପରେ ଖୁବ୍‌ଶୀଘ୍ର ପରଦାକୁ ଫେରି ଆସିଲେ। ।ତେଣୁ ଏହା ତାଙ୍କ କ୍ୟାରିୟର ଉପରେ ସେତେଟା ପ୍ରଭାବ ପକାଇ ପାରିଲାନି। ଆଲିଆ ନିଜ ସର୍ତ୍ତାନୁସାରେ କାମ କରିବା ଜାଣିଛନ୍ତି।' ସେହିଭଳି ଶୋଭା କାର୍ତ୍ତିକ୍‌ଙ୍କ ଅଭିନୟର ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତକୁ ନେଇ ସେ ଅନିଶ୍ଚିତ ଥିବା କହିଛନ୍ତି।


# ଭିନ୍ନ ଏକ ଗାଁ ପ୍ରତିଟି ଲୋକ ଜାଣନ୍ତି ରଶି ଉପରେ ଚାଲିବା

ପ୍ରତ୍ୟେକ ଗାଁ ତା'ର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ସେମିତି ଏକ ଗାଁ ହେଲା ରୁଷର ତ୍ସୋବକ୍ରା ୧। ଗ୍ରେଟର୍ କାକେଶସ୍ ପର୍ବତମାଳା ମଧ୍ୟରେ ଥିବା ଏହି ଗାଁର ସ୍ୱତନ୍ତ୍ରତା ହେଉଛି, ପ୍ରତ୍ୟେକ ଗ୍ରାମବାସୀ ଏଠାରେ ରଶି ଉପରେ ଚାଲିବା କଳା ଶିଖିଛନ୍ତି। ଦୀର୍ଘ ୧୦୦ ବର୍ଷ ହେଲାଣି ଏଠାରେ ରଶି ଉପରେ ଚାଲିବା ପରମ୍ପରା ଚାଲି ଆସୁଛି। ଏଠାକାର ପାଖାପାଖି ୧୭ ଜଣ କଳାକାର ରୁଷର ନାମୀଦାମୀ ସର୍କସଗୁଡ଼ିକରେ ନାଁ କମାଇଛନ୍ତି। ଯଦିଓ ଏବେ ଗାଁର ଜନସଂଖ୍ୟା ୪୦୦ରୁ କମ୍ ରହିଛି, ଏଠାରେ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ସମସ୍ତେ ନିୟମିତ ରଶି ଉପରେ ଚାଲିବା ଅଭ୍ୟାସ କରନ୍ତି। ତେବେ ଏଭଳି ପରମ୍ପରା ପ୍ରେମରୁ ଆରମ୍ଭ ହୋଇଥିବା କୁହାଯାଏ। ଏହି ଗାଁରେ ଯୁବକମାନେ ପାହାଡ଼ ପଡ଼ୋଶୀ ଗାଁରେ ଥିବା ଯୁବତୀମାନଙ୍କୁ ପ୍ରେମ ନିବେଦନ କରିବାକୁ ଅନେକ ଦିନ ଚାଲି ଚାଲି ଯାଉଥିଲେ। ଏହାପରେ ଯୁବକମାନେ ରଶି ଦ୍ୱାରା ଶୀଘ୍ର ସେମାନଙ୍କ ପ୍ରେମିକାମାନଙ୍କ ପାଖରେ ପହଞ୍ଚିବା ପାଇଁ ଉପାୟ ବାହାର କଲେ। ହେଲେ ଏହି କଥାକୁ ଗାଁର କିଛି ଲୋକ ମାନନ୍ତି ନାହିଁ। ସେମାନଙ୍କ କହିବା କଥା, ଏହି ଅଞ୍ଚଳରେ ପୋଲଗୁଡ଼ିକ ଭାଙ୍ଗି ଯାଉଥିବାରୁ ଲୋକେ ରଶି ସାହାଯ୍ୟରେ ଚାଲୁଥିଲେ। ଧୀରେ ଧୀରେ ଏହି ଆବଶ୍ୟକତା ଏକ କଳାରେ ପରିଣତ ହେଲା। ଏହାପରେ ଏହି ଗାଁର ଲୋକେ ସେମାନଙ୍କ କଳାକୁ ଅନ୍ୟ ଆଖାପାଖ ଗାଁର ଲୋକଙ୍କୁ ପ୍ରଦର୍ଶନ କଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ୍ ସର୍କସ ଯେବେ ଲୋକପ୍ରିୟ ହେଲା, ସେତେବେଳେ ଏଠାକାର କଳାକାରମାନେ ସାରା ଦେଶରେ ଚର୍ଚ୍ଚିତ ହେବାକୁ ଲାଗିଲେ। ହେଲେ ଏବେ ଏଠାକାର ଯୁବପିଢ଼ି କାର୍ଯ୍ୟ ସନ୍ଧାନରେ ବାହାରକୁ ଚାଲି ଯାଉଥିବାରୁ ଏହି ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି।



### ଆଜି ବାହୁଡ଼ିଥିଲେ

# କର୍ମବୀର ଗୌରୀଶଙ୍କର ରାୟ



ଊନବିଂଶ ଶତାବ୍ଦୀରେ ଓଡ଼ିଆ ନବଜାଗରଣର ପୁରୋଧା ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କ ନିଷ୍ଠାପର କର୍ମପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ସେ ଏକାଧାରରେ ଥିଲେ ଜଣେ ନିଷ୍ଠାପର ସମାଜ ସଂସ୍କାରକ, ଦକ୍ଷ ସଂଗଠକ, ଓଡ଼ିଆ ସାମ୍ବାଦିକତାର ଜନକ, ପ୍ରଚଣ୍ଡ ଜାତୀୟତାବାଦୀ ନେତା ତଥା ଶିକ୍ଷା ଓ ସଂସ୍କୃତି ପ୍ରେମୀ। ଓଡ଼ିଶାରେ ସାମ୍ବାଦିକତା, ସାହିତ୍ୟ ଏବଂ ସ୍ୱାଭିମାନକୁ ସେ ପରିପୁଷ୍ଟ କରିଥିଲେ। ସେ ଥିଲେ ଓଡ଼ିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ। 'ଉତ୍କଳ ଦୀପିକା' ତତ୍‌କଳୀନ ଓଡ଼ିଶାକୁ ସାମାଜିକ, ନୈତିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଥିଲା। ୧୮୩୮ ମସିହା ଜୁଲାଇ ୧୩ ତାରିଖରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ୨୦ଟଙ୍କା ବେତନ ପାଉଥିଲେ। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣୀ ଚାକିରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ କଟକରେ ପ୍ରିଣ୍ଟିଂ କମ୍ପାନି ଗଢ଼ିଥିଲେ। ୪ ଅଗଷ୍ଟ ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପାଖାପାଖି ୫୨ ବର୍ଷ ଧରି ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ଯେଉଁ ବର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷରେ ୧୦ ଲକ୍ଷ ଲୋକ ଅନାହାରରେ ମରିଥିଲେ। ଦୁର୍ଭିକ୍ଷ ଓ ପରବର୍ତ୍ତୀ ଭୟାବହତା ବିଷୟରେ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ନିୟମିତ ଭାବେ ଲେଖା ପ୍ରକାଶ କରି ଇଂରେଜ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରୀ ଚାକିରି କରିଥିଲେ ମଧ୍ୟ ସରକାରଙ୍କ ବିରୋଧରେ ଏଥିରେ ସ୍ୱର ଉତ୍ତୋଳନ କରିବାକୁ ସେ ପଛାଉ ନ ଥିଲେ। ସେ ନୀତିନିଷ୍ଠ ଏବଂ କର୍ମପ୍ରବଣ ବ୍ୟକ୍ତିତ୍ୱ ଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ। ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କର ବିଶେଷ ଗୁଣ। ୧୯୧୭ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଧରାକୁ ଖରା ଆସିଛି ଧାଇଁ





ସୁଜିତ କୁମାର ମିଶ୍ର

ଧରାକୁ ଖରା ଆସିଛି ଧାଇଁ
ଶୀତ ଲୁଚିଲା ପରେ,
ସୂରୁଜ ତେଜ ବଢ଼ି ଗଲାଣି
ମୂରୁଜ ବୁଣି ଧୀରେ ।
ଗଛ ପତର ପଡ଼ୁଛି ଝଡ଼ି
ଜେଜିମା ଦାନ୍ତ ପରି,
ଖରା ହସୁଛି ଖିଲିଖିଲିକା
ତାତିଲା ବେଶ ଧରି ।
ଘାସରେ ନାହିଁ କାକର ବିନ୍ଦୁ
ମାତିଲା ପରେ ଖରା,
କ୍ଷେତରୁ କିଏ ଚୋରି କରିଛି
ସବୁଜ ରଙ୍ଗ ଧାରା।
ପଙ୍ଖା, ବିଞ୍ଚଣା ଲୋଡ଼ା ହେଲାଣି
ତାତିରୁ ମୁକ୍ତି ପାଇଁ,
ଖରା ଧାରୁଆ ଛୁରୀ ପାଲଟି
ଦେଉଛି ପରା ଛୁଇଁ ।
ଖରା ଆସିଛି ବୋଲି ଶୁଖୁଛି
ପୋଖରୀ, ନଈ, ନାଳ
ଦେହରୁ ଝରେ ଦିନ ଓ ରାତି
ଯାତନା ଭରା ଝାଳ ।
ଖରାର କୋପ ବଢ଼ିଲେ ସିନା
ଲାଗଇ ଭାରି ଡର,
କଅଁଳ ଖରା ସୁଆଦ କିନ୍ତୁ
ଜୀବସାରର ଝର ।
ଲାଗୁଛି ସିନା ଖରା ଆସିଛି
ହୋଇ ତାତିର ବେଶ,
ସୁଖଦୁଃଖରେ ସାଥୀ ହେଉଛି
କିନ୍ତୁ ସେ ବର୍ଷ, ମାସ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

## ପ୍ରହେଳିକା



- ମାର୍ଚ୍ଚ ମାସ ଆଠ ତାରିଖ ଦିନ
ନାରୀଙ୍କୁ ଦିଅନ୍ତି ସର୍ବେ ସମ୍ମାନ
ନାରୀ ଯଶ କୀର୍ତ୍ତି ଓ ଅଧିକାର
ସମାନତା ପାଇଁ ହୁଏ ବିଚାର
ନାରୀଙ୍କ ବିକାଶ ପାଇଁ
ସେହି ଦିବସଟି ବିଶ୍ୱେ ପରିଚିତ
କୁହ'ତ ତା'ନାମ କେହି।
ଉତ୍ତର-ବିଶ୍ୱ ମହିଳା ଦିବସ

- ଝିଅ ବୋହୂ ଅବା ଗେହ୍ଲି ଭଉଣୀ
କେବେ ସାଜେ ପୁଣି ସହଧର୍ମିଣୀ
ମାଆ ସାଜି ସିଏ ମମତା ଦିଏ
ଆଈ ସାଜି ନିତି ଗପ ଶୁଣାଏ
ଶକ୍ତି ସ୍ୱରୂପିଣୀ ସିଏ
ଧର୍ମ ସଂସାରର ଚଳନ୍ତି ଦେବୀ ସେ
କୁହ ଦେଖି ସିଏ କିଏ।
ଉତ୍ତର-ନାରୀ

- ଯାହା କୋଳେ ଆମେ ଜନମ ନେଲୁ
ଯା'ର ହାତ ଧରି ଚାଲି ଶିଖିଲୁ
ଯିଏ ଶିଖାଇଲା କଥା କହିବା
ସିଲଟରେ ବ୍ରହ୍ମା ବିଷ୍ଣୁ ଲେଖିବା
ମମତାର ଝର ସିଏ
ନିଜେ ନ ଖାଇ ସେ ଆମକୁ ଖୁଆଏ
କୁହ ତା'ର ନାମ କିଏ।
ଉତ୍ତର-ମାଆ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଏକର କ୍ରମିକ ଯୋଗ



ଦୀନବନ୍ଧୁ ପୋଇ

ଏକ ଏକ ଦୁଇ
ମାଆ ପାଖରେ ବସି ତୁମେ
ଖାଅ ମୁଠେ ଖଇ।
ଦୁଇ ଏକ ତିନି
ଏବେଠୁ ଅଜା କମାଇ ଦିଅ
ଖାଉଥିଲେ ଚିନି।
ତିନି ଏକ ଚାରି
ଆମ ଗାଆଁରେ ନାହାନ୍ତି କେହି
ମୋ ଆଇଠୁ ସୁନ୍ଦରୀ।
ଚାରି ଏକ ପାଞ୍ଚ
ଜୀବନରେ ଦେବାନି ଆମେ
କାହାକୁ ଯେ ଲାଞ୍ଚ ।
ପାଞ୍ଚ ଏକ ଛଅ
ଅନ୍ଧ ଭିକାରି ଦେଖିଲେ ତୁମେ
ଭିକ ମୁଠେ ଦିଅ।
ଛଅ ଏକ ସାତ
ମିଛ ନୁହେଁ, କହିବା ଆମେ
ସବୁବେଳେ ସତ।
ସାତ ଏକ ଆଠ
ମନ ଦେଇ ପଢ଼ିବା ଆମେ
ଆମ ଓଡ଼ିଆ ପାଠ।
ଆଠ ଏକ ନଅ
ସୌରମଣ୍ଡଳେ କେତେ ଗ୍ରହ?
ଦେଖି ଗଣି ଦିଅ ।
ନଅ ଏକ ଦଶ
କାନ୍ଦୁଛି ଯିଏ ତା' ମୁହଁରେ
ଫୁଟାଇ ଦେବା ହସ।

ଚରଣରେଣୁ ନିବାସ
ଗୋରଡାପାଳ,
କରମୂଳ, ଢେଙ୍କାନାଳ

## ସୁମନ

# ହଳଦୀବସନ୍ତ ଓ ଲାଲ୍ଟୁ





ଶିବ ପ୍ରସାଦ ରାଉତ

ବସନ୍ତ ଋତୁ ଆସିଛି । କଅଁଳପତ୍ର ଓ ସୁନ୍ଦର ଫୁଲରେ ଗଛଗୁଡ଼ିକ ଲଦି ହୋଇଯାଇଛି। ନାନାଜାତିର ପକ୍ଷୀରେ ଭରିଯାଇଛି ଗାଁ ପରିବେଶ। ବସନ୍ତ ଋତୁରେ ତ ନାନାଜାତି ପକ୍ଷୀ ଅଣ୍ଡା ଦେଇଥାନ୍ତି। ଲାଲ୍ଟୁ ଗାଁ ପୋଖରୀ ପାର ହୋଇ ଚାଲୁଚାଲୁ ତୋଟା ଆରପଟେ ବୁଦୁବୁଦିକିଆ ବଣ ଆଡ଼େ ଚାଲି ଯାଇଥାଏ। ବୁଲି ବୁଲି ପ୍ରାକୃତିକ ପରିବେଶ, ଗଛପତ୍ର, ସୁନ୍ଦର ସୁନ୍ଦର ପକ୍ଷୀମାନଙ୍କୁ ଦେଖି ଖୁସି ହେଉଥାଏ। ସେ ବଣରେ ଅନ୍ୟ ଚଢ଼େଇଙ୍କ ସହ ହଳଦୀବସନ୍ତ ବି ସାହାଡ଼ା ଗଛ ଡାଳରେ ବସା କରି ଅଣ୍ଡା ଦେଇଥାଏ। କିଛିଦିନ ପରେ ଦୁଇଟା ଗୁଲୁଗୁଲିଆ ଛୁଆ ମଧ୍ୟ ଫୁଟାଇଥାଏ। ପିଲା ଦୁଇଟିକୁ ପାଇ ମା' ହଳଦୀବସନ୍ତ ଖୁସିରେ ଫାଟି ପଡୁଥାଏ। ହେଲେ ତା'ର ଦୁଃଖ ତା'ସାଥୀରେ ରହୁଥିବା ଅଣ୍ଡିରା ହଳଦୀବସନ୍ତଟା କୁଆଡ଼େ ଚାଲି ଯାଇଛି, ଆଉ ଫେରୁନି। ଏକା ଏକା ଛୁଆ ଦୁଇଟାକୁ ପାଳିବା ଭାରି କଷ୍ଟ ହେଉଛି। ନା ବସାରେ ରହି ପିଲାଙ୍କୁ ଜଗି ପାରୁଛି, ନା ଅଧାର ଖୋଜି ଆଣି ପିଲାଙ୍କ ପେଟ ପୁରାଇ ପାରୁଛି। ତଥାପି ସେ ଛୁଆଙ୍କୁ ବସାରେ ଛାଡ଼ିଦେଇ ଖାଦ୍ୟ ଖୋଜି ଯାଏ। ହେଲେ ଖାଦ୍ୟ କ'ଣ ମିଳିବା ଏତେ ସହଜ ! ସବୁ ପକ୍ଷୀ ତ ଏକାବେଳେ ଏ ବସନ୍ତ ଋତୁରେ ଛୁଆ ଫୁଟାଇ ଅଧାର ଖୋଜନ୍ତି ନା। ଏଣୁ ହଳଦୀବସନ୍ତ ଛୁଆଙ୍କୁ ବସାରେ ଛାଡ଼ି ଖାଦ୍ୟ ଅଣ୍ଟାଳି ଯାଏ । ହେଲେ ମନ ତା'ର ବସାରେ ଥାଏ । ଅଣ୍ଡିରା ହଳଦୀବସନ୍ତଟା ଥାଆନ୍ତା ସିନା... ।


ଦିନେ ହଳଦୀବସନ୍ତ ଦେଖିଲା, ଅନ୍ୟ ଗଛରୁ ସିନା ଫଳ, କୋଳି ସରିଯାଇଛି । ହେଲେ ଏ ଶଗଡ଼ବାଟୁଆ କୋଳି ଗଛରେ ତ ବହୁତ କୋଳି ପାଚିଛି । କେହି ପକ୍ଷୀ ଦେଖି ନାହାନ୍ତି ନା କ'ଣ ? ଏହାକୁ ନେଉନାହାନ୍ତି କାହିଁକି ? ଏମିତି ଭାବି ଭାବି ହଳଦୀବସନ୍ତ ଶଗଡ଼ବାଟୁଆ କୋଳି ଗଛରେ ବସି ଚାରି ପାଞ୍ଚଟା କୋଳି ପିଲାଙ୍କ ପାଇଁ ଧରିଛି କି ନାହିଁ, ଡାଳୁଆ ସାପଟା ଗଛଡାଳରେ ଥାଇ ମା' ହଳଦୀବସନ୍ତର ଲାଞ୍ଜକୁ କାମୁଡି ଧରିଲା । ଅଚାନକ ବିପଦରେ ପଡ଼ି ହଳଦୀବସନ୍ତ ଫଡ୍‌ଫଡ୍ ହେଉଥାଏ । ଚିଁ ଚିଁ ଶବ୍ଦ କରି ଡାଳୁଆ ସାପ କବଳରୁ ଖସିବାକୁ ଚେଷ୍ଟା କରୁଥାଏ । ସାପ ସହ ହଳଦୀବସନ୍ତଟା ତଳକୁ ଖସିପଡ଼ିଲା। ଲାଲଟୁ ସେହି ପାଖରେ ଥାଏ । ଫଡ୍‌ଫଡ୍ ଶବ୍ଦ ଶୁଣି ଚାହିଁ ଦେଖିଲା, ହଳଦୀବସନ୍ତଟା ତଳେ ପଡ଼ି ଛାଟିପିଟି ହେଉଛି । ଲାଲ୍ଟୁର ହଳଦୀବସନ୍ତ ଭାରି ପ୍ରିୟ । ଦୌଡ଼ିଗଲା ଲାଲ୍ଟୁ ହଳଦୀବସନ୍ତ ନିକଟକୁ । ସେ ନଇଁପଡ଼ି ହଳଦୀବସନ୍ତକୁ ତଳୁ ଉଠାଇବାକୁ ଚେଷ୍ଟା କଲା। ଲାଲ୍ଟୁ ସେ ପର୍ଯ୍ୟନ୍ତ ସାପଟାକୁ ଦେଖି ନ ଥିଲା । ସାପ ଅଚାନକ ହଳଦୀବସନ୍ତକୁ ଛାଡ଼ିଦେଇ ଲାଲଟୁର ହାତକୁ କାମୁଡ଼ି ଦେଲା । ଲାଲ୍ଟୁ ଚମକି ପଡିଲା, ହଳଦୀବସନ୍ତ ଉଡ଼ିଗଲା । ଦୌଡ଼ି ଦୌଡ଼ି ଲାଲ୍ଟୁ ହାତକୁ ମୁଠାଇ ଧରି ଘରକୁ ଧାଉଁଥାଏ । ହାତଟା ଜଳି ପୋଡ଼ି ଯାଉଛି । ଯନ୍ତ୍ରଣାରେ ଲାଲ୍ଟୁ ଚିତ୍କାର କରୁଥାଏ । ତାକୁ ଦେଖି ବାପା, ମା', କକା ଦୌଡ଼ି ଆସିଲେ, କ'ଣ ହେଲା ପଚାରିବାରୁ ଲାଲଟୁ କହିଲା,'ସାପ କାମୁଡ଼ି ଦେଲା।' ଜେଜେ ବାପା ପହଁଚି ଯାଇ କହିଲେ, "ଆରେ ଦେଖୁଛ କ'ଣ ହାତ ଉପରକୁ କରି ବାନ୍ଧିଦିଅ, ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଇଯାଅ। ଡାକ୍ତରଙ୍କ ପାଖକୁ ଯାଇ ପରୀକ୍ଷା କରି ଔଷଧ, ଇଞ୍ଜେକସନ୍ ନେବାରୁ ଲାଲଟୁ ସୁସ୍ଥ ହୋଇଗଲା। ଘରକୁ ଫେରିଲା ଓ ସବୁ କଥା କହିଲା। ଘରେ ବାପା ସମସ୍ତଙ୍କ ଆଗରେ ଲାଲ୍‌ଟୁକୁ ପ୍ରଶଂସା କରି କହିଲେ,'ଲାଲଟୁ ଭଲ କାମଟିଏ କଲୁ। ତୋ ପାଇଁ ହଳଦୀବସନ୍ତ ବଞ୍ଚିଗଲା। ସବୁ ଜୀବଜନ୍ତୁଙ୍କୁ ଦୟା ଦେଖାଇବା ଉଚିତ। ହେଲେ ଟିକେ ସର୍ତକ ରହିବା କଥା ନା। ବୁଝି ବିଚାରି କାମ କଲେ, ପ୍ରମାଦ ନ ପଡ଼ଇ ଭଲେ"।

ବଚ୍ଛଦା, ବାସୁଦେବପୁର, ଭଦ୍ରକ






ସ୍ମିତି ସଂସ୍କୃତି
ଦ୍ୱିତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା, ପୁରୀ







ପ୍ରଜ୍ଞାରାଣୀ ଦଳାଇ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା, କଟକ





ଅଲିଭାରାଣୀ ପାତ୍ର
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ





ସାଇ ନମ୍ରତା ମହାପାତ୍ର
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ

# ଟି-୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ହରାଇନି ଭାରତ

ନୂଆଦିଲ୍ଲୀ,୬।୩ (ଏଜେନ୍ସି): ଟି-୨୦ ବିଶ୍ୱକପରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ଥର ମୁକାବିଲା ହୋଇଛି। ଏ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟ ହାସଲ କରିଛି। ଏଥର ବିଶ୍ୱକପ୍ ଫାଇନାଲ ମୁକାବିଲା ଚତୁର୍ଥ ମ୍ୟାଚ୍ ହେବ। ଏଥିରେ କିଏ ବିଜୟୀ ହେବ ତାହା ମାର୍ଚ୍ଚ ୮ ରେ ଜଣାପଡ଼ିବ।

ଉଭୟଙ୍କ ମଧ୍ୟରେ ମୋଟ ୩୦ଟି ଟି-୨୦ ମୁକାବିଲା ହୋଇଛି। ଏହା ମଧ୍ୟରୁ ଭାରତ ୧୮ଟିରେ ଓ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ଭାରତୀୟ ମାଟିରେ ଭାରତ ୧୧ଟି ମ୍ୟାଚ୍ ଜିତିଥିଲାବେଳେ ନ୍ୟୁଜିଲାଣ୍ଡ ମାତ୍ର ୪ଟିରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡରେ ମଧ୍ୟ ଭାରତ ୭ଟିରେ ଜିତିଛି ଓ ୫ଟିରେ ହାରିଛି। ବିଶ୍ୱକପ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ଭାରତର ରେକର୍ଡ ଭଲ ରହିଛି। ତେବେ ଫାଇନାଲ ମ୍ୟାଚ୍ ହେଉଛି ସ୍ୱତନ୍ତ୍ର। ଏଥିରେ ଚାପକୁ ମୁକାବିଲା କରିପାରୁଥିବା ଦଳ ହିଁ ବିଜୟୀ ହେବ ବୋଲି ଧରିନେବାକୁ ପଡ଼ିବ।


ଅହମ୍ମଦାବାଦରେ ପହଞ୍ଚିଲେ (ବାମରୁ) ସଞ୍ଜୁ ସାମସନ୍, ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟା

**୨୦୦୭:** ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ଏହି ସଂସ୍କରଣର ସୁପର ଏଇଟ୍‌ରେ ନ୍ୟୁଜିଲାଣ୍ଡ ୧୦ ରନ୍‌ରେ ଜିତିଥିଲା। ୧୯୧ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ଏକଦା ବିନା ୱିକେଟରେ ୭୬ ରନ୍ କରିଥିଲା। ଏହି ସମୟରେ ବାମହାତୀ ସ୍ପିନର ଡାନିଏଲ ଭିଟୋରୀ ୪ ୱିକେଟ ନେବା ଫଳେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ଓ ମ୍ୟାଚ୍ ହାରିଯାଇଥିଲା।

**୨୦୧୬:** ବିଶ୍ୱକପ୍‌ରେ ୯ ବର୍ଷ ପରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଘରୋଇ ମାଟିରେ ଖେଳିଥିଲା ଭାରତ। ଏଥିରେ ମିଚେଲ ସାଣ୍ଟନର ଓ ଇସ୍ ସୋଧିଙ୍କ ସ୍ପିନ୍‌କୁ ଉଚିତ ମୁକାବିଲା କରି ନ ପାରି ଭାରତ ୪୭ ରନ୍‌ରେ ହାରିଥିଲା।୧୨୮ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ୭୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

**ଟି-୨୦ ବିଶ୍ୱକପ୍ ଫାଇନାଲ୍**
**ଭାରତ - ନ୍ୟୁଜିଲାଣ୍ଡ**
ଭେନ୍ୟୁ: ଅହମ୍ମଦାବାଦ
ତାରିଖ : ମାର୍ଚ୍ଚ ୮
ଖେଳ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**୨୦୨୧:** କର ଅବା ମର ମ୍ୟାଚ୍‌ରେ ଭାରତୀୟ ବ୍ୟାଟରଙ୍କଠାରୁ ଆଉ ଏକ ଫ୍ଲପ୍ ଶୋ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ଟ୍ରେଣ୍ଟ ବୋଲ୍ଟ ଓ ଇସ୍ ସୋଧିଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ୭ ୱିକେଟରେ ୧୧୦ ରନ୍‌ରେ ସୀମିତ ରହିଥିଲା। ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌କୁ ୮ ୱିକେଟରେ ଜିତିନେଇଥିଲା।

**୨୦୨୬:** ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ସେହିପରି ଇଂଲଣ୍ଡକୁ କଷ୍ଟେମଷ୍ଟେ ହରାଇ ଭାରତ ଟାଇଟଲ ରକ୍ଷା ଅଭିଯାନରେ ରହିଛି।

## ରିଚାର୍ଡ-ଆଲେକ୍ସ ଫାଇନାଲ୍‌ର ଅମ୍ପାୟାର

ଅହମ୍ମଦାବାଦ, ୬।୩ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରାଣ୍ଡଫାଇନାଲ ମ୍ୟାଚ୍ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ଟାଇଟଲ୍ ଲଢ଼େଇ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା କରାଯାଇଛି। ଦୁଇ ଇଂଲିଶ ଅଫିସିଆଲ୍ ରିଚାର୍ଡ ଇଲିଙ୍ଗୱର୍ଥ ଓ ଆଲେକ୍ସ ୱର୍ଫ ଫିଲ୍ଡ ଅମ୍ପାୟାର ଦାୟିତ୍ୱ ତୁଲାଇବେ। ସେହିଭଳି ଆଣ୍ଡି ପେକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି। ୬୨ ବର୍ଷୀୟ ଇଲିଙ୍ଗୱର୍ଥଙ୍କ ଏହା କ୍ରମାଗତ ୨ୟ ଟି-୨୦ ବିଶ୍ୱକପ୍ ଫାଇନାଲ ହେବ। ଏଥିପୂର୍ବରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବାର୍ବାଡସରେ ଅନୁଷ୍ଠିତ ଗତ ୨୦୨୪ ସଂସ୍କରଣ ଫାଇନାଲରେ ନ୍ୟୁଜିଲାଣ୍ଡର କ୍ରିସ୍ ଗଫାନୀଙ୍କ ସହ ମିଶି ଇଲିଙ୍ଗୱର୍ଥ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଇଲିଙ୍ଗୱର୍ଥ ମଧ୍ୟ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଓ ୨୦୨୫ରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଫିଲ୍ଡ ଅମ୍ପାୟାର ଭୂମିକା ତୁଲାଇଥିଲେ। ଅପରପକ୍ଷରେ ୫୦ ବର୍ଷୀୟ ଆଲେକ୍ସଙ୍କ ଏହା ପ୍ରଥମ ସିନିଅର ଆଇସିସି ବିଶ୍ୱକପ ଫାଇନାଲ ହେବ। ଉଲ୍ଲେଖଯୋଗ୍ୟ, ଆଲେକ୍ସ ଓ ଇଲିଙ୍ଗୱର୍ଥ ଉଭୟ ଚଳିତ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଫିଲ୍ଡ ଅମ୍ପାୟାର ରହିଥିଲେ।

## ଉଦ୍ଧାର ପାଇଁ ରୋନାଲ୍ଡୋଙ୍କୁ ଅନୁରୋଧ କଲେ ହୋସେନ୍

ଅହମ୍ମଦାବାଦ, ୬।୩ (ଏଜେନ୍ସି): ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରୁ ବିଦାୟ ନେଇସାରିଛି। ସୁପର-୮ ପର୍ଯ୍ୟାୟ ଶେଷ ହେବାର ୬ ଦିନ ବିତିଗଲାଣି। କିନ୍ତୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ୱେଷ୍ଟଇଣ୍ଡିଜ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ନ ପାରି ଭାରତରେ ଫସିରହିଛନ୍ତି। ଘରକୁ ଫେରି ନ ପାରି ଖେଳାଳିମାନେ କେଉଁଭଳି ହତୋତ୍ସାହିତ ହୋଇପଡ଼ିଛନ୍ତି ତାହାକୁ ୱେଷ୍ଟଇଣ୍ଡିଜର ମୁଖ୍ୟ କୋଚ୍ ଡାରେନ ସାମି ଦିନକ ତଳେ ସୋସିଆଲ ମିଡିଆରେ ପୋଷ୍ଟ କରି ବର୍ଣ୍ଣନା କରିଛନ୍ତି। ଏବେ ସ୍ପିନ ବୋଲିଂ ଅଲରାଉଣ୍ଡର ଆକିଲ ହୋସେନ ପାଦେ ଆଗକୁ ଯାଇ ଘରକୁ ଫେରିବା ଲାଗି ଫୁଟ୍‌ବଲ କିମ୍ବଦନ୍ତୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହାୟତା ଲୋଡ଼ିଛନ୍ତି। ହୋସେନ ସୋସିଆଲ୍ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ହୋସେନ ଲେଖିଛନ୍ତି ଯେ 'ବର୍ତ୍ତମାନ ସ୍ଥିତିରେ



ମୁଁ କ୍ରିଷ୍ଟିଆନ ରୋନାଲ୍ଡୋଙ୍କୁ ବିମାନ ପଠାଇବା ଲାଗି କହିବି, ଆମକୁ ଉଦ୍ଧାର କର..'। ପ୍ରକାଶଯୋଗ୍ୟ, ମଧ୍ୟପ୍ରାଚ୍ୟ ବିବାଦ ଲାଗି ରହିଥିବାବେଳେ ଦୁବାଇରେ ପରିବାର ସହ ଫସିଥିବା ରୋନାଲ୍ଡୋ ନିକଟରେ ନିଜସ୍ୱ ଫ୍ଲାଇଟ୍‌ରେ ସୁଇଜରଲାଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲେ। କୋଲକାତାରେ ଫସି ରହିଥିବା ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ଲାଗି ଆଇସିସି ପକ୍ଷରୁ ଏକ ଚାର୍ଟାର୍ଡ ଫ୍ଲାଇଟ୍‌ର ଆୟୋଜନ କରାଯାଇଛି। ଟ୍ରାଫିକର ଅନୁମତି ମିଳିଲେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସେମାନେ ଭାରତ ଛାଡିବେ ବୋଲି ଆଶା କରାଯାଉଛି। ସାମିଙ୍କ ପୋଷ୍ଟ ଓ ହୋସେନଙ୍କ ଅନୁରୋଧ ପରେ ଖେଳାଳିମାନେ କିଭଳି ମାନସିକ ସ୍ଥିତିରେ ରହିଛନ୍ତି ତାହାର ସ୍ପଷ୍ଟ ସୂଚନା ମିଳିଛି। ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଲାଗି ଏଭଳି ଏକ ଯୋଜନା ହୋଇଛି। ଇଥିଓପିଆ ବାଟ ଦେଇ ଜିମ୍ବାୱେର କିଛି ଖେଳାଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ହୋଟେଲ ଓ ଡ୍ରେସିଂ ରୁମ୍ ବଦଳାଇଲା ଟିମ୍ ଇଣ୍ଡିଆ

ଅହମ୍ମଦାବାଦ୍, ୬।୩(ଏଜେନ୍ସି): ଦୁର୍ଭାଗ୍ୟ ହେଉ କିମ୍ବା ସଂଯୋଗ ଟିମ୍ ଇଣ୍ଡିଆ ପୂର୍ବରୁ ରହୁଥିବା ହୋଟେଲ ବଦଳାଇଛି। ୨୦୨୩ ନଭେମ୍ବର ୧୯ରେ ଅଷ୍ଟ୍ରେଲିଆ ସହ ଏଠାରେ ଦିନିକିଆ ବିଶ୍ୱକପ୍ ଫାଇନାଲ ମୁକାବିଲା ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଜିତିଥିବା ଭାରତ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରିଥିଲା। ସେହିପରି ଏବେ ଟି-୨୦ ବିଶ୍ୱକପ୍‌ରେ ଭାରତ କ୍ରମାଗତ ୯ଟି ମ୍ୟାଚ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ସହ ଫେବୃଆରୀ ୨୬ ତାରିଖରେ ଏଠାରେ ଲିଗ୍ ମ୍ୟାଚ୍ ଖେଳିଥିଲା। ଏଥିରେ ମଧ୍ୟ ଭାରତ ହାରିଥିଲା। ୧ ଲକ୍ଷ ୩୦ ହଜାର ଦର୍ଶକ ବସିପାରୁଥିବା ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତର ବିଜୟଧାରା ଦୁଇଥର ଭାଙ୍ଗିଛି। ଭାରତ ଏଠାରେ ଦୁଇଥରଯାକ ଆଇଟିସି ନର୍ମଦା ହୋଟେଲରେ ରହିଥିଲା। ଏଥର କିନ୍ତୁ ଦଳ ତାଜ୍ ସ୍କାଇ ଲାଇନ୍‌ରେ ରହୁଛି। ସେହିପରି ଘରୋଇ ଦଳ ଲାଗି ଷ୍ଟାଡିୟମ୍‌ରେ ଥିବା ଡ୍ରେସିଂ ରୁମ୍‌ରେ ବସିବ ନାହିଁ ବୋଲି ସୂଚନା ମିଳିଛି। ଭ୍ରମଣକାରୀ ଟିମ୍ ଲାଗି





ପ୍ରସ୍ତୁତ ଡ୍ରେସିଂ ରୁମ୍‌ରେ ଟିମ୍ ଇଣ୍ଡିଆ ବସିବ ବୋଲି ସ୍ଥିର ହୋଇଛି। କ୍ରମାଗତ ଦୁଇଥର ଦଳର ବିଜୟଧାରା ଭାଙ୍ଗିଥିବାରୁ ଏଠାରେ ମାନସିକ ଭାବେ ଖେଳାଳିଙ୍କୁ ଫିଟ୍ ଓ ସୁସ୍ଥ ରଖିବା ଲାଗି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଉଛି। ନିକଟରେ ମୁମ୍ବଇରେ ଘଟିଥିବା ଏକ ଘଟଣା ଟିମ୍ ଇଣ୍ଡିଆର ମାନସିକତାକୁ ହୋଟେଲ ଓ ଡ୍ରେସିଂ ରୁମ୍ ବଦଳାଇବାକୁ ପ୍ରୋତ୍ସାହିତ କରିଛି ବୋଲି କୁହାଯାଉଛି। ମୁମ୍ବଇରେ ଚନ୍ଦ୍ରଗ୍ରହଣ ଛାଡ଼ିବା ପରେ ଖେଳାଳିମାନେ ଅଭ୍ୟାସ କରିବାକୁ ଆସିଥିଲେ। ଏହା ଏକ ଅନ୍ଧବିଶ୍ୱାସ ବୋଲି କୁହାଯାଉଛି।

ଆଉ ଏକ ସୂତ୍ରରୁ ଜଣାଯାଇଛି ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଲାଗି ଆଇସିସି ଦୁଇଟି ହୋଟେଲ ଆଇଟିସି ନର୍ମଦା ଓ ତାଜ୍ ସ୍କାଇଲାଇନ୍‌ରେ ହୋଟେଲ ବୁକ୍ କରିଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିବାରୁ ଏହାକୁ ନର୍ମଦାରେ ରଖାଯାଇଥିଲା। ଏହା ଫଳରେ ଟିମ୍ ଇଣ୍ଡିଆକୁ ତାଜ୍‌ରେ ରହିବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା। ଡ୍ରେସିଂ ରୁମ୍ ବଦଳ କରିଥିବା ରିପୋର୍ଟ ଆସିଛି। ମ୍ୟାଚ୍ ବେଳକୁ ଏହା ବଦଳ ହୋଇଛି କି ନାହିଁ ତାହା ଜଣାପଡ଼ିବ।

## ଫାଇନାଲରେ ଅଭିଷେକ ନା ରିଙ୍କୁ?

ମୁମ୍ବଇ,୬।୩(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତ ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ମୁକାବିଲାଟି ମାର୍ଚ୍ଚ ୮ ତାରିଖରେ ଖେଳାଯିବ। ଏହି ଫାଇନାଲ ପୂର୍ବରୁ ଦଳରେ ୧୧ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେବା ଲାଗି ସମର୍ଥକ ଦାବି କରିଛନ୍ତି। ଏହି ଦାବିର କଥା ହେଲା, ଫାଇନାଲରେ ଭାରତ ଫ୍ଲପ୍ ଓପନର ଅଭିଷେକ ଶର୍ମାଙ୍କୁ ଖେଳାଇବ ନା ରିଙ୍କୁ ସିଂଙ୍କୁ ସୁଯୋଗ ଦେବ। ଏହାକୁ ନେଇ ଏବେ ସମର୍ଥକଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଢ଼େର ବିତର୍କ ଆରମ୍ଭ ହୋଇଯାଇଛି।





ଏହାର କାରଣ ହେଲେ ଅଭିଷେକଙ୍କ ଫର୍ମ। ଆହତ ସମସ୍ୟାକୁ ଫେରିବା ପରେ ଅଭିଷେକ ଏଯାଏ ୮ଟି ମ୍ୟାଚ୍ ଖେଳିସାରିଲେଣି। ଏହି ୮ଟି ମ୍ୟାଚ୍‌ରେ ସେ ମାତ୍ର ୮୯ ରନ୍ କରିବାରେ ସମର୍ଥ ହୋଇଛନ୍ତି। ମ୍ୟାଚ୍ ପ୍ରତି ହାରହାରି ରନ୍ ହେଲା ୧୨.୭୧। ଗତ ୮ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୦, ୦, ୦, ୧୫, ୫୫, ୧୦ ଓ ୯ ରନ୍ କରିଛନ୍ତି। ଜିମ୍ବାୱେ ବିପକ୍ଷରେ ସେ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଭଳି ଫର୍ମରେ ତାଙ୍କୁ ଫାଇନାଲ ମ୍ୟାଚ୍‌ରେ ନ ଖେଳାଇବାକୁ କିଛି ସମର୍ଥକ ସୋସିଆଲ ମିଡିଆରେ ଦାବି କରିଛନ୍ତି। ସେମାନଙ୍କ କହିବା କଥା ହେଲା ନ୍ୟୁଜିଲାଣ୍ଡ ଦଳ ଅଭିଷେକଙ୍କୁ କିପରି ସହଜରେ ଆଉଟ କରିହେବ ତାହାର ସୂତ୍ର ପାଇସାରିଛନ୍ତି। ଏଣୁ ସେ ଆଦୌ ପ୍ରଭାବ ବିସ୍ତାର କରିପାରିବେ ନାହିଁ। ତାଙ୍କ ବଦଳରେ ରିଙ୍କୁ ସିଂଙ୍କୁ ଫାଇନାଲ ମ୍ୟାଚ୍‌ରେ ଖେଳାଇବାକୁ ଦାବି କରାଯାଇଛି। ଭାରତୀୟ ସମାଜ ଓ ଟିମ୍ ଇଣ୍ଡିଆର ମନୋଭାବ ପ୍ରାୟ ସମାନ। ଏମାନେ କୌଣସି ବିଜୟୀ ଦଳକୁ ଅଲଗା କରିବାକୁ ଚାହିଁବେ ନାହିଁ। ଏହାର କିପରି ଭରଣା କରିହେବ ତାହା ଉପରେ ବରଂ ଗୁରୁତ୍ୱ ଦେବେ କିନ୍ତୁ ଅଭିଷେକଙ୍କୁ ଫାଇନାଲରେ ଖେଳାଇବେ। ସେହିପରି କୁଲଦୀପ ଯାଦବ ମଧ୍ୟ ଫାଇନାଲରେ ଖେଳିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

## ୨୫ରୁ ଛତିଶଗଡ଼ରେ ପ୍ରଥମ କେଆଇଟିଜି

ରାଇପୁର, ୬।୩ (ଏଜେନ୍ସି): ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ (କେଆଇଟିଜି)ର ପ୍ରଥମ ସଂସ୍କରଣ ଛତିଶଗଡ଼ରେ ମାର୍ଚ୍ଚ ୨୫ରୁ ଆରମ୍ଭ ହେବ। ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଆଦିବାସୀ କ୍ରୀଡ଼ା ଛତିଶଗଡ଼ର ୩ଟି ସହର ରାଇପୁର, ଜଗଦଲପୁର ଓ ସରଗୁଜାରେ ଆୟୋଜିତ ହେବ। ଆଥ୍‌ଲେଟିକ୍ସ, ଫୁଟବଲ, ହକି, ଭାରୋତ୍ତୋଳନ, ତୀରନ୍ଦାଜୀ, ସନ୍ତରଣ ଓ ରେସଲିଂ ଭଳି ୭ଟି କ୍ରୀଡ଼ାରେ ପଦକ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ମାଲଖମ୍ବ ଓ କବାଡ଼ିରେ ପଦକ ପ୍ରଦାନ କରାଯିବ ନାହିଁ। ଏହା କେବଳ ପ୍ରଦର୍ଶନୀ କ୍ରୀଡ଼ା ହେବ। ପାଖାପାଖି ୨ ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟର ଖେଳାଳିମାନେ ଅଂଶଗ୍ରହଣ କରିବେ। ଆଦିବାସୀ ସମ୍ପ୍ରଦାୟରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି।

## ୟୁରୋପିଆନ ଲିଗ୍‌ରେ ଦଳ କିଣିବେ ଦ୍ରାବିଡ-ଅଶ୍ୱିନ

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): କ୍ରିକେଟ୍‌ରୁ ଅବସର ନେଇ ସାରିଥିବା ଦୁଇ ଭାରତୀୟ ମହାନ ଖେଳାଳି ରାହୁଲ ଦ୍ରାବିଡ୍ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଏବେ ନୂଆ ଭୂମିକାରେ ଦେଖିବାକୁ ମିଳିବ। ୟୁରୋପିଆନ ଟି-୨୦ ପ୍ରିମିଅର ଲିଗ୍‌ରେ ଦ୍ରାବିଡ୍ ଓ ଅଶ୍ୱିନ ଏକାଠି ମିଶି ଦଳ କିଣିବେ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଏକ ଭାରତୀୟ କମ୍ପାନୀ ସହ ମିଶି ଉଭୟ ସ୍କଟଲାଣ୍ଡର ଗ୍ଲାସଗୋ ଟିମ୍‌କୁ କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଛ' ଦଳୀୟ ୟୁରୋପିଆନ ପ୍ରିମିଅର ଲିଗ୍ ଆଗାମୀ ଗ୍ରୀଷ୍ମ ଋତୁରେ ଆରମ୍ଭ ହେବ। ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ଫାଫ୍ ଡୁ ପ୍ଲେସିସ, ହେନରିଚ କ୍ଲାସେନ ଓ ଜଣ୍ଟି ରୋଡ୍ସ ମଧ୍ୟ ମିଳିତ ଭାବେ ଏହି ଲିଗ୍‌ରେ ଅନ୍ୟ ଏକ ଟିମ୍ କିଣିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଚଳିତ ମାସ ଶେଷ ଭାଗରେ ନୂଆ ଫ୍ରାଞ୍ଚାଇଜ ଓ ଏହାର ମାଲିକଙ୍କ ନାମ ଘୋଷଣା କରାଯିବ। ଦ୍ରାବିଡ୍ ୨୦୦୩ରେ ଇଂଲଣ୍ଡର ଦିନିକିଆ ଘରୋଇ ଟୁର୍ଣ୍ଣାମେଣ୍ଟରେ ଏକ ସ୍କଟିଶ ଟିମ୍ ପକ୍ଷରୁ ୧୧ଟି ମ୍ୟାଚ୍ ଖେଳୁଥିଲେ। ଅଶ୍ୱିନ ମାଲିକ ଭାବେ ନିଜ ଦଳ ପକ୍ଷରୁ ଖେଳିବାର ଚର୍ଚ୍ଚା ଜୋର ଧରିଛି।

## ଆଇପିଏଲ୍-୧୯ : ସିଏସକେ, ଏମଆଇ ଜର୍ସି ଉନ୍ମୋଚିତ

ଚେନ୍ନଇ, ୬।୩ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ପୂର୍ବରୁ ଶୁକ୍ରବାର ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)ର ଜର୍ସି ଉନ୍ମୋଚିତ ହୋଇଯାଇଛି। ଅଧିନାୟକ ଋତୁରାଜ ଗାଏକଓ୍ୱାଡଙ୍କ ସମେତ ବ୍ୟାଟର ଆୟୁଷ ମହାତ୍ରେ, ଏମ୍‌ଡି ଓ ସିଇଓ ଶିନୁ ଅଗରୱାଲ ଚେୟାରମ୍ୟାନ ଧୀରଜ ହିନ୍ଦୁଜା ପ୍ରମୁଖଙ୍କ ଉପସ୍ଥିତିରେ ଚେନ୍ନଇରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଏସକେ ଜର୍ସି ଉନ୍ମୋଚନ କରାଯାଇଥିଲା। ଅଫିସିଆଲ୍ ପ୍ରାୟୋଜକ 'ଅଶୋକ ଲିଲାଣ୍ଡ'ର ଲୋଗୋ ସିଏସକେ ଜର୍ସିର ଛାତିର ଡାହାଣ ପାର୍ଶ୍ୱରେ ରହିଛି। ସିଏସକେ ଦଳ ଗତ ସପ୍ତାହରୁ ଏହା ପ୍ରି-ସିଜନ କ୍ୟାମ୍ପ ଆରମ୍ଭ କରିସାରିଛି। ଯେଉଁଥିରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସାମିଲ ହୋଇଛନ୍ତି। ଅପରପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଚିରାଚରିତ ନୀଳ ରଙ୍ଗକୁ ବଜାୟ ରଖିଛି। ଜର୍ସିର ଚତୁଃପାର୍ଶ୍ୱରେ ଗୋଲ୍ଡେନ ରଙ୍ଗର ପଟ ରହିଛି। ମାର୍ଚ୍ଚ ୧୨ରୁ ମୁମ୍ବାଇ ଏହାର ପ୍ରି-ସିଜନ କ୍ୟାମ୍ପ ଆରମ୍ଭ କରିବ ବୋଲି ଜଣପଡ଼ିଛି।





**ଆଇଏସ୍ଏଲ୍-୧୨: ଓଡ଼ିଶା ଏଫ୍‌ସିର ପ୍ରଥମ ପରାଜୟ**

# ମୋହନ ବାଗାନର ୪ର୍ଥ ବିଜୟ

କୋଲକାତା, ୬।୩ (ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ ପ୍ରଥମ ପରାଜୟବରଣ କରିଛି। ଶୁକ୍ରବାର ସନ୍ଧ୍ୟାରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଏକପାଖିଆ ମୁକାବିଲାରେ ଘରୋଇ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ୫-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ହରାଇଦେଇଛି। ଅଷ୍ଟ୍ରେଲୀୟ ଷ୍ଟ୍ରାଇକର ଜେମି ମ୍ୟାକ୍‌ଲରେନ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇ ମୋହନ ବାଗାନକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେମି ମ୍ୟାଚର ପ୍ରଥମାର୍ଦ୍ଧରେ ୩ଟି (୧୪ତମ, ୨୪ତମ ଓ ୪୫+୨ତମ ମିନିଟ୍) ଓ ଦ୍ୱିତୀୟାର୍ଦ୍ଧ (୮୮ତମ)ରେ ଆଉ ଏକ ଗୋଲ୍ ଦେଇଥିଲେ।



ଆଲବର୍ଟ ରୋଡ୍ରିଗ୍ସ ମୋହନ ବାଗାନ ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଅପରପକ୍ଷରେ ୪୩ତମ ମିନିଟରେ ଭ୍ରମଣକାରୀ ଓଡ଼ିଶା ଏଫ୍‌ସି ପକ୍ଷରୁ ରହିମ ଅଲି ଏକମାତ୍ର ଗୋଲଟି ଶୁଝି ଦେଇଥିଲେ।

ଚଳିତ ସିଜନରେ ମୋହନ ବାଗାନର ଏହା ୪ର୍ଥ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ମୋଟ୍ ୧୨ ପଏଣ୍ଟ ସହ ମୋହନ ବାଗାନ ୧୪ ଦଳୀୟ ଟେବଲ୍ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଓଡ଼ିଶା ଏଫ୍‌ସିର ଏହା ୩ୟ ମ୍ୟାଚରୁ ପ୍ରଥମ ପରାଜୟ। ଅନ୍ୟ ଦୁଇଟି ମ୍ୟାଚ୍ ଡ୍ର ରଖିଥିବା ଓଡ଼ିଶା ୨ ପଏଣ୍ଟ ପାଇ ୧୦ମ ସ୍ଥାନକୁ ଖସିଯାଇଛି। ଓଡ଼ିଶା ଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ମାର୍ଚ୍ଚ ୧୩ରେ ସ୍ପୋର୍ଟିଂ ଦିଲ୍ଲୀକୁ ଭେଟିବ।

**ଭାରତ-ଅଷ୍ଟ୍ରେଲିଆ ଏକମାତ୍ର ମହିଳା ପିଙ୍କବଲ୍ ଟେଷ୍ଟ**

# ପ୍ରଥମ ଦିବସରେ ୧୩ ୱିକେଟ୍ ପତନ

ପର୍ଥ, ୬।୩(ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ୪ ଦିବସୀୟ ପିଙ୍କବଲ୍ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ପର୍ଥରେ ଆରମ୍ଭ ହୋଇଛି। ୱାକା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ୧୩ଟି ୱିକେଟ୍ ପତନ ଘଟିଛି। ଘରୋଇ ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୬ଷ୍ଠ ଓଭରରେ ନିର୍ଭରଯୋଗ୍ୟ ବ୍ୟାଟର ସ୍ମୃତି ମନ୍ଧାନା (୪ ରନ)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଭାରତ ୬୨.୪ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେମିମା ରୋଡ୍ରିଗ୍ସ ୮୪ ବଲରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା ୩୫, ପ୍ରତୀକା ରାୱଲ ୧୮, ଅଧିନାୟିକା ହରମନପ୍ରୀତ୍ କୌର ୧୯, ଦୀପ୍ତି ଶର୍ମା ୭, ରିଚା ଘୋଷ ୧୧, ସ୍ନେହ ରାଣା ୫, ଶାୟଲୀ ସତଘରେ ୭, କ୍ରାନ୍ତି ଗୌଡ଼ ୧ ରନ କରିଥିଲେ। ତେବେ ୯ମ ସ୍ଥାନରେ ଆସିଥିବା କାଶଭୀ ଗୌତମ ଅପରାଜିତ ୩୪ ରନର ପାଳି ଖେଳିବା ଯୋଗୁ ଭାରତ ସ୍କୋର ୨୦୦ ରନ ନିକଟତର ହୋଇପାରିଥିଲା।



ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୪, ଲୁସି ହାମିଲଟନ ୩, ଡାରସି ବ୍ରାଉନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ପ୍ରଥମ ଦିନ ଷ୍ଟମ୍ପ ସୁଦ୍ଧା ୨୭ ଓଭରରେ ୩ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଛି। ଏଲିସେ ପେରୀ ୪୩ ଓ ସଦରଲାଣ୍ଡ ୨୦ ରନ କରି ଅପରାଜିତ ରହିଛନ୍ତି। ଅଧିନାୟିକା ଆଲିସା ହେଲୀ ୧୩, ଫୋଏବ ଲିଚଫିଲ୍ଡ ୯ ଓ ଜର୍ଜିଆ ଭଲ୍ ୨ ରନରେ ଆଉଟ ହୋଇଛନ୍ତି। ସାୟଲୀଙ୍କୁ ୨ଟି ଓ କ୍ରାନ୍ତିଙ୍କୁ ଗୋଟିଏ ୱିକେଟ ମିଳିଛି। ବଳକା ୭ ୱିକେଟରେ ଅଗ୍ରଣୀ ଲାଗି ଅଷ୍ଟ୍ରେଲିଆ ଆଉ ୧୦୩ ରନ ଆବଶ୍ୟକ କରୁଛି।

### ୪ ଭାରତୀୟଙ୍କ ପଦାର୍ପଣ

ଏହି ମ୍ୟାଚ୍ ଖେଳି ୪ଜଣ ଭାରତୀୟ ମହିଳା କ୍ରିକେଟର୍ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି। ସେମାନେ ହେଲେ ୩ ଦ୍ରୁତ ବୋଲର କାଶଭୀ ଗୌତମ, କ୍ରାନ୍ତି ଗୌଡ଼ ଓ ସାୟଲୀ ସତଘରେ ଏବଂ ବ୍ୟାଟର ପ୍ରତିକା ରାୱଲ। ସାୟଲୀ ପୂର୍ବରୁ ୩ଟି ଦିନିକିଆ, କାଶଭୀ ୬ଟି ଦିନିକିଆ, କ୍ରାନ୍ତି ୧୭ଟି ଦିନିକିଆ ଓ ୬ଟି ଟି-୨୦ ଏବଂ ପ୍ରତୀକା ୨୭ଟି ଦିନିକିଆ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। କିନ୍ତୁ ଏମାନେ କେହି ଟେଷ୍ଟ ସୁଯୋଗ ପାଇ ନ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS